
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୦୭ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 JULY 2022
Vol.No. 35 ■ No. 175 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫଖାତାର ଚିତ୍ର
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

## ପ୍ରକାଶ ପାଇଲା ମାଟ୍ରିକ ରେଜଲ୍ଟ : ପାସ୍ ହାର ୯୦.୫୫%

ଭୁବନେଶ୍ୱର,୦୬/୦୭ (ନି.ପ୍ର): ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ୍ ରେଜଲ୍ଟ। ଚଳିତ ବର୍ଷ ମାଟ୍ରିକ୍ ପାସ୍ ହାର ୯୦.୫୫% ରହିଛି। ଚଳିତ ବର୍ଷ ମୋଟ ୫ ଲକ୍ଷ ୨୬ ହଜାର ୮୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫,୧୭,୮୪୭ ଜଣ ପାସ୍ କରିଥିବା ବେଳେ ୮,୬୯୯ ଜଣ ଫେଲ୍ ହୋଇଛନ୍ତି। ଛାତ୍ରଙ୍କ ଠାରୁ ଛାତ୍ରୀ ଆଗୁଆ ରହିଛନ୍ତି। ୨, ୫୬, ୮୭୭ ଛାତ୍ର ପାସ୍ କରିଥିବା ବେଳେ ପାସ୍ କରିଥିବା ଛାତ୍ରୀଙ୍କ ସଂଖ୍ୟା ହେଉଛି ୨, ୬୦, ୯୭୦। ଏ୧ ଗ୍ରେଡ୍ ରେ ୮୧୧୯ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ୫୪୮୮୯ ଜଣ ଏ-୨ ବର୍ଗରେ, ୧୨୦୩୧୨ ଜଣ ବି-୧ ବର୍ଗରେ ଏବଂ ୧୪୨୫୯୯ ଜଣ ବି-୨ ବର୍ଗରେ ଉନ୍ନିତ ହୋଇଛନ୍ତି । ସେହିପରି ସି ବର୍ଗରେ ୧,୧୬,୧୧୧, ଡିରେ୫୯,୨୪୫, ଇରେ ୧୪,୬୪୭ ଏବଂ ଏଫ୍‌ରେ ୭୭୯୦ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ୧.୪୨ ପ୍ରତିଶତ



ବିଦ୍ୟାର୍ଥୀ ୯୦ ଶତକଡ଼ାରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି । ଚଳିତ ବର୍ଷ ଛାତ୍ରମାନଙ୍କ ପାସ୍ ହାର ୮୮.୭୭ ପ୍ରତିଶତ ଥିବାବେଳେ ଛାତ୍ରୀମାନଙ୍କ ପାସ ହାର ୯୨.୩୭ ପ୍ରତିଶତ ରହିଛି ଏବଂ ମୋଟ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି । ବୁଧବାର ଦିନ ୧ଟାରେ କଟକ ବୋର୍ଡ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଦଶମ ପରୀକ୍ଷା ଫଳ ଘୋଷଣା ହୋଇଛି। ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆନୁଷ୍ଠାନିକ ଭାବେ ରେଜଲ୍ଟ ଘୋଷଣା କରିଛନ୍ତି। ୧୧୭୦ ସ୍କୁଲରେ ସମସ୍ତ ପିଲା ପାସ୍ କରିଛନ୍ତି। ୩ଟି ସ୍କୁଲରେ କୌଣସି ପିଲା ପାସ୍ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମାଲକାନଗିରିର ୨ଟି ଓ ଅନୁଗୁଳର ଗୋଟିଏ ସ୍କୁଲରେ ଶୂନ ରେଜଲ୍ଟ ହୋଇଛି। ମାଲକାନଗିରିର ୨ଟି ସ୍କୁଲରେ ମୋଟ ୨ଟି ପିଲା ପଢୁଥିଲେ ଏବଂ ଅନୁଗୁଳର ଉକ୍ତ ସ୍କୁଲରେ ମାତ୍ର ୨ଟି ପିଲା ପଢୁଥିଲେ। ଅପରପକ୍ଷରେ ରେଜଲ୍ଟରେ ଅସନ୍ତୁଷ୍ଟ ପିଲା ରି-ଚେକିଂ ପାଇଁ ଜୁଲାଇ ୧୧ରୁ ୨୫ ପର୍ଯ୍ୟନ୍ତ ଅନଲାଇନରେ ଆବେଦନ କରିହେବ। ଛାତ୍ରଛାତ୍ରୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଏସଇ ଡଟ୍ ଓଡିଶା ଡଟ୍ ଏସି ଡଟ୍ ଇନ୍ ୱେବ୍‌ସାଇଟ୍‌ରୁ ରେଜଲ୍ଟ ଜାଣିପାରିବେ। ଏହାଛଡ଼ା ଆପଣ ଓଆର (୧୦) ରୋଲ ନମ୍ବର ଲେଖି ୫୬୭୬୭୫୦ ନମ୍ବରକୁ ଏସଏମଏସ୍ କରି ପରୀକ୍ଷା ଫଳ ଜାଣିହେବ।ସୂଚନାଥାଉ କି, ଏପ୍ରିଲ୍ ୨୮ରୁ ମେ ୭ ଯାଏ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ସମୁଦାୟ ୫୭୧୯୦୯ ଜଣ ବିଦ୍ୟାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୫୨୬୮୧୮ ଜଣ ପରୀକ୍ଷା ଦେଇଥିଲେ । ମେ ୨୧ରୁ ରାଜ୍ୟର ୫୮ଟି କେନ୍ଦ୍ରରେ ମୂଲ୍ୟାୟନ କରାଯାଇଥିଲା। ଚଳିତ ବର୍ଷ ନୂଆ ମୂଲ୍ୟାୟନ ପଦ୍ଧତିରେ ମୂଲ୍ୟାୟନ କରାଯାଇଛି। ଇଂଟରନାଲ୍ ଆସେସ୍‌ମେଂଟ, ସମେଟିଭ ଆସେସ୍‌ମେଂଟ ୱାନ୍ ଓ ସମେଟିଭି ଆସେସ୍‌ମେଂଟ ଟୁ ର ୱେଟେଜ୍ ଆଧାରରେ ପିଲାଙ୍କୁ ମାର୍କ ଦିଆଯାଇଛି। ଏହି ପରୀକ୍ଷା ଫଳ ଘୋଷଣା ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ, କଟକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇସ୍ତଫା ଦେଲେ କେନ୍ଦ୍ର ମନ୍ତ୍ରୀ ମୁଖତାର ଅବାସ ନକଭି

ନୂଆଦିଲ୍ଲୀ, ୦୬/୦୭ : ମୋଦୀ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ କେନ୍ଦ୍ରୀୟ ମନ୍ତ୍ରୀ ମୁଖତାର ଆବାସ ନକଭୀ । କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନକଭୀ ଆଜି ଇସ୍ତଫା ଦେଇଛନ୍ତି । ସେ ରାଜ୍ୟସଭାର ଜଣେ ସଦସ୍ୟ ଥିଲେ । ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିଲା । ଆଉ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଆଜି ସେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଛନ୍ତି । କୁହାଯାଉଛି ଦଳ ତାଙ୍କୁ କିଛି ବଡ ଦାୟିତ୍ୱ ଦେଇପାରେ । ସୂଚନାଯୋଗ୍ୟ ଯେ, ମୋଦୀ କ୍ୟାବିନେଟରେ ଥିବା ଦୁଇ ମନ୍ତ୍ରୀଙ୍କ ରାଜ୍ୟସଭା କାର୍ଯ୍ୟକାଳ ଗୁରୁବାର ଶେଷ ହେବାକୁ ଯାଉଛି । ଯେଉଁଥିରେ ମୁଖତାର ଆବାସ ନକଭୀଙ୍କ ସହିତ ଆରସିପି ସିଂହଙ୍କ ନାଁ ମଧ୍ୟ ସାମିଲ ଅଛି । ଜୁଲାଇ ୬ ତାରିଖ ପରେ ଏହି ଦୁଇ ନେତା ସଂସଦର କୌଣସି ଗୃହର ସଦସ୍ୟ ରହିବେ



ନାହିଁ । ଇସ୍ତଫା ଦେବା ପୂର୍ବରୁ ନକଭୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଥିଲେ । ମିଡିଆ ରିପୋର୍ଟ ମୁତାବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ କ୍ୟାବିନେଟ୍ ବୈଠକରେ ନକଭୀଙ୍କ ଯୋଗଦାନକୁ ପ୍ରଂଶସା କରିଥିଲେ । ମୁଖତାର ଆବାସ ନକଭୀ କେନ୍ଦ୍ର କ୍ୟାବିନେଟରେ ସଂଖ୍ୟାଲଘୁ ବ୍ୟାପାର ବିଭାଗର ମନ୍ତ୍ରୀ ପଦରେ ଥିଲେ । ସେ ରାଜ୍ୟସଭାରେ ଦଳର ଉପନେତା ମଧ୍ୟ ଥିଲେ । ଜୁଲାଇ ୭ ତାରିଖରେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବାକୁ ଥିଲା । ତେଣୁ ସେ କେନ୍ଦ୍ର କ୍ୟାବିନେଟରୁ ଇସ୍ତଫା ଦେବା ପରେ ଦଳ ତାଙ୍କୁ ବଡ ଦାୟିତ୍ୱ ଦେଇପାରେ । କୁହାଯାଉଛି ଦଳ ତାଙ୍କୁ ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମଧ୍ୟ ଚୟନ କରିପାରେ ।

## ଜମି କେଲେଙ୍କାରୀ ମାମଲାରେ ବଲାଙ୍ଗିର ତହସିଲଦାର ନିଲମ୍ବିତ

ଭୁବନେଶ୍ୱର,୦୬/୦୭ (ନି.ପ୍ର): ବଲାଙ୍ଗିର ତହସିଲରେ ଜମି କେଲେଙ୍କାରୀ ଘଟଣାରେ ବଲାଙ୍ଗିର ତହସିଲଦାର ମଘବାନ ବାଗ ଓ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତ ନିଲମ୍ବିତ ହୋଇଛନ୍ତି। ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସେମାନଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ଜମି କେଲେଙ୍କାରୀ ଗଟଣା ସାମ୍ନାକୁ ଆସିବା ପରେ ୨ ଜଣିଆ ଟିମ୍ ତଦନ୍ତ କରି ଜିଲ୍ଲାପାଳ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନିଲମ୍ବିତ ତହସିଲ୍‌ଦାରଙ୍କ ହେଡ୍ କ୍ୱାଟର୍ ବଲାଙ୍ଗୀର ନିର୍ଦ୍ଧାରଣ କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କର ମଧ୍ୟ ହେଡ୍ କ୍ୱାଟର ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଧାରଣ କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଓଏଏସ୍‌ଏ(ଜେବି)ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ପୂର୍ବରୁ ଶ୍ରୀ ଦାସଙ୍କ ନାମରେ ଅପରାଧିକ ମାମଲା ବିଚାରାଧୀନ ଥିଲା । ତାଙ୍କୁ ଅଟକ ରହିବା ଦିନ ଅର୍ଥାତ୍ ୧୯/୦୬/୨୦୨୨ଠାରୁ ନିଲମ୍ବନ କରାଯାଇଛି । ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ଦାସଙ୍କ ହେଡ୍‌କ୍ୱାଟର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯାଳୟ ନିର୍ଦ୍ଧାରଣ କରାଯାଇଛି । ବଲାଙ୍ଗିର ସହର ଉପକଣ୍ଠ ଧୂମମରା ଗାଁରେ ଥିବା ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ଏକ ଜମିର ମାଲିକ ମୃତ୍ୟୁବରଣ କରିସାରିଥିବା ବେଳେ ତାଙ୍କ ନାମରେ ଜମି ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା।

## ସଂଖ୍ୟାଲଘୁ ମନ୍ତ୍ରାଳୟର ମନ୍ତ୍ରୀ ହେଲେ ସ୍ମୃତି ଇରାନୀ, ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଇସ୍ପାତ ମନ୍ତ୍ରାଳୟର ଦାୟିତ୍ୱ

ନୂଆଦିଲ୍ଲୀ, ୦୬/୦୭ : କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରାଳୟର ମନ୍ତ୍ରୀ ହେଲେ କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ । ତାଙ୍କ ସହିତ ବେସାମରିକ ବିମାନ ଚଳାଚଳ ବିଭାଗର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କେନ୍ଦ୍ର ଇସ୍ପାତ ମନ୍ତ୍ରାଳୟର ମନ୍ତ୍ରୀ ପଦ ପ୍ରଦାନ କରାଯାଇଛି । ମୋଦୀ କ୍ୟାବିନେଟରୁ ମୁଖତାର ଆବାସ ନକଭୀ ଓ ଆରସିପି ସିଂହ ବିଦାୟ ନେବା ପରେ ଏହି ଦୁଇ ମନ୍ତ୍ରୀଙ୍କ ଏହି ଦୁଇ ମନ୍ତ୍ରାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି । ସ୍ମୃତି ଇରାନୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ହରେଇ ଆମେଥୀରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ସେହିପରି ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସକୁ ବାଏ ବାଏ କହି ବିଜେପିରେ ସାମିଲ ହେବା ସହିତ ମଧ୍ୟପ୍ରଦେଶରେ



ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଆଉ ମୋଦୀ କ୍ୟାବିନେଟରେ ଏହି ଦୁଇ ନେତାଙ୍କୁ ମନ୍ତ୍ରୀପଦ ମଧ୍ୟ ମିଳିଥିଲା । ହେଲେ ଆଜି କ୍ୟାବିନେଟରୁ ଦୁଇ ବଡ ନେତା ଇସ୍ତଫା ଦେବା ସହିତ ଏହି ଦୁଇ ନେତାଙ୍କୁ ପୁଣି ଦୁଇଟି ମନ୍ତ୍ରାଳୟର ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ସଂଖ୍ୟାଲଘୁ ମନ୍ତ୍ରାଳୟର ମନ୍ତ୍ରୀ ପଦରେ ଥିବା ମୁଖତାର ଆବାସ ନକଭୀ ଆଜି ମୋଦୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ସେ ନିଜର ଇସ୍ତଫା ଦେଇଥିଲେ । ଏହା ପୂର୍ବରୁ ସେ ଆଜି କ୍ୟାବିନେଟ୍ ବୈଠକରେ ସାମିଲ ହୋଇଥିଲେ । ଯେଉଁଠି ମୋଦୀ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ । ସେହିପରି ଇସ୍ପାତ ବିଭାଗର ମନ୍ତ୍ରୀ ଥିବା ଆରସିପି ସିଂହ ମଧ୍ୟ କ୍ୟାବିନେଟରୁ ବିଦାୟ ନେଇଛନ୍ତି ।

## ସରକାର କମାଇଲେ ବୁଷ୍ଟର ଡୋଜର ଅବଧି




ନୂଆଦିଲ୍ଲୀ, ୦୬/୦୭ : କରୋନାର ବୁଷ୍ଟର ଡୋଜ ଏବେ ୯ ମାସ ପରିବର୍ତ୍ତେ ୬ ମାସ ମଧ୍ୟରେ ନେଇପାରିବେ । ସରକାରଙ୍କ ତରଫରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି । କୌଣସି ବି ବ୍ୟକ୍ତି ଟିକାର ଉଭୟ ଡୋଜ ନେବାର ୬ ମାସ ପରେ ବୁଷ୍ଟର ଡୋଜ ନେଇପାରିବେ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି । ୧୮ ରୁ ୫୯ ବର୍ଷର ନାଗରିକମାନେ କୌଣସି ଘରୋଇ ଚିକିତ୍ସା କେନ୍ଦ୍ରରେ ଏହି ବୁଷ୍ଟର ଡୋଜ ନେଇପାରିବେ । ହେଲେ ୬୦ ବର୍ଷରୁ ଅଧିକ ବୟସ୍କମାନେ, ସ୍ୱାସ୍ଥ୍ୟକର୍ମୀମାନେ ଓ କରୋନା ଯୋଦ୍ଧାମାନେ ଟିକାର ଉଭୟ ଡୋଜ ନେବାର ୬ ମାସ ପରେ କୌଣସି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହି ବୁଷ୍ଟର ଡୋଜ ମାଗଣାରେ ନେଇପାରିବେ ବୋଲି କୁହାଯାଇଛି । କହିରଖୁ କି, ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଗତ କିଛିଦିନ ମଧ୍ୟରେ ଦେଶର ଦୈନିକ ସଂକ୍ରମଣ ୧୦ ହଜାର ଉପରେ ରହିଛି । ଏହାକୁ ନେଇ କିଛି ରାଜ୍ୟ ପୁଣି ମାସ୍କ କଟକଣାକୁ କଡାକଡି କରିବା ସହ କିଛି କରୋନା କଟକଣା ଯେମିତି କି, ସାମାଜିକ ଦୂରତା, ସାନିଟାଇଜେସନ ଭଳି କଟକଣା ଲଗାଇଛନ୍ତି ।

## ଦୌଡ଼ରାଣୀ ପିଟି ଉଷା ଓ ସଂଗୀତଜ୍ଞ ଇଲିୟା ରାଜା ରାଜ୍ୟସଭାକୁ ମନୋନୀତ

ନୂଆଦିଲ୍ଲୀ, ୦୬/୦୭ : ରାଜ୍ୟସଭାକୁ ମନୋନୀତ ହେଲେ ଦୌଡ଼ରାଣୀ ପିଟି ଉଷା। ତାଙ୍କ ସମେତ କଳା, ସାହିତ୍ୟ, ବିଜ୍ଞାନ ଓ ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରୁ ମୋଟ ୪ ଜଣ ସଦସ୍ୟଙ୍କୁ ମନୋନୀତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଇଲିୟା ରାଜା, ପ୍ରସିଦ୍ଧ ସିନେ ନିର୍ମାତା ବିଜେୟେନ୍ଦ୍ର ପ୍ରସାଦ ଓ ବିଶିଷ୍ଟ ସମାଜସେବୀ ବୀରେନ୍ଦ୍ର ହେଗେଡେ। ରାଜ୍ୟସଭାକୁ ମନୋନୀତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମସସ୍ତ



ସଦସ୍ୟଙ୍କୁ ଟ୍ୱିଟ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଶିଷ୍ଟ ବ୍ୟକ୍ତିମାନେ ଭାରତୀୟଙ୍କ ପ୍ରେରଣାର ଉତ୍ସ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥିବା ରାଜ୍ୟସଭାର ଏହିସବୁ ସଦସ୍ୟଙ୍କ କାର୍ଯ୍ୟକାଳ ୬ ବର୍ଷ ଲାଗି ରହିବ।

## ବଢ଼ିଲା ଘରୋଇ ଗ୍ୟାସ୍ ସିଲିଣ୍ଡର ଦର

ନୂଆଦିଲ୍ଲୀ, ୦୬/୦୭ : କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଖାଉଟିଙ୍କ ଉପରେ ବାଜିଛି ମହଙ୍ଗା ଛାଟ । ବଢ଼ିଲା ଘରୋଇ ଗ୍ୟାସ୍ ସିଲିଣ୍ଡର ଦର । ୧୪.୨ କେଜି ଘରୋଇ ଖଟଏ ସିଲିଣ୍ଡର ଦର ୫୦ ଟଙ୍କା ବଢ଼ିଲା । ୫ କେଜି ଏଲ୍‌ପିଜି ସିଲିଣ୍ଡର ଦର ୧୮ ଟଙ୍କା ବଢ଼ିଛି । ହେଲେ ୧୯ କେଜି କମର୍ସିଆଲ ଗ୍ୟାସ ସିଲିଣ୍ଡର ଦର ୮ ଟଙ୍କା ୫୦ ପଇସା କମିଛି । ଦିଲ୍ଲୀ, ମୁମ୍ବାଇରେ ଆଜିଠୁ ଏଲ୍‌ପିଜି ସିଲିଣ୍ଡର ଦର ୧୦୫୩ ଟଙ୍କାରେ ପହଞ୍ଚିଛି । କୋଲକତାରେ ସିଲିଣ୍ଡର ପିଛା ଦାମ ୧୦୭୯ ହୋଇଥିବା ବେଳେ ଚେନ୍ନାଇରେ ଏହି ଦାମ୍ ୧୦୬୯ରେ ପହଞ୍ଚିଛି। ଆଜିଠାରୁ ହିଁ ଏହି ବର୍ଦ୍ଧିତ ଦର ଲାଗୁ ହୋଇଛି। ଏହା ପୂର୍ବରୁ ମେ’ ମାସରେ ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ିଥିଲା।



ଫଳରେ ସିଲିଣ୍ଡର ପିଛା ୯୯୯ ଟଙ୍କାରେ ପହଞ୍ଚିଥିଲା। ଅପରପକ୍ଷେ, ୧୯ କେଜି କମର୍ସିଆଲ ଗ୍ୟାସ ଦର ସିଲିଣ୍ଡର ପିଛା ୮ଟଙ୍କା ୫୦ ପଇସା କମ୍ କରାଯାଇଥିଲା। କିଛି ଦିନ ପୂର୍ବରୁ ପୁଣି ଥରେ କମର୍ସିଆଲ ଗ୍ୟାସ୍ ଦର ୧୯୮ ଟଙ୍କା ସିଲିଣ୍ଡର ପିଛା କମ୍ କରାଯାଇଥିଲା। ଏହାପରେ ରାଜଧାନର ଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ ଦର ସିଲିଣ୍ଡର ପିଛା ୨୦୨୧ ଟଙ୍କା ହୋଇଯାଇଥିଲା। ଏବେ ୮ଟା ୫୦ ପଇସା କମିବା ପରେ ଏହି ଦାମ ୨୦୧୨ ଟଙ୍କାରେ ପହଞ୍ଚିଛି। କମ୍ ଦିନ ବ୍ୟବଧାନରେ ଗ୍ୟାସ୍ ଦର ବଢ଼ିଥିବା ଯୋଗୁଁ ଖାଉଟିଙ୍କ ମଧ୍ୟରେ ନାହଁନଥିବା ଅସନ୍ତୋଷ ଦେଖାଇଛି। ଏଥିଯୋଗୁ ଘରର ବଜେଟ ବିଗିଡ଼ିଯିବା ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି।

## ଏମସିଏ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପୁରୁଷ ବନ୍ଧୁ ଗିରଫ

ଭୁବନେଶ୍ୱର,୦୬/୦୭ (ନି.ପ୍ର): ଭୁବନେଶ୍ୱର ଆଚାର୍ଯ୍ୟ ବିହାରରେ ରହୁଥିବା ଏମସିଏ ଛାତ୍ରୀ ଆଶ୍ରିତା ସେନାପତି ଆତ୍ମହତ୍ୟା ଘଟଣାରେ ପୁରୁଷ ବନ୍ଧୁ ସତ୍ୟ ପ୍ରକାଶ ଦାଶଙ୍କୁ ଗିରଫ କରିଛି ସହିଦନଗର ଥାନା ପୋଲିସ। ଆଶ୍ରିତାଙ୍କ ନିକଟରୁ ମିଳିଥିବା ସୁଇସାଇଡ଼ ନୋଟରେ ସତ୍ୟ ଦାଶଙ୍କ ନାମ ଉଲ୍ଲେଖ ଥିବାରୁ ପୋଲିସ୍ ତାଙ୍କୁ ଗିରଫ କରିଛି। ସତ୍ୟ ଓ ଆଶ୍ରିତାଙ୍କ ମଧ୍ୟରେ ୯ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଉଭୟ ଗୋଟିଏ ଗାଁର ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ଅନ୍ୟ ଯୁବକଙ୍କ ସହ କଥା ହେବାକୁ ସନ୍ଦେହ କରି ଆଶ୍ରିତା ଆତ୍ମହତ୍ୟା କରିବା ପୂର୍ବ



ଦିନ ତାଙ୍କୁ ନିର୍ଦ୍ଧୁମ ମାଡ ମାରିଥିଲେ ବୟଫ୍ରେଣ୍ଡ ସତ୍ୟ।୨୦୧୪ ମସିହାରୁ ଆଶ୍ରିତାଙ୍କୁ ଭଲ ପାଇ ଆସୁଥିଲେ ସତ୍ୟ ପ୍ରକାଶ। ତେବେ ୨୦୧୯ ମସିହାରୁ ଆଉ ଜଣେ ଯୁବକ ସହ ଆଶ୍ରିତା କଥା ହେଉଥିଲେ। ଏଥିପାଇଁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୁଏ ବୋଲି ଜଣାପଡ଼ିଛି। ଯୁବତୀଙ୍କ କଲ ରେକର୍ଡ ଯାଂଚ କରିବା ପରେ ସତ୍ୟ ପ୍ରକାଶ ନାଁ ସାମ୍ନାକୁ ଆସିଥିଲା। ସତ୍ୟ ପ୍ରକାଶ ବର୍ତ୍ତମାନ ଇନୋଫସିସର ବେଭରେଜ ବିଭଗରେ କାମ କରୁଛନ୍ତି।

## ୩୧୧ କୋଟି ଟଙ୍କାର ଜିଏସଟି ଠକେଇ : ୫ ଗିରଫ

ଭୁବନେଶ୍ୱର,୦୬/୦୭ (ନି.ପ୍ର): ୧୭୨୭ କୋଟି ଟଙ୍କାର ଫେକ୍ ଇନଭଏସ୍ ଜରିଆରେ ୩୧୧ କୋଟି ଟଙ୍କାର ଜିଏସଟି ଠକେଇ ଅଭିଯୋଗରେ ୫ ଜଣ ବ୍ୟବସାୟୀ ଗିରଫ କରିଛି ରାଜ୍ୟ ଜିଏସଟି ବିଭାଗ। ଏକ ସାମ୍ବାଦିକ ସମ୍ମିଳନୀରେ ଜିଏସଟି କମିଶନର ସୁଶୀଲ କୁମାର ଲୋହାନି ଏହି ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ୪ ଜଣ ବ୍ୟବସାୟୀ ରାଉରକେଲା ହୋଇଥିବା ବେଳେ ଜଣେ ସୁନ୍ଦରଗଡ଼ ଅଂଚଳର । ଗିରଫ ଅଭିଯୁକ୍ତମାନେ ହେଲେ ଧନବାନ ସ, ରାମଭରୋସେ ସ, ମନୋଜ ପାଣ୍ଡେ, ନିକୁ ସିଂ ଓ ସୁବାସ କାଣ୍ଡୁଲାନା। ୨୩ଟି ଜାଲ୍ ସଂସ୍ଥା ଓ ୩ଟି କମ୍ପାନୀ ଜରିଆରେ ଏହି ବିରାଟ ଠକେଇ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ଲୁହା ପଥର ଓ କବାଡି କାରବାର କରିଥିବା ଦର୍ଶାଇ ଜାଲ୍ କାଗଜପତ୍ର ମାଧମରେ ଏହି ଜିଏସଟି ଠକିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଠକେଇ କରିଥିବା ଏହି ୫ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରାଯିବା ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ୨୦୧୯/୨୦ ବର୍ଷରେ ଏହି ରାକେଟର ସୁରାକ ମିଳିଥିଲା । ଅଭିଯୁକ୍ତମାନେ ନିରୀହ ଲୋକଙ୍କଠାରୁ ବିଭିନ୍ନ ପ୍ରମାଣ ପତ୍ର ସଂଗ୍ରହ କରି ସେମାନଙ୍କ ନାଁରେ ଫେକ୍ ଫାର୍ମ ତିଆରି କରିଥିଲେ। ଶିକ୍ଷକଙ୍କଠାରୁ ଆରମ୍ଭ କରି ଦିନ ମଜୁରିଆଙ୍କ ପର୍ଯ୍ୟନ୍ତ ବିଭିନ୍ନ ଲୋକଙ୍କର ପ୍ରମାଣ ପତ୍ର ସଂଗ୍ରହ କରି ସେମାନଙ୍କୁ ଗୋଟିଏ ଗୋଟିଏ ଫାର୍ମର ମାଲିକ ଦର୍ଶାଇ କୋଟି କୋଟି ଟଙ୍କାର ଜିଏସଟି ଠକେଇ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଆଜି ପର୍ଯ୍ୟନ୍ତ ୯୧୯୬ ଟଙ୍କାର ଜିଏସଟି ଠକେଇ ଅଭିଯୋଗରେ ମୋଟ୍ ୨୮ ଜଣ ଲୋକଙ୍କୁ ଗିରଫ କରାଯାଇଥିବା ଜିଏସଟି କମିଶନର ସୁଶୀଲ କୁମାର ଲୋହାନି ସୂଚନା ଦେଇଛନ୍ତି ।

## ସରିଲା ପ୍ରଥମ ପର୍ଯ୍ୟାୟ ଅଧିବେଶନ : ଗୃହକୁ ଆସିଲେନି ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ଭୁବନେଶ୍ୱର,୦୬/୦୭ (ନି.ପ୍ର): ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆଜି ଶେଷ ହୋଇଛି । ଗୃହକୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ଘୋଷଣା କରିଛନ୍ତି । ତେବେ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ଗୃହରେ ୨୦୨୨-



୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅନୁପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଦେଶ ଗସ୍ତରୁ ଫେରି ନବୀନ ନିବାସରୁ ଭର୍ଚୁଆଲ ମୋଡରେ ଗୃହ କାର୍ଯ୍ୟରେ ସାମିଲ ହୋଇଥିବାବେଳେ ଅସୁସ୍ଥତା କାରଣରୁ ବିରୋଧୀ ଦଳ ନେତା ଶ୍ରୀ ନାଏକ ଗୃହ କାର୍ଯ୍ୟରେ ଯୋଗ ଦେଇପାରିନଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ▶▶ପୃଷ୍ଠା ୭

# ଅତ୍ୟାଧୁନିକ ଅଡିଓ ଷ୍ଟୁଡ଼ିଓ ଉଦ୍‌ଘାଟିତ

ଜୟପୁର,୬/୦୭ (ନି.ପ୍ର): ଜୟପୁର ସହରରେ ବହୁ ପ୍ରତିକ୍ଷିତ ଏକ ଅତ୍ୟାଧୁନିକ ଅଡିଓ ' ଷ୍ଟୁଡ଼ିଓ ୱେଭସ' ଉଦଘାଟନ ସ୍ଥାନୀୟ ସ୍ୱର ଘୁଙ୍ଗୁର ପରିସରରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଷ୍ଟୁଡ଼ିଓକୁ ବିଶିଷ୍ଟ ସୀତାର ବାଦକ ପ୍ରଫୁଲ୍ଲ କୁମାର ରାଉତରାୟ ଉଦଘାଟନ କରିଥିବା ବେଳେ, ରିଦମ ଷ୍ଟୁଡ଼ିଓକୁ ବିଶିଷ୍ଟ ସଂଗୀତଜ୍ଞ ବିଜୟ କୁମାର ସାମନ୍ତରାୟ, ଭୋକାଲ ବୁଥ କୁ ସମାଜସେବୀ ଶ୍ରୀମତୀ ବିନୋଦିନୀ ସାମନ୍ତରାୟପାତ୍ରଙ୍କ ଦ୍ୱାରା ଉଦଘାଟନ କରାଯାଇଥିବା ବେଳେ ଇଣ୍ଡିଆନ ଏଥେଲେଟିକ ଫେଡେରେସନର ଉପସଭାପତି ଡକ୍ଟର ଶ୍ରୀନିବାସ ପଟନାୟକଙ୍କ ଦ୍ୱାରା ସିଙ୍ଗର ମାଇକ୍ରୋଫୋନର ଉନ୍ମୋଚନ କରାଯାଇଥିଲା । ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ ବିଶିଷ୍ଟ କଣ୍ଠ ଶିଳ୍ପୀ, ବାଦ୍ୟଯନ୍ତ୍ର ଶିଳ୍ପୀ, ନାଟ୍ୟ ଏବଂ ଚଳଚ୍ଚିତ୍ର କଳାକାର ମାନେ ଯୋଗଦେଇ ଏଭଳି ଏକ ଅତ୍ୟାଧୁନିକ ରେକର୍ଡ଼ିଂ ଷ୍ଟୁଡ଼ିଓ ଜୟପୁର ଠାରେ ସ୍ଥାପନ କରିଥିବାରୁ ଧିରେନ ମୋହନ ପଟନାୟକ ଏବଂ ପୀୟୂଷ ପଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରଥମ ଗୀତକୁ ଗାଇଥିଲେ ଓଲିଉଡ ଗାୟିକା ନନ୍ଦିତା ଭଞ୍ଜ । ଏହି ଗୀତର ରଚନା ଏବଂ ସଂଗୀତ ନିର୍ଦ୍ଦେଶନା ଧିରେନ ପଟନାୟକ ଦେଇଥିବା ବେଳେ ବିଜୟ କୁମାର ସାମନ୍ତରାୟ ସଂଗୀତ ପରିଚାଳନା କରିଥିଲେ ଏବଂ କଟକର ରେକଡିଷ୍ଟ ଫିଂଟୁ ମିଶ୍ର ଏହାକୁ ରେକର୍ଡ଼ କରିଥିଲେ । ଜୟନ୍ତ ସାମନ୍ତରାୟ, ଗୋପାଳ ସାମନ୍ତରାୟ, ମନୋଜ ଦାସ, ହିମାଂଶୁ ମହାପାତ୍ର, ଅମର ମିଶ୍ର, ମହମ୍ମଦ ସରିଫ, ନିରଞ୍ଜନ ପାଣିଗ୍ରାହୀ, ରଞ୍ଜନ ବେହେରା, ସୁକୁମାର ସୋନା, ବାଲାଜୀ କିଶୋର ରାୟ, ଆନନ୍ଦ ଦାସ, ଶୁକଦେବ ବାରିକ, ନିହାର ମହାନ୍ତି, ନିହାର ଆଚାର୍ଯ୍ୟ, ବାମଦେବ ମହାପାତ୍ର, ଯୀଶୁ ମହାପାତ୍ର, ଧର୍ମେନ୍ଦ୍ର ଅଧିକାରୀ, ସୁଶାନ୍ତ ଅଧିକାରୀ, ଭରତ ଚଲାଣ, ସୋମନାଥ କେଲାଡି ପ୍ରମୁଖ ଯୋଗଦେଇଥିଲେ ।

## ଝାରମୁଣ୍ଡା ଏଥଲେଟିକ ଏସୋସିଏସନ୍ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଲୋଇସିଂହା,୬/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ଅବସରରେ ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଏଥଲେଟିକ ଏସୋସିଏସନ୍ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶାଗୁଆନ, ଦେବଦାରୁ ସମେତ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା । ଏଥିରେ ଲୋଇସିଂହା ରେଞ୍ଜର ପାଉଲ ହରପାଳ, ଫରେଷ୍ଟର ସୁନିଲ ମିଶ୍ର ଓ ବିମ୍ବାଧର ବେହେରା ଯୋଗଦେଇ ଗଛ ଲଗାଇବା ପରେ ଯତ୍ନ, ସୁରକ୍ଷା ଉପରେ କହିଥିଲେ ।

## ରଥଯାତ୍ରାରେ ଚିତ୍ରକଳା

ପୁରୀ,୬/୦୭ (ନି.ପ୍ର): ରଥଯାତ୍ରାରେ ଭକ୍ତଙ୍କ ଗହଳି ଲାଗି ରହିଛି । ଏହି ଅବସରରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଆଜାଦିକା ଅମୃତ ମହୋତ୍ସବ ଆନୁକୂଲ୍ୟରେ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଚିତ୍ର ଅଙ୍କନ କରିଥିଲେ । ଏହି ଚିତ୍ରକୁ ଉପସ୍ଥିତ ଦର୍ଶକ ଓ ଭକ୍ତମାନେ ବେଶ ପ୍ରଶଂସା କରୁଥିବା ଦେଖିବାକୁ ମିଳିଥିଲା । ଜଗନ୍ନାଥ ପ୍ରତିମୂର୍ତ୍ତି ଓ ରଥଯାତ୍ରା ସମ୍ପର୍କିତ ଅନେକ ଚିତ୍ରକଳା ଶିଳ୍ପୀମାନେ ଅଙ୍କନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଦୁର୍ଗାମାଧକ କରଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଚିତ୍ର ଅଙ୍କନ କରିଥିଲେ ।

# କଂଗ୍ରେସ ଅଫିସରୁ ଚୋରି ମାମଲାକୁ ୪ ମାସ ବିତିଲା, ପୁଲିସି ତଦନ୍ତ ସରୁନି

ରାଉରକେଲା,୬/୦୭ (ନି.ପ୍ର): ରାଉରକେଲା ଜିଲ୍ଲା କଂଗ୍ରେସ ଅଫିସରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହେବା ନେଇ ପ୍ଲାଂଟସାଇଟ ଥାନାରେ ଏତଲା ହେବାକୁ ୪ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ଏଯାଏ ମାମଲାର ତଦନ୍ତ ସରୁନି କିମ୍ବା ଏତଲାକାରୀଙ୍କୁ ନ୍ୟାୟ ମିଳୁନି । ଫଳରେ ଏତେ ବଡ ଜାତୀୟ ଦଳ ଅଫିସରୁ ଚୋରି ହେବା ଓ ସେ ଘଟଣାର ତଦନ୍ତ ଏଯାଏ ନସରିବା ନେଇ ନାନା ପ୍ରଶ୍ନ ଉଠିଛି ।

ଖବରରୁ ପ୍ରକାଶ ଯେ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଭାବେ ଜର୍ଜ ତିର୍କୀ ଥିବା ବେଳେ ଅଫିସ ଭିତରେ ବହୁ ମୂଲ୍ୟବାନ ସାମଗ୍ରୀ ମାନ ଥିଲା,ଏପରିକି ପୂର୍ବରୁ ଥିବା ସଭାପତି ବୀରେନ ସେନାପତିଙ୍କ ସମୟରେ ମଧ ଅନେକ ସାମଗ୍ରୀ ଅଫିସରେ ଥିବା କୁହାଯାଉଛି, ହେଲେ ଜର୍ଜ ବାବୁ ଇସ୍ତଫା ଦେବା ପରେ ହଠାତ ଅଫିସରେ ଲାଗିଥିବା ବୋର୍ଡ ଠାରୁ ଆରମ୍ଭ କରି ବହୁ ମୂଲ୍ୟବାନ ସାମଗ୍ରୀ, ଚେୟାର ଟେବୁଲ ଆଦି ଚୋରି ହୋଇଯାଇଛି ବୋଲି ଦଳର କର୍ମୀ ଫିରଦୋଷ ନାମକ ଯୁବକ ପ୍ଲାଂଟ ସାଇଟ ଥାନାରେ ଏତଲା ଦେଇଥିଲେ । ଏତଲାରେ କିଛି ଲୋକଙ୍କର ନାମ ମଧ ସେ ଉଲ୍ଲେଖ କରିଥିଲେ, ହେଲେ ଆଜିଯାଏ ପୁଲିସି ସେହି ମାମଲାରେ ତଦନ୍ତ ସାରୁନି କିମ୍ବା ଚୋରି ଯାଇଥିବା ସାମଗ୍ରୀ ଗୁଡିକୁ ଉଦ୍ଧାରକରି କଂଗ୍ରେସ ଦଳକୁ ଫେରାଇପାରୁନି । ଏହାଦ୍ୱାରା କୁହାଯାଉଛି ଯଦି ଦଳୀୟ ଅଫିସରୁ ସାମଗ୍ରୀ ଚୋରି ମାମଲାରେ ଦଳ ନ୍ୟାୟ ପାଇ ପାରୁନି ତେବେ ସେମାନେ ଲୋକଙ୍କୁ କଣ ନ୍ୟାୟ ଦେଇପାରିବେ ? ତେବେ ଏହି ମାମଲା ତଦନ୍ତ ବେଳେ ନୂଆ କରି କାମଚଳା ସଭାପତି ହୋଇଥିବା ଦେବବ୍ରତ ବିହାରୀଙ୍କୁ ପୁଲିସି ପଚରା ଉଚରା କରି କିଛି ବରିଷ୍ଠ ସଭ୍ୟଙ୍କ ନାମ ଦେବାକୁ କହିଥିଲା, ତେବେ ଦେବ ବାବୁ କିଛି ଲୋକଙ୍କର ନାମ ଦେବା ପରେ ତଦନ୍ତ କୁଆଡେ ଗଲା ଓ ସେହି ସଦସ୍ୟ ମାନେ କଣ ପୁଲିସିକୁ ଜଣାଇଲେ ତାହା ଜଣା ପଡିନଥିଲେ ବି ଏହି ମାମଲାର ତଦନ୍ତ ଆଗକୁ ଯାଇନଥିବା ଖବର ମିଳିଛି । ତେବେ ସଭାପତି ଦେବବ୍ରତ କହିଛନ୍ତି ଯେ, ସେ ଦାୟିତ୍ୱ ନେବା ପରେ ଅଫିସରେ ୧୦/୧୫ଟି ଚେୟାର, କିଛି ଫଟୋ ୨/୩ଟି ଦରି ପଡିଛି । ଅଫିସର କାଗଜପତ୍ର ,ଫାଇଲ, ଇତ୍ୟାଦି କିଛି ନାହିଁ । କେବଳ ବରିଷ୍ଠତା ଦୃଷ୍ଟିରୁ ଦାୟିତ୍ୱ ପାଇବା ପରେ ଦଳର ନିର୍ଦେଶ ଅନୁଶାରେ ସମସ୍ତଙ୍କୁ ନେଇ ଲୋକଙ୍କ ସମସ୍ୟା ଉପରେ କାମ କରାଚାଲିଛି । ରାଉରକେଲାରେ ଦଳର ସ୍ଥିତି ଦିନକୁ ଦିନ ଖରାପ ହେଉଥିବା ବେଳେ ଉପଯୁକ୍ତ ନେତୃତ୍ୱର ଅଭାବ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ନିକଟରେ ହୋଇଥିବା ନିର୍ବାଚନ ଗୁଡିକର ସ୍ଥିତି ମଧ ଅନେକ ଖରାପ ରହିଛି, କିଛି ଲୋକ ଦଳକୁ ନିଜର ବ୍ୟବସାୟ ବୋଲି ଧରି ନେଇଥିବା ମଧ ଅଭିଯୋଗ ବିଭିନ୍ନ ସମୟରେ ହୋଇ ଆସୁଛି, ଫଳରେ ସଙ୍ଗଠନ ଆଗେଇ ପାରୁନି । ଏହାର ଫଳ ସ୍ୱରୂପ ପୁଲିସିରେ ମାମଲା ହେବା ପରେ ମଧ ତଦନ୍ତ ଆଗେଇବା, ନ୍ୟାୟ ମିଳିବା ପରିବର୍ତେ ମାମଲା ସେମିତି ପଡିରହିଛି ।

# ବିଜେବି କଲେଜ ଛାତ୍ରୀଙ୍କୁ ରାଗିଙ୍ଗ ଓ ଆତ୍ମହତ୍ୟା ଘଟଣାକୁ ନେଇ ଗର୍ଜିଲା ବିଜେପି ଯୁବ ମୋର୍ଚ୍ଚା

ସମ୍ବଲପୁର,୬/୦୭ (ନି.ପ୍ର): ବର୍ତମାନ ରାଜ୍ୟ ରେ ବହୁ ଚର୍ଚ୍ଚିତ ଓ ରାଜ୍ୟ ରାଜନୀତି କୁ ସରଗରମ କରିଥିବା ଛାତ୍ରୀ ରାଗିଙ୍ଗ ଓ ଆତ୍ମହତ୍ୟା ଘଟଣା କୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା । ଆଜି ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରିଛନ୍ତି ।

ରାଜ୍ୟ ର ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ର କାରୁବାକି ଛାତ୍ରୀ ନିବାସ ର ଅନ୍ତେବାସୀ ରୁଚିକା ମହାନ୍ତି ରାଗିଙ୍ଗ ସହ୍ୟ କରି ନପାରି ଗତ ଶନିବାର ଦିନ ଆତ୍ମହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଏବଂ ପୀଡାଜନକ । ରାଜଧାନୀ ଭୁବନେଶ୍ୱର ରେ ଏଭଳି ଘଟଣା ଘଟିବା ଏବଂ ଗତ ୩ ଦିନ ଧରି ସରକାରଙ୍କ ଦ୍ୱାରା ବିଶେଷ ଭାବରେ ପଦକ୍ଷେପ ଗ୍ରହଣ ନ କରିବା ନିଶ୍ଚିତ ଭାବରେ ଚିନ୍ତା ର ବିଷୟ ।

ଏ କେବଳ ଗୋଟିଏ ଘଟଣା ନୁହେଁ, ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ରେ କିଛି ଦିନ ପୂର୍ବରୁ ହୋଇଥିବା ଜଣେ ଛାତ୍ର ଓ ଆଉ ଜଣେ ଛାତ୍ରୀ ଙ୍କ ହତ୍ୟା କୁ ଆତ୍ମହତ୍ୟା ରୂପ ଦିଆ ଯାଇଥିଲା । ପ୍ରମାଣ ଥାଇ ମଧ ମୃତ ଛାତ୍ରଛାତ୍ରୀ ଙ୍କୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳି ପାରିଲା ନାହିଁ । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲିଥ ?ିବା ରେଗିଙ୍ଗ ମୃତ୍ୟୁ ଘଟଣାରେ ଆଇନ ତା ବାଟରେ ଯିବ କହି ବୁଲୁଥିବା ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି ଏଭଳି ପ୍ରସଙ୍ଗରେ ହସ୍ତକ୍ଷେପ କରୁ ନାହାଁନ୍ତି ତାହା ଛାତ୍ରଛାତ୍ରୀ ଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାନ୍ୟବର ବିଚାରପତି ଅର୍ଜିତ ପସାୟତ ଙ୍କର ଦ୍ୱାରା ୨୦୦୯ ରେ ଦିଆଯାଇଥିବା ଖଣ୍ଡପୀଠ ୟୁନିଭରସିଟି ଅଫ କେରଳ ସହ କାଉନସିଲ ପ୍ରିନ୍ସିପାଲ ଅଫ କଲେଜ ଓ ଅନ୍ୟମାନଙ୍କ ଜଜମେଣ୍ଟ କୁ ଶୀଘ୍ର ରାଜ୍ୟ ସରକାର ପାଳନ କରନ୍ତୁ । ମାନ୍ୟବର ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡ଼. ଆର. କେ. ରାଘବନ ଙ୍କ ନେତୃତ୍ୱରେ ଗଠନ ହୋଇଥିବା କମିଟି ଅନ୍ ରାଗିଙ୍ଗ ସଜେସନ ଯାହା ୨୦୦୭ ମସିହାରୁ ସର୍ବୋଚ୍ଚ ନ୍ୟାୟାଳୟରେ ସମିଟ୍ ହୋଇଛି ତାହା ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ । ଗତକାଲି ବିଧାନସଭାରେ ଭାରତୀୟ ଜନତା ପାର୍ଟିର ବିଧାୟକ ସଦସ୍ୟଗଣ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ସିବିଆଇ ତଦନ୍ତ ଦାବୀ କରିଛନ୍ତି । ତୁରନ୍ତ ରାଜ୍ୟ ସରକାର ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରନ୍ତୁ ନହେଲେ ଭାରତୀୟ ଜନତା ଯୁବମୋର୍ଚ୍ଚା ଏହାକୁ ତୀବ୍ର ପ୍ରତିବାଦ କରିବ । ଓଡ଼ିଶାରେ ତୁରନ୍ତ ରାଜ୍ୟ ସ୍ତରୀୟ ଆଣ୍ଟି ରାଗିଙ୍ଗ ଟାସ୍କ ଫୋର୍ସ ଗଠନ କରିବା ସହିତ ଓଡିଶା ବିଧାନସଭା ରେ ରେଗିଙ୍ଗ ନିରାକରଣ ପାଇଁ ସରକାର ତୁରନ୍ତ ଅଧିନିୟମ ଆଣନ୍ତୁ । ଗତକାଲି ବିଜେପି ଯୁବ ମୋର୍ଚ୍ଚା ର ଭୁବନେଶ୍ୱର ଜିଲ୍ଲା ସଭାପତି ଓ ଯୁବ ମୋର୍ଚ୍ଚା ର ରାଜ୍ୟ ପଦାଧିକାରୀଗଣ ପୀଡିତା ଙ୍କ ମାଁ ଙ୍କୁ ଭେଟି ତାଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିବା ସହ ମୁଁ ମଧ ଫୋନ ଯୋଗେ କଥାବାର୍ତ୍ତା ହୋଇଛି । ଗତ ଦୁଇ ଦିନ ହେଲାଣି ସେ ବିଜେବି ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ । ଯଦି ରାଜ୍ୟ ସରକାର ଶୀଘ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତାହେଲେ ବିଜେପି ଯୁବ ମୋର୍ଚ୍ଚା ରାଜରାସ୍ତା କୁ ଓହ୍ଲେଇବ । ଆଜିର ସାମ୍ବାଦିକ ସମ୍ମିଳନୀରେ କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ସ୍ୱାଗତ ଭାଷଣ ପ୍ରଦାନ ଅତିଥି ପରିଚୟ କରିଥିଲେ । ସମ୍ବଲପୁର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ ଓ ଯୁବ ମୋର୍ଚ୍ଚା ର ରାଜ୍ୟ ଗଣମାଧମ ସହ ସଂଯୋଜିକା ସୁଶ୍ରୀ ଅର୍ଚ୍ଚନା ପ୍ରିୟଦର୍ଶୀନି ବାଗ ଉପସ୍ଥିତ ଥିଲେ ।

## ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜରେ ବନ ମହୋତ୍ସବ କାର୍ଯ୍ୟକ୍ରମ

ବଲାଙ୍ଗୀର,୬/୦୭ (ନି.ପ୍ର): ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ସ୍ଥିତ ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ(ଗୋବିନ୍ଦବିହାର)ଠାରେ କଲେଜର ଅଧକ୍ଷ ସଚ୍ଚିଦାନନ୍ଦ ରଥଙ୍କ ଅଧକ୍ଷତା ଏବଂ କଲେଜର ଏନ୍ ଏସ୍ ଏସ୍ ଓ ଯୁବ ରେଡ଼ କ୍ରସର ମିଳିତ ଆନୁକୂଲ୍ୟରେ କାଉନସିଲର୍ ଅଧାପିକା ରୋଜି ମାହାଣା, ଅଧାପକ ଉମାକାନ୍ତ ନାଗ ଏବଂ ବିକାଶ ଝାଙ୍କରଙ୍କ ପରିଚାଳନାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଇକ ବାହାଲ ସରପଞ୍ଚ ଗଣନାଥ ସାହୁ , ସମ୍ମାନିତ ଅତିଥି ଭାବରେ ନାରାୟଣ ପୁର ବନ ବିଭାଗର ଫରେଷ୍ଟର କିରଣ କୁମାର ବିଶୋଇ,ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ବାଳଗୋପାଳ ପଣ୍ଡା , ଅଧାପକ ପ୍ରିୟବ୍ରତ ମହାକୁର, ଅଧାପକ ମଧୁମଙ୍ଗଳ ଖମାରୀ, ଯୋଗ ଦେଇ ବୃକ୍ଷ ରୋପଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ଅଧାପକ ବିକାଶ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର କମିଟି ସଦସ୍ୟ ଚୈତନ୍ୟ ବାରିକ, ହୃଷୀକେଶ ପାତ୍ର, ମହାଦେବ ଜେନା, ସବ୍ୟସାଚୀ ଦଣ୍ଡସେନା, ସିଦ୍ଧାର୍ଥ ଅଗ୍ରୱାଲ, ଯୋଗ ଦେଇ ବହୁ ଛାତ୍ର ଛାତ୍ରୀଙ୍କ ସହିତ ମିଳିତ ଭାବରେ କଲେଜ ପରିସରରେ ବିଭିନ୍ନ ବୃକ୍ଷର ୧୫୦ ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା । କଲେଜର ସମସ୍ତ କର୍ମଚାରୀ ବୃନ୍ଦଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

## ଶିଶୁ ପାଇଁ ଦିନଟିଏ ତ୍ରୈମାସିକ ଧାର୍ଯ୍ୟ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୬/୦୭ (ନି.ପ୍ର): ଜିଲ୍ଲା ସ୍ତରୀୟ ' ଶିଶୁ ପାଇଁ ଦିନଟିଏ ତ୍ରୈମାସିକ ଧାର୍ଯ୍ୟ କାର୍ଯ୍ୟକ୍ରମ ' ଅନୁଷ୍ଠିତ ହୋଇଛି । ଏଥି ସହିତ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଓ ଜିଲ୍ଲା ଟାସ୍କ ଫୋର୍ସ ଏବଂ ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟି ବୈଠକ ମଧ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଆନନ୍ଦିନୀ ପାଢ଼ୀ ଉପସ୍ଥିତ ଥିଲେ । ଆଇନର ପରିସର ମଧରେ ଓ ସାମାଜିକ ସ୍ତରରେ ମଧ ଶିଶୁମାନଙ୍କ ଅଧିକାର ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି । ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି । ଜିଲ୍ଲା ସ୍ତରୀୟ ତ୍ରୈମାସିକ ବୈଠକ ପରି ବ୍ଲକ ସ୍ତରୀୟ ଓ ପଚାଂୟତସ୍ତରୀୟ ବୈଠକ ନିୟମିତ ଅନୁଷ୍ଠିତ ହେବା ସହ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଏ ଦିଗରେ ଜନ ପ୍ରତିନିଧିମାନଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କୋଭିଡ ଯୋଗୁ ପିତୃ/ମାତୃହୀନ ହୋଇଥିବା ୬ ଜଣ ଶିଶୁଙ୍କୁ ପି.ଏମ୍. କେୟାର ଯୋଜନାରେ ମୋଟ ୪୦ ଲକ୍ଷ ୧ ହଜାର ୫୮୦ ଟଙ୍କା ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପଚାଂୟତ ସମିତି ଅଧକ୍ଷ/ଅଧକ୍ଷା , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ଯତ୍ନ ଅନୁଷ୍ଠାନ, ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରିୟଙ୍କା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସମ୍ପର୍କିତ ଆଶୀର୍ବାଦ ଯୋଜନା, ବିଜୁ ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢ଼ାଓ ଯୋଜନା, ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଶିଶୁ ଶ୍ରମିକ ନିଷେଧ ଓ ବାଲ୍ୟ ବିବାହମୁକ୍ତ ଅଭିଯାନ ଓ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଗୁଡିକର ସଠିକ ଅନୁପାଳନ ପାଇଁ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

# ବ୍ରହ୍ମପୁର ସହରରେ ଖୋଲିଲା ୯ଟି କୋଭିଡ୍ ପରୀକ୍ଷା କେନ୍ଦ୍ର

ଗଞ୍ଜାମ,୬/୦୭ (ନି.ପ୍ର): ରାଜ୍ୟକୁ ପୁଣି ଥରେ ଫେରିଛି କରୋନା । ଗଞ୍ଜାମ ଜିଲ୍ଲାରେ ଇତିମଧରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଏମକେସିଜି କୋଭିଡ୍ ହସ୍ପିଟାଲକୁ ମଧ ରୋଗୀ ଆସୁଛନ୍ତି । ବ୍ରହ୍ମପୁର ସହରରେ ବହୁ ଲୋକ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏନେଇ ସତର୍କ କରିବା ପରେ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ମଧ ସତର୍କତା ଅବଲମ୍ବନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ପ୍ରକାରେ ସହରରେ କୋଭିଡ୍ ଆଂଟିଜେନ୍ ପରୀକ୍ଷା କରିବା ପାଇଁ ୯ଟି କେନ୍ଦ୍ର ଖୋଲାଯାଇଥିବା ବିଇଏମସି ସୂତ୍ରରୁ ପ୍ରକାଶ । ସେଗୁଡିକ ହେଲା ବିଜୁ ପଟ୍ଟନାୟକ ହୋମିଓପାଥି କଲେଜରେ ଆରଟି-ପିସିଆର ଓ ଆଂଟିଜେନ୍ ପରୀକ୍ଷା ହୋଇପାରିବ । ସକାଳ ୮ଟା ଠାରୁ ଦିନ ୧୨ଟା ଏବଂ ଅପରାହ୍ନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ସ୍ୱାବ୍ ସଂଗ୍ରହ ହୋଇପାରିବ । ସେପଟେ ଅନ୍ୟ ୮ଟି କେନ୍ଦ୍ରରେ ସକାଳ ୯ଟା ଠାରୁ ଦିନ ୧୧ଟା ଏବଂ ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଆଂଟିଜେନ୍ ପରୀକ୍ଷା ହୋଇପାରିବ । ଆମ୍ବପୁଆ, ଖୋଡାସିଙ୍ଗି, ଗୁଡସ୍ ସେଡ୍ ରୋଡ୍, ଉତରାମୁଖୀ, ବୈକୁଣ୍ଠନଗର, ଆଗାସାହି, ଆସିକା ରୋଡ୍ ଓ ରେଡ୍‌କ୍ରସ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଂଟିଜେନ୍ ପରୀକ୍ଷା ହୋଇପାରିବ । ସହରରେ ଥଣ୍ଡା ଓ ଜ୍ୱର ଆକ୍ରାନ୍ତ ମାନେ ଆବଶ୍ୟକ ସ୍ଥଳେ କୋଭିଡ୍ ପରୀକ୍ଷା କରିବେ ବୋଲି ସ୍ପଷ୍ଟ କରାଯାଇଛି ।

# ପ୍ରଶାସନ ଓ ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର, ରାସ୍ତା ମରାମତି ପାଇଁ ଦାବି

ସମ୍ବଲପୁର,୬/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ୱାର୍ଡ ନଂ ୧୨ ବାବୁବନ୍ଧ ଗ୍ରାମବାସୀ ଆଜି ଯାଏଁ କଚା ସଡ଼କରୁ ମୁକୁଳି ପାରିନାହାନ୍ତି । ଲୋକଙ୍କ ଗମନାଗମନ ପାଇଁ ସରକାର ଭଲ ରାସ୍ତା ତିଆରି କରିବା ଲକ୍ଷ୍ୟରେ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଓ ଅନିଚ୍ଛା ଯୋଗୁଁ ଆଜି ବି କେତେ ସ୍ଥାନରେ ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥାରେ ପଡି ରହିଛି । ସମ୍ବଲପୁର ଜିଲ୍ଲା ବାବୁବନ୍ଧ କଳାମାଟି ପଂଚାୟତ ରୁ ଶିବ ମନ୍ଦିର ଯିବା ରାସ୍ତା, ଯୁଗୀପାଲି, ନୀଲେଇ ପାଲି ସମେତ ଅନେକ ଗ୍ରାମ ଅଛି ଯାହାକି ବରଗଡ଼ ଜିଲ୍ଲା କୁ ମଧ୍ୟ ଏହି ରାସ୍ତା ସଂଯୋଗ କରୁଛି ଏପରି ଏକ ସମସ୍ୟା ଦେଖାଦେଇଛି । ଦୀର୍ଘ ବର୍ଷ ହେବ ଏହାର ମରାମତି କରାଯାଉ ନଥିବାରୁ କେଉଁଠି ଆଣ୍ଠୁଏ କାଦୁଅ ତ କେଉଁଠି ଖାଲ ହେଉଛି । ସେଥିପାଇଁ ଏହି ରାସ୍ତାରେ ଲୋକଙ୍କୁ ତ ଅସୁବିଧା ହେଉଛି ଏହାକି ଆମ୍ବୁଲାନ୍ସ , ଦମକଳ ଯିବାଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛି.ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ନିଜ କାମରେ ଯିବା ଆସିବା କରନ୍ତି । ବର୍ଷା ଦିନେ ଲୋକେ ନାହିଁ ନ ଥିବାରୁ ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତା ର ଶୀଘ୍ର ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି ନ ହଲେ ଆଗକୁ ଅଞ୍ଚଳବାସୀ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ନାଇଟ୍ରୋଜେନ ଗ୍ୟାସ ସିଲିଣ୍ଡର ଫିଲିଂ ବେଳେ ବ୍ଲାଷ୍ଟ ହୋଇ ୩ଜଣ ଶ୍ରମିକ ଗୁରୁତର

ବଲାଙ୍ଗୀର ,୬/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଭୁତିଆରବାହାଲ ଗାଁ ନିକଟରେ ଥିବା ମାଁ ଷ୍ଟୋନକ୍ରସରରେ ଆଜି ଏକ ବଡ ଅଘଟଣ ଘଟିଯାଇଛି । କ୍ରସରରେ ନାଇଟ୍ରୋଜେନ ଗ୍ୟାସ ସିଲିଣ୍ଡର ଫିଲିଂ ବେଳେ ତାହା ବ୍ଲାଷ୍ଟ ହୋଇଯିବାରୁ ୩ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଅଣାଯାଇ ଭର୍ତ୍ତି କରାଯାଇଛି । ତେବେ ବାପି ବାଗଡି ନାମକ ଜଣେ ଶ୍ରମିକ ଅଧିକ ଗୁରୁତର ଥିବାରୁ ତାଙ୍କୁ ବରଗଡ ବିକାଶ ହସପିଟାଲକୁ ନିଆଯାଇ ଭର୍ତ୍ତି କରାଯାଇଛି । ଅନ୍ୟ ଦୁଇଜଣ ବିକାଶ କୁମାର ଓ ରାଜୀବ ବାଗଡି ବଲାଙ୍ଗୀରରେ ଚିକିତ୍ସିତ ହେଉଛନ୍ତି । ବାପିଙ୍କ ଦେହ ପୋଡିଯାଇଥିବା ବେଳେ ଗୋଡ ମଧ ଭାଙ୍ଗିଥିବା କୁହାଯାଉଛି । ସେହିପରି ବିକାଶର ହାତ ଓ ମୁହଁ ପୋଡିଯାଇଛି । ରାଜୀବଙ୍କ ଆଖିରେ ଆଘାତ ଲାଗିଛି । ସେ ଠିକରେ ଦେଖିପାରୁନଥିବା କହିଛନ୍ତି । ତେବେ ଏହି ଶ୍ରମିକମାନେ ପଶ୍ଚିମବଙ୍ଗର ହୋଇଥିବା ବେଳେ ସେମାନେ ଦୈନିକ ମଜୁରିଆ ଭାବରେ କାମ କରୁଥିଲେ ବୋଲି ଜଣାପଡିଛି । କିନ୍ତୁ ସେମାନେ ଏଭଳି ବିପଦପୂର୍ଣ୍ଣ କାମ କରୁଥିଲେ ହେଁ ଶ୍ରମିକଙ୍କ ସୁରକ୍ଷା ଉପକରଣ ଯଥା ହେଲମେଟ, ଗ୍ଲୋବସ ଓ ଜୋତା ପିନ୍ଧିନଥିବା କାରଣରୁ ଅଘଟଣର ଶୀକର ହୋଇଥିଲେ ବୋଲି କୁହାଯାଉଛି । ମାଁ କ୍ରସରଟି ବଲାଙ୍ଗୀରର ନୀରୋଜ ଅଗ୍ରୱାଲଙ୍କ ନାମରେ ରହିଥିବା ବେଳେ ଏହା ବିନା ପଞ୍ଜିକରଣରେ ବେଆଇନ ଭାବରେ ଚାଲିଥିବା ଅଭିଯୋଗ ହେଉଛି । ପୂର୍ବରୁ ଅନେକ ଥର ଏହି କ୍ରସରକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ହେଁ ପ୍ରଶାସନକୁ ହାତକରି ସବୁ ତଦନ୍ତକୁ ଚପାଇଦିଆଯାଇଛି । ନୀୟମ ରହିଛି କ୍ରସର ଚଳାଇବାକୁ ହେଲେ କ୍ରସର ପଞ୍ଜିକରଣ ସହିତ ନିୟୋଜିତ ଶ୍ରମିକମାନଙ୍କ ପଞ୍ଜିକରଣ ନିତାନ୍ତ ଆବଶ୍ୟକ । କିନ୍ତୁ ଏଠାରେ ସବୁ ନୀୟମକୁ ଫୁ କରି ବେଆଇନ ଭାବରେ ବଙ୍ଗାଳି ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଦିନ ୧୦ଟାରେ ଏହି ଘଟଣା ଘଟିଥିଲେ ହେଁ ଦେଓଗାଁ ଥାନାରେ ଏନେଇ ଖବର ନାହିଁ । ଏ ବିଷୟରେ ଦେଓଗାଁ ଥାନା ଅଧିକାରୀଙ୍କୁ ପଚାରିବାରୁ ଦିନ ଅଢେଇଟାରେ ମୁଁ ଏବେ ଏବିଷୟରେ ଜାଣିବାକୁ ପାଇଛି ଓ ଷ୍ଟାଫଙ୍କୁ ପଠାଉଛି ବୋଲି କହିଛନ୍ତି । ବେଆଇନ କ୍ରସର ଓ ବେଆଇନ ଶ୍ରମିକ ନିୟୋଜନ କରାଯାଇଥିବା ବିଷୟକୁ ନେଇ ତଦନ୍ତ କରାଯିବା ସହିତ ଆହତ ଶ୍ରମିକମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ସହରରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ୍ : ସବୁ ଯୋଜନା ଫେଲ

ପୁରୀ,୬/୦୭ (ନି.ପ୍ର): ରଥଯାତ୍ରା ଯୋଗୁ ପୁରୀ ସହର ଭିତର ଓ ବାହାର ପ୍ରତିଦିନ ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି । ତିନି ମାସ ପୂର୍ବରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରାକ ପ୍ରସ୍ତୁତି ଡ଼ିଜିଟାଲ ରୁଟଚାଟ ଓ ରୁଟ ଲେଆଉଟ ମ୍ୟାକପ କରାଯାଇଥିଲା । ଶହ ଶହ ପୋଲିସ ବିଭିନ୍ନ ସ୍ଥାନରେ ଡ଼ିୟୁଟି କରୁଥିଲେ ମଧ ଟ୍ରାଫିକ ଜାମ୍ ଯୋଗୁଁ ଶହ ଶହ ଗାଡ଼ି ଫସି ରହୁଛନ୍ତି । ଶ୍ରୀଗୁଣ୍ଡିଚା ଦିନ ଷ୍ଟେସନ ନିକଟ ଗରୁଡ଼ ଛକରେ ଶହ ଶହ ଗାଡ଼ି ଅଟକି ରହିଥିଲା । ସେହି ସ୍ଥାନଟି ଅଣ ଓସାରିଆ ଓ ବଙ୍କେଇ ରହିଥିବା ଯୋଗୁ ଯାନବାହନରେ ଯାଆସରେ ବାଧାସୃଷ୍ଟି ହୋଇଥିଲା । ରେଡ଼କ୍ରସ ରୋଡ଼ରୁ ଦୁଇ,ତିନି ଓ ଚାରି ଚକିଆ ଗାଡ଼ି ଯାଉଥିଲା ଓ ଆସୁଥିଲା । ସର୍ବୋଦୟ ନଗର ନନ୍ଦାଳୟ ଛକ ଠାରୁ ଷ୍ଟେସନ ଗରୁଡ଼ ଛକ ପର୍ଯ୍ୟନ୍ତ୍ ଅନେକ ଗାଡ଼ି ଯାଆସ କରୁଥିଲା । ସେହିପରି ଷ୍ଟେସନ ସମ୍ମୁଖ ରାସ୍ତା ଓ ଝାଡ଼େଶ୍ୱରୀ ଠାରୁ ଗରୁଡ଼ ଛକ ପର୍ଯ୍ୟନ୍ତ ଅନେକ ଗାଡ଼ି ଆସୁଥିବାରୁ ସେହିଠାରେ ପ୍ରାୟ ଦେଢଘଂଟା ଧରି ଟ୍ରାଫିକ ଜାମ୍‌ରେ ଫସିଯାଇଥିଲେ ଯାତ୍ରୀମାନେ । ସେହି ସ୍ଥାନରେ ବିଦ୍ୟୁତ୍ ଅଫିସ ରହିଥିବାରୁ ଯାଗାଟି ସଂକୀର୍ଣ୍ଣ ହୋଇଯାଇଛି । ଏହାସହ ଗରୁଡ଼ ମୂର୍ତିଟି ମଝିରେ ରହିଥିବାରୁ ଗାଡ଼ି ବୁଲାଇବା ପାଇଁ ଅସୁବିଧା ହେଉଛି । ସେହିପରି ମାଟିଆପଡ଼ା ଛକ, ବଡ଼ଶଙ୍ଖ ଛକ, ଅଠରନଳା ଛକ,ରେଳଫାଟକ ଛକ, ହରିହର ଛକ, ଦିଗବାରେଣି ଛକ, ମାର୍କେଟ ଛକ,ଜଟିଆ ବାବାଜି ଛକରେ ଟ୍ରାଫିକ ଜାମ ଦେଖିବାକୁ ମିଳିଥିଲା । ମୁଖ୍ୟ ରାସ୍ତାରେ ପୋଲିସ ଜଗିଥିବାରୁ ଅଟୋରିକ୍ସା ଗୁଡ଼ିକ ବିଭିନ୍ନ ସାହି ଗଳିକନ୍ଦିରେ ବୁଲି ବୁଲି ଯାଆସ କରୁଥିବାରୁ ସେହି ସାହିଗୁଡ଼ିକ ମଧ ଯାଆସରେ ଅସୁବିଧା ସୃଷ୍ଟି ହେଉଛି ।

## ଜିପ୍‌ରୁ ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ଡ୍ରାଇଭର ଫେରାର୍

ଜୟପୁର,୬/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଜଲାପୁଟରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲଣ ବେଳେ ଲମତାପୁଟ ପୋଲିସ ଚଢ଼ଉ କରିଛି । ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସ.ଡ଼ି.ପି.ଓ.ଙ୍କ ନେତୃତ୍ୱରେ ଲମତାପୁଟ ପୋଲିସ ସିଲେଇପୁଟ ନିକଟରେ ନାକାବନ୍ଦୀ କରି ଜଗିରହିଥିଲା । କମାଣ୍ଡର ଜିପ୍ ଟି ଦୃତ ଗତିରେ ଆସୁଥିବା ଦେଖି ପୋଲିସ ଏହାକୁ ଅଟକାଇଥିଲେ । ପୁଲିସକୁ ଦେଖି ଗାଡି ବ୍ୟାରିକେଡ଼ ଭାଙ୍ଗି ଚାଲି ଯାଇଥିଲା । ପୋଲିସ ପିଛା କରିବା ଦେଖି କିଛିବାଟ ଯିବା ପରେ ଗାଡି ଛାଡ଼ି ଡ୍ରାଇଭର ଜଙ୍ଗଲ ଭିତରକୁ ଚାଲି ଯାଇଥିଲା । ଗାଡି ଯାଂଚ୍ କରିବାରୁ ସେଥିରୁ ୧୦ ଟି ଗଞ୍ଜେଇ ବସ୍ତା ମିଳିଥିଲା । ୧୦ଟି ବସ୍ତାରେ ପ୍ରାୟ ୩ କ୍ୱିଂଟାଲ ଗଂଜେଇ ଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।

## କୁଡୁମୁଲୁଗୁମ୍ମା ଦେୱାନୀ ଅଦାଲତ ପରିସରରେ ଚାରା ରୋପଣ

ମାଲକାନଗିରି,୬/୦୭ (ନି.ପ୍ର): ୭୩ ତମ ବନ ମହୋତ୍ସବ ପାଳନ ଅବସରରେ ବାଲିମେଳା ବନାଂଚଳ ପକ୍ଷରୁ କୁଡୁମୁଲୁଗୁମ୍ମା ସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦେୱାନୀ ଅଦାଲତ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ଅଦାଲତର ମାନ୍ୟବର ଦଣ୍ଡାଧିକାରୀ ସୁମନ୍ତ କୁମାର ପଟ୍ଟନାୟକ, ବାଲିମେଳା ବନଖଣ୍ଡ ରେଞ୍ଜର ଜଗନ୍ନାଥ ପ୍ରସାଦ ବିଶୋଇ, କୁଡୁମୁଲୁଗୁମ୍ମା ବନପାଳ ଜ୍ୟୋତି ଡୁଙ୍ଗ ଡୁଙ୍ଗ, ସରକାରୀ ଓକିଲ ସରୋଜ କୁମାର ସାହୁ, ଓକିଲ ଭକ୍ତ ଚରଣ ବନୀକ, ଅଦାଲତ କର୍ମଚାରୀ କାର୍ତିକ ସାଇନ, ଫରେଷ୍ଟ ଗାର୍ଡ ଜଗନ୍ନାଥ ସାହୁ ଓ ଲକ୍ଷ୍ମୀ କବାସୀ ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ରହି ଅଦାଲତ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ ।



# ଫୁଲ ସୁଡ଼ଙ୍ଗ

ଶୀର୍ଷକଟି ହୁଏତ ଅନେକଙ୍କୁ ଠିକ୍ ଲାଗୁନଥିବ । ଫୁଲରେ ପୁଣି କି ସୁଡ଼ଙ୍ଗ ? ଜାପାନର କିତାକ୍ୟୁଶୁ ସହରରେ ଅବସ୍ଥିତ କାୱାଚି ଫୁଜି ଉଦ୍ୟାନରେ ଅବସ୍ଥିତ ଏହି ସୁଡ଼ଙ୍ଗ ଯାହାର ନାଁ ୱିଷ୍ଟେରିଆ । ଫିକା ବାଇଗଣୀ ଓ ଗୋଲାପି ରଙ୍ଗର ଏକ ପ୍ରକାର ଫୁଲ ପାଇଁ ପ୍ରସିଦ୍ଧ ଏହି ପାର୍କ । ଏହା ଏକ ପ୍ରକାର ବିରଳ ଫୁଲ ଯାହାର ନାଁ ୱିଷ୍ଟେରିଆ । କାୱାଚି ବଗିଚାରେ ୨୦ରୁ ଅଧିକ ପ୍ରଜାତିର ପ୍ରାୟ ୧୫୦ଟି ୱିଷ୍ଟେରିଆ ଗଛ ଅଛି । ମାର୍ଚ୍ଚ ମାସ ଆରମ୍ଭ ହେଲେ ଏହି ଗଛରେ ଫୁଲ ଫୁଟିବା ଆରମ୍ଭ କରେ । ଧୀରେ ଧୀରେ ଧଳା, ନୀଳ, ପର୍ପଲ, ବାଇଗଣୀ ଏବଂ ଗୋଲାପି ରଙ୍ଗର ଫୁଲରେ ଗଛ ଭରିଯାଏ । ଏହି ପାର୍କରେ ଗଛଗୁଡ଼ିକୁ ଏପରି ଭାବେ ଲଗାଯାଇଛି । ଫୁଲ ଫୁଟିବା ବେଳେ ତାହା ଏକ ସୁଡଙ୍ଗର ଭ୍ରମ ସୃଷ୍ଟି କରିଥାଏ । ପୂରା ଫୁଲର ଏହି ସୁଡ଼ଙ୍ଗଟି ଅତିକ୍ରମ କରିବା ପାଇଁ ଅତି କମରେ ୨୦ ମିନିଟରୁ ଅଧିକ ସମୟ ଲାଗେ । ଏହି ପାର୍କ ମଧ୍ୟକୁ ପ୍ରବେଶ କରିବା ପାଇଁ ୧୦୦ରୁ ୩୦୦ ୟେନ୍ ଦେବାକୁ ପଡ଼ିଥାଏ । ସକାଳ ୮ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲାଥାଏ ଏହି ପାର୍କ । ଏପ୍ରିଲରୁ ମେ ମାସ ମଧ୍ୟରେ ସବୁଠୁ ଅଧିକ ଲୋକଙ୍କ ଭିଡ଼ ଜମେ ଏହି ପାର୍କରେ । କାରଣ ଏଡି ସମୟରେ ୱିଷ୍ଟେରିଆ ଫୁଲର ଭାରରେ ନଇଁ ପଡ଼ିଥାଏ ଗଛ ଗୁଡ଼ିକ ।

## ଏମିତି ବି ହୁଏ

# ସ୍କୁଲ ଛାତ୍ର ୧୩ ଭାଷାରେ କଥା ହୁଅନ୍ତି

**ଆଜିକାଲି ବହୁ ଲୋକଙ୍କ ବିଶ୍ୱାସ ଯେ ସରକାରୀ ସ୍କୁଲରେ ଆଉ ପାଠ ପଢ଼ାଯାଉ ନାହିଁ । କିନ୍ତୁ ଏମିତି ଭାବିବା ଭୁଲ । ଏମିତି ଏକ ସରକାରୀ ସ୍କୁଲ ରହିଛି, ଯେଉଁ ସ୍କୁଲର ପୁଲାଙ୍କୁ ବିଭିନ୍ନ ଭାଷାରେ ଶିକ୍ଷା ଦିଆଯାଇଥାଏ । ଏହି କଥା ବିଶ୍ୱାସ ହେଉ ନଥିଲେ ହେଁ ସତ ।**



ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କଥାକୁ ଚିନ୍ତା କରି ପିତାମାତା ସେମାନଙ୍କୁ ଦାମୀ ବେସରକାରୀ କନଭେଣ୍ଟ ସ୍କୁଲରେ ପାଠ ପଢ଼ାଇଥାନ୍ତି । ବହୁ ଲୋକ ଭାବନ୍ତି କି ସରକାରୀ ସ୍କୁଲରେ ପାଠପଢ଼ା ଯାଉ ନାହିଁ । କିନ୍ତୁ ଅଭିଭାବକଙ୍କ ଏପରି ଭାବନାକୁ ଭୁଲ ବୋଲି ପ୍ରମାଣ କରି ଦେଖାଇଛି ଏକ ସରକାରୀ ସ୍କୁଲ । ଯେଉଁ ସ୍କୁଲର ଛାତ୍ରମାନେ ୧୩ଟଇ ଭାଷାରେ କଥା ହୋଇଥାନ୍ତି । ଏହା ସ୍କୁଲର ଛାତ୍ରମାନେ କୌଣସି କନଭେଣ୍ଟ ସ୍କୁଲର ଛାତ୍ରଙ୍କ ଠାରୁ ମଧ୍ୟ କେଉଁଥିରେ କମ୍ ନୁହନ୍ତି । ତେବେ ଏହି ସ୍କୁଲଟି ଉତ୍ତରପ୍ରଦେଶର ପିଲିଭିତ ଜିଲ୍ଲାର ରହିଛି, ଯାହାର ନାମ ମରୋରୀ ବ୍ଲକ୍ ଉଚ୍ଚ ବିଦ୍ୟାଳୟ । ଏହି ସ୍କୁଲ ଛାତ୍ର ତେଲୁଗୁ, ତାମିଲ, ସାନ୍ତାଳି ଆଦି ଭାଷାରେ କଥା ହୋଇଥାନ୍ତି । ୧୮୦୦ ଆଦର୍ଶ ବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠତ୍ୱ ଅର୍ଜନ କରିଛି ଏହି ସରକାରୀ ସ୍କୁଲ । ସରକାର ସମସ୍ତ ସ୍କୁଲରେ ଭାଷା ସଙ୍ଗମ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ କଥାକୁ କାମରେ ପ୍ରୟୋଗ କରିବା ପାଇଁ ଏହି ସ୍କୁଲ ପ୍ରଥମଥର ଚେଷ୍ଟା କରିବା ସହ ୧୩ଟି ଭାଷା ଶିକ୍ଷା ଦିଆଯାଇଥାଏ । ତେଣୁ ସ୍କୁଲ ପିଲାମାନେ ୧୩ଟି ଭାଷା ସମ୍ପୂର୍ଣ୍ଣ କଥା ହୋଇଥାନ୍ତି । ତେବେ ଏତେ ଗୁଡ଼ିଏ ଭାଷାରେ କିପରି ଏହି ସ୍କୁଲ ପିଲା କଥା ହୋଇପାରୁଛନ୍ତି ତାହା ଜାଣିବା ପାଇଁ ସ୍କୁଲ ପ୍ରଧାନ ଶିକ୍ଷକ କହନ୍ତି କି ପିଲାଙ୍କୁ ପ୍ରତିଟି ଭାଷା ପଢ଼ା ଯିବା ସହ ପ୍ରତି ସପ୍ତାହରେ ଭାଷା କଥୋପକଥନ କ୍ଲାସ ହୋଇଥାଏ । ଏଥିସହ ପିଲାମାନେ ପ୍ରତିଦିନ ବିଭିନ୍ନ ଭାଷାରେ କଥା ହେବା ଫଳରେ ଏବେ ୧୩ ଭାଷାରେ ଏହି ସ୍କୁଲର ଛାତ୍ର କଥା ହେବାକୁ ସକ୍ଷମ ହୋଇପାରିଛନ୍ତି । କେବଳ ଏତିକି ନୁହେଁ ସ୍କୁଲର ଉପସ୍ଥାନ ମଧ୍ୟ ଖୁବ୍ ଭଲ ଥିବା ବେଳେ ପିଲାମାନେ ପାଠପଢ଼ାରେ ମଧ୍ୟ ଆଗରେ ରହିଛନ୍ତି ।

# ରୋଜଗାରରେ ୭୫% ଦାନ କରୁଥିବା କିନ୍ନର



ବିଭିନ୍ନ ଶୁଭକାର୍ଯ୍ୟରେ ନୃତ୍ୟ, ଗୀତ କରିବା ସହ ଅଭିନନ୍ଦନ ଜଣାଇ ଅର୍ଥ ଉପାର୍ଜନ କରନ୍ତି କିନ୍ନରମାନେ । ଭାରତର ପ୍ରତ୍ୟେକ ପ୍ରାନ୍ତରରେ କିନ୍ନରଙ୍କ ଏଇ ଆଦବକାଇଦା ଦେଖିବାକୁ ମିଳେ । ଏହି ଭଳି ଜୀବିକାରେ ଜୀବନ ଅତିବାହିତ କରୁଛନ୍ତି ରାଜକୁମାରୀ ନାମକ ଜଣେ କିନ୍ନର । ଝାଡ଼ଖଣ୍ଡ ବୋକାରୋନିବାସୀ ରାଜକୁମାରୀ ନିଜ ସମାଜସେବା ପାଇଁ ପାଖଆଖ ଅଞ୍ଚଳରେ ଜଣାଯାନ୍ତି । ଅନେକ ଥର ଧନୀଲୋକଙ୍କ ଘରେ ଶୁଭକାମନା ଜଣାଇବା ପରେ ସେମାନେ ଖୁସିରେ ସୁନା ଜିନିଷ ଓ ବହୁ ଟଙ୍କା ଦିଅନ୍ତି । ଏସୁବୁକୁ ରାଜକୁମାରୀ ଅପବ୍ୟୟ ନକରି ବରଂ ସଞ୍ଚୟ କରୁଥିଲେ । ଯଥାସମୟରେ ସେ ଏହାର ସଦୁପଯୋଗ କରିଛନ୍ତି । କେତେକ ପରିସ୍ଥିତିରେ ଗରିବ ଲୋକେ ନିଜ ଝିଅଙ୍କ ବିବାହ ନିମନ୍ତେ ତାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ରାଜକୁମାରୀ ନିଃସ୍ୱାର୍ଥପରତାର ସହିତ ସେ ସବୁ ଗହଣାକୁ ଦାନ କରିଛନ୍ତି । କିଛି ବର୍ଷ ତଳେ ୫ ଜଣ ଝିଅଙ୍କୁ ସେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ରାସ୍ତାକଡ଼ରୁ ଏଇ ଅନାଥ ପିଲାଙ୍କୁ ଆଣି ରାଜକୁମାରୀ ଲାଳନପାଳନ କରିଥିଲେ । ସେମାନଙ୍କ ଉତ୍ତମ ଶିକ୍ଷାଦାନରେ ଆଦୌ ଅବହେଳା କରିନଥିଲେ କିନ୍ନର ରାଜକୁମାରୀ । ଯଥା ସମୟରେ ଭଲ ପରିବାରର ଯୋଗ୍ୟ ଯୁବକଙ୍କୁ ଏଇ ୫ ଝିଅଙ୍କୁ ବିବାହ ମଧ୍ୟ କରାଇଛନ୍ତି । ସେ ଓ ତାଙ୍କ ୧୨ ଜଣରୁ ଅଧିକ ଯୁବତୀ ବିବାହ ସମ୍ପନ୍ନ କରାଇଛନ୍ତି । ରାଜକୁମାରୀଙ୍କ ମତରେ କନ୍ୟାଦାନଠାରୁ ପୁଣ୍ୟ କାମ ଆଉ ନାହିଁ । ଈଶ୍ୱରଙ୍କ ଏଇ ସୁନ୍ଦର ସୃଷ୍ଟିରେ ସେ ମଧ ଜଣେ ମଣିଷ । ଏଣୁ ମାନବିକତା କିଭଳି ରହିବ ନାହିଁ, ଜୀବନର ଶେଷନିଃଶ୍ୱାସରେ ମଧ ନିଜ ପାରୁପର୍ଯ୍ୟନ୍ତ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବେ ବୋଲି କହିଛନ୍ତି । ରୋଜଗାରର ୭୫% ଦାନ କରୁଥିବା ରାଜକୁମାରୀଙ୍କ ମତରେ ମୃତ୍ୟୁ ପରେ ଏଇ ଶରୀର ପାଉଁଶ ହେବ । ଏଣୁ ବଞ୍ଚିଥିବା ସମୟରେ କିଛି ମହତ୍ କାମ କରିବା ଲକ୍ଷ୍ୟ ରହିଛି ତାଙ୍କର ।



# କେଶରେ ଚମକ ଆଣିବ 'ବ୍ଲାକ୍ ଟି'

ରୁକ୍ଷ ଏବଂ ମଳିନ ଦେଖାଯାଉଥିବା କେଶରେ ପୁଣି ଚମକିବ । ସେଥିପାଇଁ ସାଲୁନକୁ ବାରମ୍ବାର ଯାଇ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଘରୋଇ ଭାବେ କେଶ ପାଇଁ ଆପଣାନ୍ତୁ ବ୍ଲାକ୍ ଟି । ପ୍ରଥମେ ଏକ କପ୍ ବ୍ଲାକ ଟି ବିନା ଚିନିରେ ପ୍ରସ୍ତୁତ କରି ଥଣ୍ଡା କରନ୍ତୁ । କେଶକୁ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ତାହାପରେ ବ୍ଲାକ ଟିକୁ କେଶରେ ଲଗାଇ ସେହିଭଳି ତାକୁ ୫ରୁ ୧୦ମିନିଟ ଛାଡ଼ି ଦିଅନ୍ତୁ । ତାପରେ ପୁଣି ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଅଧ ଚାମଚ ହେନା ପାଉଡର ଏବଂ କଫି, ୨ରୁ ୩ଚାମଚ ବ୍ଲାକ ଟି ନେଇ ତାହାକୁ ଭଲ ଭାବରେ ପେଷ୍ଟ କରିଦିଅନ୍ତୁ । ଉକ୍ତ ପେଷ୍ଟକୁ ଖପୁରୀ ଏବଂ କେଶର ଶେଷ ଭାଗରେ ଭଲଭାବରେ ଲଗାନ୍ତୁ । ସେଭଳି ଅବସ୍ଥାରେ ୩୦ମିନିଟ୍ ଛାଡ଼ି ଦିଅନ୍ତୁ । ତାପରେ ସାମ୍ପୁ କରିଦିଅନ୍ତୁ ।

ଏକ ଚାମଚ ବ୍ଲାକ ଟି, ଦୁଇ ଚାମଚ ନଡ଼ିଆ ତେଲ ପକାଇ ତାହାକୁ ଭଲ ଭାବରେ ଫେଣ୍ଟି ଦିଅନ୍ତୁ । ସେହି ମିଶ୍ରଣକୁ ନେଇ ଖପୁରୀ ଏବଂ କେଶର ଅଗ୍ରଭାଗ ପର୍ଯ୍ୟନ୍ତ ଭଲଭାବରେ ଘଷନ୍ତୁ । ଘଣ୍ଟାଏ ପରେ ନଖ ଉଷୁମ ପାଣି ଓ ସାମ୍ପୁରେଶେ ଧୋଇ ଦିଅନ୍ତୁ ।

ମହୁ ଏବଂ ଦୁଇ ଚାମଚ ଗ୍ରୀନଟି, ଓ ବ୍ଲାକ ଟି ନେଇ ତାହାକୁ ମିଶାନ୍ତୁ । ସେହି ମିଶ୍ରଣକୁ ଖପୁରୀରେ ଲଗାଇ କିଛି ଧୀରେ ଧୀରେ ଘଷନ୍ତୁ । ଏପରି ସପ୍ତାହରେ ୨ଥର କରି କେଶରେ ଫରକ ଦେଖନ୍ତୁ ।

# ବୁଟ ଓ ମଟର

ମାଟିର ବତର ଦେଖି ବୁଟ ଓ ମଟର ବୁଣନ୍ତୁ । ଅଧିକ ଅମଳକ୍ଷମ ବୁଟ କିମ: ରାଧେ, ଆନେଗିରି ସି-୨୩୫, ଏଚ-୨୦୮ । ଏକର ପ୍ରତି ୨୫ କିଗ୍ରା ବିହନ ବୁଣିଲେ ଭଲ ଅମଳ ହୁଏ । ଅଧିକ ଅମଳକ୍ଷମ ମଟର କିସମ: ରଚନା, ଅଲଶ ଅକେଲ, ଟି-୧୬୩ । ଏକର ପ୍ରତି ୨୫ରୁ ୩୦ କିଗ୍ରା ବିହନ ବୁଣନ୍ତୁ । ବୁଣିବା ପୂର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ବିଶୋଧନ କରନ୍ତୁ । ଉଭୟ କ୍ଷେତ୍ରରେ ୧ କିଗ୍ରା ବିହନକୁ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାର୍ବେଣ୍ଡାଜମ ମିଶାଇ ବିଶୋଧିତ କରନ୍ତୁ । ସାତଦିନ ପରେ ଏକର ପ୍ରତି ୪୦୦ ଗ୍ରାମ ରାଇଜୋବିୟମ କଲଚରରେ ଗୋଳାଇ ବୁଣନ୍ତୁ । ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛନ୍ତୁ । ଏକର ପ୍ରତି ଦୁଇ ଟନ ଶଢ଼ଖା ଗୋବର ଖତ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (ଦଶକିଗ୍ରା), ଷୋଳ କିଗ୍ରା ଫସଫରସ ସାର ଧାଡ଼ିରେ ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ତିରିଶ ଓ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ବିହନ ତିନି ସେମି ଗଭୀରରେ ବୁଣନ୍ତୁ । ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ ।



# ବୁଢ଼ୀ ହେଉନି ବାର୍ବି!

ପୂରା ବିଶ୍ୱରେ ବାର୍ବି କଣ୍ଢେଇ କେବଳ ପିଲାଙ୍କ ପାଖରେ ନୁହେଁ, ବରଂ ବଡ଼ଙ୍କ ପାଖରେ ମଧ ପ୍ରିୟ । ଆମେରିକୀୟ ଖେଳନା କମ୍ପାନୀ ମାଟେଲ୍ ଆଇଏନ୍ସି ପ୍ରଥମଥର ୧୯୫୯ ମାର୍ଚ୍ଚ ୯ରେ ଫେଶନ୍ କଣ୍ଢେଇ 'ବାର୍ବି'ର ବଜାର ପ୍ରବେଶ କରାଇଥିଲା । ଚଳିତ ବର୍ଷ ମାର୍ଚ୍ଚ ୯ରେ ବାର୍ବିକୁ ୬୦ ବର୍ଷ ପୂରିଯିବ, ହେଲେ ବାର୍ବି ସେହିଭଳି ଯୁବତୀ ଅଛି । ବାର୍ଦ୍ଧକ୍ୟର ଭାଙ୍ଗ ଏଯାଏଁ ତା' ଚେହରାରେ ପଡ଼ିନାହିଁ । ବାର୍ବି ବିକ୍ରି ହେବାର ପ୍ରଥମ ବର୍ଷ କେବଳ ଆମେରିକାର ୩ ଲକ୍ଷରୁ ଅଧିକ କଣ୍ଢେଇ ବିକ୍ରି ହୋଇଥିବାର ତଥ୍ୟ ମିଳିଛି । ୨୦୦୯ରେ ବାର୍ବିର ୫୦ତମ ଜନ୍ମଦିନକୁ ନ୍ୟୁୟର୍କରେ ଖୁବ୍ ଜାକଜମକରେ ପାଳନ କରାଯାଇଥିଲା । ଏଥରକ ୬୦ତମ ଜନ୍ମଦିନ ନିମନ୍ତେ ମଧ କମ୍ପାନୀ ବିଶେଷ ପ୍ରସ୍ତୁତି କରୁଥିବାର ଜଣାପଡ଼ିଛି । ଗତ ୫୯ ବର୍ଷ ମଧ୍ୟରେ ସଂଖ୍ୟାଧିକ ଡିଜାଇନର ବାର୍ବି କଣ୍ଢେଇ ବଜାରରେ ବିକ୍ରି ହୋଇଛି । ସୁଇଜରଲ୍ୟାଣ୍ଡନିବାସୀ ୬୯ ବର୍ଷୀୟା ଜିନି ପ୍ଲେଟନ୍‌ଙ୍କ କହିବାନୁସାରେ ସେ ବାର୍ବିର ଜଣେ ପ୍ରଶଂସକ । ପିଲାଦିନରୁ ଆଜି ପର୍ଯ୍ୟନ୍ତ ବିଶ୍ୱର ପ୍ରମୁଖ ପ୍ରାନ୍ତ



ଭ୍ରମଣ କରି ସେ ବିଭିନ୍ନ ଡିଜାଇନର ବାର୍ବି ସଂଗ୍ରହ କରିଛନ୍ତି । ତାଙ୍କ ଘରେ ୨୨୨ ଡିଜାଇନର ବାର୍ବି ଅଛନ୍ତି । ଛୋଟବେଳୁ ଏଇ କଣ୍ଢେଇ ସହ ଖେଳିଥିବା ଜିନିଙ୍କ ମତରେ ସେ ଏହା ଭିତରେ ବୁଢ଼ୀ ହୋଇଗଲେ କିନ୍ତୁ ବାର୍ବି ଏଯାଏଁ ଯୁବତୀ ଅଛି ବୋଲି ହସିହସି କହିଛନ୍ତି । ବିଶ୍ୱସ୍ତରରେ ଖୁବ୍ ଭଲ ବ୍ୟବସାୟ କରିଥିବା ବାର୍ବି କଣ୍ଢେଇର ବ୍ୟବସାୟ ୨୦୧୪ ପରଠାରୁ ବ୍ୟବସାୟ ପ୍ରଭାବିତ ହୋଇଛି । କମ୍ପାନୀ ମୁଖ୍ୟ ଏବେ ବାର୍ବିର ଅନ୍ୟ ଡିଜାଇନ୍ ଉପରେ ଗୁରୁତ୍ୱ ଦେଉଥିବାର ପ୍ରକାଶ ।

# ବରଫପାତ ହେଉଥିବା ଅଞ୍ଚଳର ଲୋକଙ୍କ ଜୀବନ ଶୈଳୀ





ଭାରତର ହିମାଚଳ ପ୍ରଦେଶର କେତେକ ଅଞ୍ଚଳ ତଥା ରୁଷିଆ ଓ ଆମେରିକାର ପ୍ରମୁଖ ସ୍ଥାନରେ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ବରଫପାତ ହୋଇଥାଏ । ତେବେ ଏହି ବରଫପାତ ପୂର୍ବରୁ ସ୍ଥାନୀୟ ଲୋକେ ନିଜ ଜୀବନଶୈଳୀକୁ ନେଇ ବେଶ୍ ସଚେତନ ହୋଇଥାନ୍ତି ।

ରୁଷିଆର ଯେଉଁ ପ୍ରାନ୍ତରେ ବରଫପାତ ହୁଏ, ସେହି ଅଞ୍ଚଳର ଲୋକେ ୬ ମାସ ପାଇଁ ଖାଦ୍ୟ ସଂଗ୍ରହ କରନ୍ତି । ଶୁଖିଲା ଖାଦ୍ୟ ସହ ଘରେ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଲୋକେ ମହଜୁଦ୍ ରଖୁଥିବାର ପ୍ରକାଶ ।

ଆମେରିକାର ଯେଉଁ ପ୍ରାନ୍ତରେ ବରଫାପାତ ହୁଏ, ସେଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ବରଫାପାତ କମ ହେବା ମାତ୍ରେ ଲୋକଙ୍କୁ ସ୍ଥାନୀୟ ମଲ୍ ଓ ଦୋକାନ ଯାଇ କିଣାକିରି କରିବାକୁ ସଙ୍କେତ ଦିଆଯାଏ ।

ଏହି ଅଞ୍ଚଳର ବିଦ୍ୟାଳୟରେ ମଧ୍ୟ ସେହିପରି ଭାବେ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି । ବରଫାପାତ ହେବା ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦିଏ । ଏହାକୁ ଲକ୍ଷ୍ୟ ରଖି ବିଦ୍ୟାଳୟ କତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ହୋମୱାର୍କ ଅଧିକ ପରିମାଣର ଦିଅନ୍ତି ।

ବୟସ୍କ ଲୋକେ ଓ ଛୋଟ ପିଲାଙ୍କ ଶରୀର ଅସୁସ୍ଥ ଏହି ସମୟରେ ସବୁଠୁ ବଡ଼ ଅସୁବିଧା ସୃଷ୍ଟି କରେ ବୋଲି ଅଧିକାଂଶ ମତ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପୁଣି ମହାମାରୀ ଆଶଙ୍କା....

ସାରା ବିଶ୍ୱରେ ପୁଣି ଲେଉଟିଛି କରୋନା ସଂକ୍ରମଣ । ଏବେ ସୁଦ୍ଧା ବିଶ୍ୱରେ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ପହଞ୍ଚିଲାଣି ୬୩ଲକ୍ଷ ୬୨ହଜାରରେ । ଲହର ପରେ ଲହର ସଂକ୍ରମଣ ସହିତ କେତେକ ଦେଶରେ ମଝିପ ଭୂତାଣୁ ବ୍ୟାପି ଏ ସଂକ୍ରାନ୍ତ ଭୟକୁ ଦୁଇଗୁଣା ବଢ଼ାଇ ଦେଇଛି । କରୋନାରୁ ଆରୋଗ୍ୟ ହେଲେଣି ୫୨କୋଟିରୁ ଅଧିକ ହୋଇଥିବା ବେଳେ ଏବେ ମଧ ଡାକ୍ତରଖାନାରେ ୧୮କୋଟିରୁ ଅଧିକ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି । ସଂକ୍ରମଣ ହାର ପୂର୍ବଭଳି ନୁହେଁ । ତାହାରି ଭିତରେ ସମସ୍ତଙ୍କୁ କୋଭିଡ ଅନୁକୂଳ ବ୍ୟବହାର ନେଇ ସାଧାରଣରେ ସଚେତନତା ବୃଦ୍ଧି ପାଇଛି । ଯେହେତୁ କରୋନାର ଲହର କ୍ରମେ ତାହାର ରୂପ ବଦଳାଇବାରେ ଲାଗିଛି, ତାହା ନେଇ ସଚେତନତା ଯେଉଁଭଳି ହେବା କଥା, ତାହା ପ୍ରାୟତଃ ଦେଖୁକୁ ମିଳୁନାହିଁ । କୋଭିଡ ଅନୁକୂଳ ଆଚରଣର ସଠିକ୍ ଅନୁପାଳନ ଦିଗରେ ପ୍ରୟାସ ପୂର୍ବଦିନ ଭଳି କରାଯିବା ଉପରେ ପ୍ରାଥମିକତା ଦିଆଯିବା ଆବଶ୍ୟକ । ପୁରୁଣା ପଦ୍ଧତି ଆପଣାଇବା ଯେତେ ଜରୁରି, ଟିକାକରଣ ପରବର୍ତ୍ତୀ ସଚେତନତା ପାଇଁ ନୂତନ ପଦ୍ଧତି ଆପଣାଯିବା ଆବଶ୍ୟକ । ଆମ ରାଜ୍ୟରେ ବର୍ତ୍ତମାନ କରୋନା ସଂକ୍ରମଣରୁ ଲେଉଟାଣି ସମସ୍ତଙ୍କୁ ଚିନ୍ତାରେ ପକାଇଲାଣି । ପୁଣି ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଆରମ୍ଭ କରିଦେଲାଣି କୋଭିଡ ଶଯ୍ୟା ତଥା ଆଇସିୟୁ ପ୍ରସ୍ତୁତି । ଯଦିଓ ବ୍ୟାପକ ଟିକାକରଣ ହୋଇସାରିଛି, ତାହା ସଙ୍ଗେ ସଂକ୍ରମିତଙ୍କ ସଂଖ୍ୟା ଊଣା ନୁହେଁ । ପୂର୍ବଭଳି ସଂକ୍ରମଣର ମାତ୍ରା ଓ ହାର ଅଧିକ ନହେଲେ ସୁଦ୍ଧା ତାହା ନିକଟ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ନହେବ, କିଏ କହିପାରିବ ? ଏହା ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ କରୋନା ସଂକ୍ରମଣ ନେଇ ଅଧିକରୁ ଅଧିକ ଟେଷ୍ଟି ଓ ଟ୍ରିଟ୍‌ମେଣ୍ଟ ବଢ଼ାଇଦେବା ଲାଗି ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱ ଦେଇଛନ୍ତି । ରଥଯାତ୍ରାରେ ଲକ୍ଷ ଲକ୍ଷ ଦର୍ଶନାର୍ଥୀଙ୍କ ସମାଗମ ହେତୁ ସଂକ୍ରମଣର ଆଶଙ୍କା ପୂରା ମାତ୍ରାରେ କମିନାହିଁ । ସେଥିପାଇଁ ରଥଯାତ୍ରାରେ ଭିଡ଼ ଊଣା କରିବା ଓ ସବୁ ପ୍ରକାର କଟକଣା ମାନିବାକୁ ପରାମର୍ଶ ଭିତରେ ଲକ୍ଷ ଲକ୍ଷ ଯାତ୍ରୀଙ୍କ ଭିଡ଼ ହେଲା । ସଂକ୍ରମଣ ସହସା ଜଣାପଡ଼ିବାର ସବୁ ସାଧନ ଥିବା ସତ୍ତ୍ୱେ ତାହା କେଉଁଠି ପୁଣି ଉଙ୍କିମାରିବ, ତାହା କେହି କହିପାରିବେ ନାହିଁ । ସୁତରାଂ, ସରକାରୀ ବ୍ୟବସ୍ଥା ଯେମିତି ହେଉଛି, ତାହାଛଡ଼ା ସାମାଜିକ କଟକଣାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉପରେ ଜୋର୍ ଦେବା ଅଧିକ ଜରୁରି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତରେ ଗୃହୀତ ପଦକ୍ଷେପର ପ୍ରଶଂସା କରିଛି । ଆମ ରାଜ୍ୟରେ ଗୃହୀତ କରୋନା ମୁକାବିଲା ପଦକ୍ଷେପ ମଧ ଜାତୀୟ ଧାନ ଆକର୍ଷଣ କରିଛି । ଓଡ଼ିଶାକୁ ଏ କ୍ଷେତ୍ରରେ ମଣ୍ଡେଲ୍ ରୂପେ ଧରାଯାଇଛି । ମାସ୍ କ ପରିଧାନ, ସାମାଜିକ ଦୂରତା ରକ୍ଷା, ହାତଧୁଆ ଓ ଭିଡ ଭିତରକୁ ନଯିବା ଭଳି ନିୟମ ଓ କଟକଣା ପାଳନକୁ ଅଧିକ କଡ଼ାକଡ଼ି କରାଯିବା ଉପରେ ସରକାର ଗୁରୁତ୍ୱ ବଢ଼ାଇ ଦେଇଛନ୍ତି । ଏହା ଭିତରେ ଲୋକମାନେ ବଜାର ଘାଟରେ ମନଇଚ୍ଛା ଭିଡ଼ ବଢ଼ାଇ ଦେଇଛନ୍ତି । ଏହାର ମଧ କାରଣ ରହିଛି । ଟିକା ପରେ ଟିକା ନେଇ ଯେମିତି ଲୋକମାନେ ବେପରୁଆ ହୋଇଯାଇଥିଲେ, ଆଉ ସେଭଳି ହେବାକୁ ଦିଆଯିବ ନାହିଁ । ମାସ୍କ ପରିଧାନକୁ ସବୁଠି ବାଧ୍ୟତାମୂଳକ କରାଯିବ । ପ୍ରତିଷେଧକ ଟିକାଦାନକୁ ମଧ ବ୍ୟାପକ କରିବାକୁ ହେବ। ତାହା ସତ୍ତ୍ୱେ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ମଧ ଦରକାର । କରୋନାର ଏହା ହେଉଛି ଚତୁର୍ଥ ଲହର। ଏହାର ଉପଚାର ଓ ପ୍ରତିକାର ପାଇଁ ଏବେଠାରୁ ପଦକ୍ଷେପ ତଥା ସଚେତନତା କରାନଗଲେ ତାହା ଅଧୁକ ଭୟଙ୍କର ରୂପ ନେବା କିଛି ବିଚିତ୍ର ନୁହେଁ । ସୁତରାଂ ବେଳ ଥାଉ ଥାଉ ବନ୍ଧ ବାନ୍ଧିବା ବିବେକୀ ପ୍ରଶାସନର ପ୍ରଧାନ ବୁଦ୍ଧିମତ୍ତା ହେବ । ଦୁଇରୁ ଅଢ଼େଇ ବର୍ଷର ତିକ୍ତ ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରି ଆଗକୁ କିଭଳି ବଢ଼ିବାକୁ ହେବ, ତାହା ସମୟର ଆହ୍ୱାନ । ଅନ୍ୟଥା କେବଳ ଆମେ ନୁହଁନ୍ତି, ତମାମ୍ । ବିଶ୍ୱବାସୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିପାରେ। ଡାକ୍ତର, ପାରା ମେଡି, ନର୍ସ ତଥା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପୂର୍ବାପେକ୍ଷା ଜାଗ୍ରତ ରହିବା ଉପରେ ସବୁ କିଛି ନିର୍ଭର କରୁଛି । ଦିନକରେ ରାଜ୍ୟରେ ୩୩୪ଜଣ ପଜିଟିଭ ମାମଲା ବାହାରିବା ଓ ଖୋରଧା ଜିଲ୍ଲାରେ ସେମାନଙ୍କ ସଂଖ୍ୟା ୧୮୭ କମ୍ ଉଦ୍‌ବେଗଜନକ ନୁହେଁ । ସମସ୍ତ ଦିଗକୁ ବିଚାରକୁ ନେଇ ଆମକୁ ଅଗ୍ରସର ହେବାକୁ ପଡ଼ିବ ।

# ଏକା ତୋ ଭକତ ଜୀବନ



ବିପିନ ବିହାରୀ ମହାନ୍ତି



ଜଗନ୍ନାଥ ହିଁ ବିଶ୍ୱପ୍ରାଣ। ସେହିଁ ବିଶ୍ୱମାନବର ପ୍ରତୀକ। ପ୍ରତିଟି ଜୀବ ଓ ଜଡ଼ ବିଶେଷ ତାଙ୍କ ମନ୍ଦିର। ସେ ଦାରୁଦେବତା ହେଲେ ହେଁ ସୂଚାଇ ଦିଅନ୍ତି ଯେ କାଷ୍ଠପାଷାଣ ତରୁତୃଣ ଆଜି ସକଳ ଦେହରେ ସେ ବିରାଜମାନ ଅଛନ୍ତି ଏବଂ ସେହି ନିର୍ଜୀବତା ମଧରେ ସେ ତାଙ୍କ ସଚ୍ଚିଦାନନ୍ଦମୟ ରୂପକୁ ସଂଗୁପ୍ତ କରି ରଖିଛନ୍ତି ଅନ୍ନମୟ କୋଷ ମଧରେ। ସେ ପ୍ରାଣୀ ମଧରେ ପ୍ରାଣମୟ କୋଷ, ଉଦ୍‌ଭିଦ୍‌ରେ ଜୀବମୟ ଜୀବନ ଏବଂ ଜଡ଼ରେ ଶକ୍ତିର ଆଧାର। ସେ ନିଜେହିଁ ନିରାକାର, ନିରଂଜନ ଓ ପରମବ୍ରହ୍ମ। ସେ ପୁଣି ଅରୂପରୁ ରୂପ; ସେ ପରିବ୍ୟାପ୍ତ ଏବଂ ପ୍ରତୀକ। ସେ ଅବତାରୀ ଓ ଅବତାର ଅଥଚ ସେ ଏକ ଓ ଅଦ୍ୱିତୀୟ। ଜଗତର ପିତା ବା ଜଗତର ନାଥ 'ଶ୍ରୀ ଜଗନ୍ନାଥ' ସଭିଙ୍କର ନୟନର ପଥ ଏଣୁ ଯଥାର୍ଥରେ କୁହାଯାଇଛି : ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ, ଭବତୁ ମେ...।

ସେ ଶ୍ରୀକ୍ଷେତ୍ରରେ ଆସୀନ ହେଲେ ହେଁ, ରାମନାଥ, ଦ୍ୱାରକାନାଥ କି କାଶୀନାଥଙ୍କ ପରି ସ୍ଥାନ ବିଶେଷର ନାଥ ନୁହନ୍ତି; ବିଶ୍ୱକୁ ଆଲିଙ୍ଗନ କରୁଥିବା ହେତୁ, ଅନ୍ୟ ଭାଷାରେ ସମଗ୍ର ବିଶ୍ୱ ତାଙ୍କ ପ୍ରତି ଆକର୍ଷିତ ହେତୁ, ସେ କେବଳ ଜଗତର ନାଥ। ସମସ୍ତ ସର୍ଜନା ତାଙ୍କର; ସମସ୍ତେ ସମାନଭାବରେ ତାଙ୍କର। ସେ ଜାତି, ଧର୍ମ, ବର୍ଣ୍ଣ, ଦେଶ, କାଳ, ପାତ୍ର ଭାଷା, ସଂପ୍ରଦାୟ, ଲିଙ୍ଗ ଇତ୍ୟାଦିର ଉର୍ଦ୍ଧ୍ୱରେ। ସେ ମମତା, ସମତା, ସାମ୍ୟବାଦିତା, ଶାନ୍ତି, ପ୍ରୀତି, ମୈତ୍ରୀ, କରୁଣା ତଥା ଅନୁକମ୍ପାର ଚରମ ନିଦର୍ଶନ; ସବୁଧର୍ମକୁ ସମନ୍ୱୟ କରି ଏବଂ ସଂପର୍କିତ କରି ସେ ଦାରୁଦେବତା।

ଏହି ଦାରୁଦେବତା ଶ୍ରୀ ଜଗନ୍ନାଥଙ୍କର ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାତ୍ରାକୁ ରଥଯାତ୍ରା ବା ଘୋଷଯାତ୍ରା କୁହାଯାଏ। ଗୁଣ୍ଡିଚା ମନ୍ଦିରର ଅନ୍ୟନାମ ମହାବେଦୀ, ଯଜ୍ଞମଣ୍ଡପ ବା କନକପୁରୀ ବୋଲି କୁହାଯାଏ। ଏହାର ଅନ୍ୟ ନାମ ମହାବେଦୀ କାରଣ ଇନ୍ଦ୍ରଦ୍ୟୁମ୍ନ ଏଠାରେ ବେଦୀ ନିର୍ମାଣ ପୂର୍ବକ ଅଶ୍ୱମେଧ ଯଜ୍ଞ କରାଇଥିଲେ। ଏହାକୁ ମଧ ସେହି କାରଣରୁ ଯଜ୍ଞମଣ୍ଡପ କୁହାଯାଏ। ଏହାର ନାମ କନକପୁରୀ କାରଣ ଏଠାରେ ଠାକୁରମାନେ ଜନ୍ମଲାଭ କରିଥିଲେ। ନିଜ ଜନ୍ମଭୂମିର ଆକର୍ଷଣ ତଥା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ପ୍ରୀତିଭାଜନର ସ୍ମାରକୀ ସ୍ୱରୂପ ଏହିଯାତ୍ରା ଅନୁଷ୍ଠିତ ହୁଏ।

ସବୁର ଉର୍ଦ୍ଧ୍ୱରେ ଏ ଯାତ୍ରାର ଅନ୍ୟନାମ ପତିତପାବନ ଯାତ୍ରା। ଭକ୍ତ କବି ଗୌର ଚରଣଙ୍କ ଭାଷାରେ :-

ବରଷକେ ଥରେ ବିଜୟ ରଥରେ,
ପତିତ ତାରିବା ପାଇଁକି
ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
ଦର୍ଶନକରିବା ପାଇଁକି॥

ପତିତମାନଙ୍କୁ ଉଦ୍ଧାରପାଇଁ ସେ ଉଡ଼ାଇଛନ୍ତି ପତିତପାବନ ବାନା। ପତିତମାନଙ୍କୁ ସାକ୍ଷାତ ଦର୍ଶନ ଓ ଅଙ୍ଗସ୍ପର୍ଶ ଦେଇ ସେମାନଙ୍କୁ ଆପଣେଇନେବା ହିଁ ଏ ଯାତ୍ରାର ଉଦ୍ଦେଶ୍ୟ।

ସେ ପୁଣି ଭାବକୁ ନିକଟ, ଅଭାବକୁ ଦୂର, ତାଙ୍କଠି ଯାହାର ଭାବ, ସେ ତା' ପାଇଁ ଭାବଗ୍ରାହୀ; ତା'ଠି ତାଙ୍କର ଡୋରି। ଭାବରୁ ଭକ୍ତି, ଭକ୍ତିରେ ବନ୍ଧା ଭଗବାନ। ଏଇଥିପାଇଁ ଭକ୍ତାଧୀନ ଭଗବାନ। ସେ ଭାବ ବିନୋଦିଆ। ଏହି କାରଣରୁ ସେ ବାଲିଗାଁ ଦାସିଆ ବାଉରୀର ; ଭକ୍ତ ରଘୁ ଅର୍କ୍ଷିତର; ତାଙ୍କଠି ସମର୍ପିତ ଭକ୍ତ ରାମଦାସର, ଯବନ ହରିଦାସ ଓ ସାଲବେଗର... ଇତ୍ୟାଦିଙ୍କର। ସେ ଭକ୍ତଙ୍କର ଜୀବନ, ଭକ୍ତିହିଁ ତା' ପ୍ରାଣ। ଏଇ କଥାକୁ ବଡ଼ ସୁନ୍ଦର ଭାବରେ ସାଲବେଗ ଶୁଣାଇଛନ୍ତି:

ଏକାତୋ ଭକତ ଜୀବନ
ଭକତ ନିମନ୍ତେ ତୋର
ଶଙ୍ଖଚକ୍ର ଚିହ୍ନ ॥୦॥
ଭକତ ତୋ ପିତାମାତା
ଭକତ ତୋ ବନ୍ଧୁ
ଭକତ ହିତରେ ତୋର
ନାମ କୃପା ସିନ୍ଧୁ ॥୧॥
ଧେନୁପଛେ ପଛେ ବତ୍ସା
ଗମେ କ୍ଷୀର ଲୋଭେ
ଭକତ ପଛରେ ତୁହି ଥାଉ
ସେହି ଭାବେ ॥୨॥

ଆଷାଢ଼ ଶୁକ୍ଳ ଦ୍ୱିତୀୟ ଠାରୁ ନବଦିନ ବ୍ୟାପୀ ଏହି ଘୋଷଯାତ୍ରା ହୁଏ। ଏହି ଯାତ୍ରା ଯେଉଁ ଦୃଷ୍ଟିରୁ ଯିଏ ଦର୍ଶନ କରିବାକୁ ଆସିଲେ ହେଁ, ସେ ଗୋଟିଏ ଭକ୍ତ ବା ପତିତ ହୋଇପାରେ। ହୋଇପାରେ ବି ଗୋଟିଏ ଅଧର୍ମୀ ଯିଏକି ରଥଚକ ତଳେ ଚାପି ହୋଇ ଗୋଲୋକ ପ୍ରାପ୍ତି ହୁଏ। କାରଣ କଂସ ବା ରାବଣପରି ସେ ଗୋଟିଏ ଭିନ୍ନ ପ୍ରକାର ଭକ୍ତ; କୋପେବର ବା ତପେବର।

ରଥଯାତ୍ରା କହିଲେ ପୁରୀର ରଥଯାତ୍ରାକୁ ବୁଝାଏ। ଏହାକୁ ଦେଖିବା ପାଇଁ ଚଉଦ ଭୁବନରୁ ଅର୍ଥାତ୍ ସମଗ୍ର ବିଶ୍ୱରୁ ହିନ୍ଦୁଧର୍ମୀ ବା ସ୍ୱଧର୍ମୀ ଏବଂ ବିଧର୍ମୀମାନେ ଆସନ୍ତି। ହେଲେ ଶ୍ରୀ ଜଗନ୍ନାଥ ସବୁ ଧର୍ମ ଓ ସଂକୀର୍ଣ୍ଣତା ତଥା ଜାତିଆଣ ଉର୍ଦ୍ଧ୍ୱରେ। ସେ ସଭିଙ୍କର। ଏଣୁ ତାଙ୍କ ରଥଯାତ୍ରା ଦର୍ଶନରେ ଯିଏ ଯେଉଁଠୁ ଆସିଲେ ବି ଭକ୍ତିର ଦୃଢ଼ତା ନେଇ ବେଳେ ବେଳେ ଭକ୍ତର ଅପେକ୍ଷାରେ ତାଙ୍କ ରଥ ଅଟକିଯାଏ।

ଏକଦା ଭକ୍ତ ସାଲବେଗ ଦୀର୍ଘଦିନ ପୁରୀରେ ଅବସ୍ଥାନ ପରେ ଶ୍ରୀ ବୃନ୍ଦାବନକୁ ଯାତ୍ରା କରିଥିଲେ। ଉଦ୍ଦେଶ୍ୟଥିଲା ରଥଯାତ୍ରା ପୂର୍ବରୁ ସେ ପୁରୀକୁ ଫେରି ଆସିବେ ଅଥଚ ଶତଚେଷ୍ଟାସତ୍ତ୍ୱେ ସେ ଏତେ ଦୂରପଥ ଅତିକ୍ରମ କରି ପାରିଲେ ନାହିଁ।

ଏଣୁ ସେ ଶ୍ରୀ ନନ୍ଦିଘୋଷ ରଥ ଉପରେ ତାଙ୍କର ତୀକ୍ଷଣ ଦୃଷ୍ଟିରଖି ସେ ଗାଇଥିଲେ :

ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ
ବିନ୍ଧୁ ଅନ୍ୟଗତି ନାହିଁ॥
ସାତଶ ପଚାଶ
କୋଶ ଚାଲି ନପାରଇ,
ମୋହ ଯିବା ଯାଏ
ନନ୍ଦିଘୋଷ ଥିବ ରହି॥

ତାହାହିଁ ହେଲା। ବଳଭଦ୍ର ଓ ସୁଭଦ୍ରାଙ୍କର ରଥ ବଳଗଣ୍ଡି ଅତିକ୍ରମି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଅତିକ୍ରମ ଗଲା ଅଥଚ ଅଟକି ଗଲା ନନ୍ଦିଘୋଷ ଠିକ୍ ସାଲବେଗ ପୁରୀ ପହଞ୍ଚିଲା ଯାଏଁ।

ଭିନ୍ନକ୍ରମେ ବଳରାମ ଦାଶଙ୍କ ବାଲିରଥ କାହାଣୀ ଆହୁରି ଅପୂର୍ବ, ଅଭୁତ। ଜଗନ୍ନାଥ ରଥକୁ ବିଜେ କରୁଥାନ୍ତି। ସେତେବେଳେକୁ ଦାସେ ଦେବଦାସୀ 'ମାଧବୀ' ନୃତ୍ୟରେ ପୁରା ମତ୍ତ, ଆତ୍ମ ବିସ୍ମୃତ। ତା' ନୃତ୍ୟରେ ଜଗନ୍ନାଥୀୟ ଚିନ୍ତନର ପୁରା ବିଭୋର ଥିଲେ। ଏପଟେ ଜଗନ୍ନାଥଙ୍କର ରଥକୁ ବିଜେର ଘଣ୍ଟ, ମର୍ଦ୍ଦଳ ଏବଂ ଶଙ୍ଖ ଇତ୍ୟାଦିର ଧ୍ୱନି ତାଙ୍କ ତନ୍ଦ୍ରାଭଗ୍ନ କଲା। ଆଉ କାଳ ବିଳମ୍ବକଲେ ପ୍ରଭୁମାନେ ରଥରେ ଚଢ଼ି ଶ୍ରୀଗୁଣ୍ଡିଚା ମନ୍ଦିର ଚାଲିଯିବେ। ସେ ଦୌଡ଼ିଲେ। ଫୁଲର ଚାରାମାଳ ଧରି ନନ୍ଦିଘୋଷ ଚଢ଼ିଲେ। ଅଥଚ ପଣ୍ଡା ଓ ସେବକମାନେ ତାଙ୍କୁ ଆଶୌଚ, ଅପବିତ୍ର ଏବଂ କୁତ୍ସିତ ମନେକରି ପୁରୀ ଭାଷାରେ ନାନା ବୋଲିବାଣୀ କଲେ; ଗାଳିଦେଲେ, ନିସ୍ଥୁକ ବିଧା ଗୋଇଠା ଦେଲେ, ରଥରୁ ତଳକୁ ପେଲିଦେଲେ, ତାଙ୍କର ମୁଣ୍ଡ ଫାଟିଗଲା। ସେ ରକ୍ତରେ ଜୁଡୁବୁଡୁ ହୋଇଗଲେ, ଲୁହରେ ଲହୁ ଲୁହାଣ ହେଲେ; ଜଗନ୍ନାଥଙ୍କୁ ଭକ୍ତିକରି ତାଙ୍କ ଦର୍ଶନ ପାଇଁ ଏତେ ଦଣ୍ଡିତ ତଥା ଲଜ୍ଜିତ ହେତୁ ନିଜକୁ ଅପମାନିତ ମନେକଲେ। ସ୍ଥିର କଲେ ସମୁଦ୍ରରେ ଯାଇ ତାଙ୍କରି ନାଁରେ ଆତ୍ମହତ୍ୟା କରିବେ। ଏବେ ସେ ସମୁଦ୍ରର ବାଙ୍କୀ ମୁହାଁଣ ଅଭିମୁଖେ ଯାତ୍ରାକଲେ। ଗଲାବେଳେ ଦୁଃଖିତ ମନରେ ଲୁହରେ କହୁଥିଲେ :ତୋପରି ମହାପ୍ରଭୁ ଥାଉ ଥାଉ ମୋର ଏଦଶା ଠିକ୍ ହେଲାକି ପ୍ରଭୁ? ପୁଣି ଅଭିମାନ ଭରା ଗ୍ଲାନିରେ ଅଭିଶାପ ଦେଇ କହୁଥିଲେ :

ଭଲା କେ ଚାଲୁ ଏବେ ରଥ
ତୋ ବାପ ନନ୍ଦର ଶପଥ॥
ଏବେ ମୁଁ ଗଲିଟି ବାହୁଡ଼ି
କେ ଝିଙ୍କୁ ତୋ ରଥ ଦଉଡ଼ି॥

ଏହାପରେ ବାଙ୍କୀ ମୁହାଁଣ ଯାଇ ତିନୋଟି ବାଲିର ରଥ ତିଆରି କଲେ। ବାଲିର ଦିଅଁ, ବାଲିର ଚକ, ଅଖ ସବୁକିଛି। ସମୁଦ୍ରରେ ଆତ୍ମହତ୍ୟା ପୂର୍ବରୁ ସେହି ତିନିରଥରେ ଆତ୍ମନିବେଶ କରି କହିଲେ : ପ୍ରଭୁ ଏବାଲି ରଥରେ ବିଜେକର, ମୋତେ ଶେଷ ଦର୍ଶନ ଦିଅ। ମୋର ଏ ଆକୁଳ ନିବେଦନ ଗ୍ରହଣ କର ପ୍ରଭୁ॥

ଠାକୁରେ ବଳରାମ ଦାସଙ୍କର ଏ ନିବେଦନକୁ ସ୍ୱୀକାର କଲେ।

ଦାରୁ ତେଜିଣ ନନ୍ଦିଘୋଷ
ପ୍ରଭୁବିଜୟ ଭକ୍ତ ପାଶ।
ସଂଗତେ ଘେନି ଭଗ୍ନୀଭ୍ରାତ
ବିଜୟ କଲେ ବାଲିରଥ॥

ହଠାତ୍ ବଳରାମ ଦାସ ବାଙ୍କି ମୁହାଣର ବାଲିରଥ ଦେହରେ ତୁଳସୀ, ଚନ୍ଦନ, କସ୍ତୁରୀର ବିସରଣ ବାସ୍ନା ଅନୁଭବ କଲେ। ସେ ଚମକି ଉଠିଲେ। ଏହି ସମୟରେ ଶୁନ୍ୟବାଣୀ ହେଲା :

ଘୋର ସନ୍ତାପ ତୋରଦେଖି,
ଯାତ୍ରା ମୁଁ ଆଇଲି ଉପେକ୍ଷି॥

ଏଥିରେ ବଳରାମ ଦାସ ନିଜକୁ କୃତ୍ୟକୃତ୍ୟ ମନେ କଲା। ନିଜକୁ ତାଙ୍କୁ ସମର୍ପି କହିଲେ : ମୋ ଯୋଗୁଁ ପ୍ରଭୁ ବହୁତ କଷ୍ଟ ପାଇଲେ। ଏବେ ରଥକୁ ଫେରି ଯାଆନ୍ତୁ।

ପ୍ରଭୁ କହିଲେ : ରଥ ମୋର ପ୍ରିୟ ନୁହେଁ ଦାସେ, ଯେଉଠି ଭାବ ଭକ୍ତି ନଥାଏ, ମୋତେ ତାହା ସ୍ପୃହଣୀୟ ନୁହେଁ॥

ଉତ୍ସବ ମୋର କିସ ହେବ। ମୂଳ
ମୋ ଭକତର ଭାବ॥
ଅଶେଷ ସୁଖ ଭାବ ମୋର। ଭକତ
କଥାମୃତସାର॥

ସେପଟେ ରଥ ବନ୍ଦ; ଚକ ବନ୍ଦ। ସେବକମାନେ ସବୁକଥା ରାଜାଙ୍କୁ କହିଲେ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଜାମସେଦପୁର ଉତ୍କଳ ଆସୋସିଏସନର ଜଗନ୍ନାଥ ମନ୍ଦିର



ବାଦଲ ଭୂୟାଁ

ଲୌହ ନଗରୀ ଜାମସେଦପୁରର ପୁରୁଖା ଓ ପୁରାତନ ଅନୁଷ୍ଠାନ ଉତ୍କଳ ଆସୋସିଏସନ। ୧୯୩୪ ମସିହାରେ ଏ ଅନୁଷ୍ଠାନର ମୂଳଦୁଆ ପଡ଼ିଥିଲା। ସେତେବେଳର କିଛି ଉତ୍ସାହି ଯୁବକ ମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ପ୍ରାୟ ୮୮ ବର୍ଷର ଦୀର୍ଘ ବ୍ୟବଧାନ ପରେ ଏଠାକାର ଓଡ଼ିଆ ମାନଙ୍କର ଏକାନ୍ତ ଓ ଅନନ୍ୟ ଅନୁଷ୍ଠାନ ଆଜି ସଗର୍ବେ ମୁଣ୍ଡ ଟେକିଛି। ପ୍ରତି କ୍ଷଣ ଅନୁକ୍ଷଣ ଆଗକୁ ଆଗକୁ ବଢ଼ୁଛି। ଉତ୍କଳ ଆସୋସିଏସନର ଅବସ୍ଥିତି ସାକ୍‌ଚି ଠାରେ ଥିବା ତାପ୍ତି ରୋଡ଼ ଠାରେ ବା ଗରମନାଲା ଠାରେ ବୋଲି ସମସ୍ତେ ଜାଣନ୍ତି।

ଉତ୍କଳ ଆସୋସିଏସନ ପ୍ରାୟ ଚାରି ଏକର ଜାଗାରେ ବ୍ୟାପ୍ତ। ଏହା ଭିତରେ ଶୋଭାପାଏ ଉତ୍କଳ ଇଂଗଲିସ ମିଡ଼ିୟମ ସ୍କୁଲ। ଏହି ପ୍ରାଙ୍ଗଣ ଭିତରେ ଏବେକାର ସବୁଠୁ ଭଲ ଓ ସୁଖଦ ଖବର ହେଉଛି ନୂଆ ଜଗନ୍ନାଥ ମନ୍ଦିର। ଏ ମନ୍ଦିର ଉତ୍କଳ ଆସୋସିଏସନର ଭିତର ପଟରେ କିଛି ବର୍ଷରୁ ଥିଲା। ଏହାର ନବକଳେବର ହୋଇଛି ଓ ଏହାର ସ୍ଥାନ ଭିତର ପଟରୁ ସମ୍ମୁଖ ଭାଗକୁ ସ୍ଥାନାନ୍ତରୀତ ହୋଇଛି। ଜାମସେଦପୁରର ସୁବ ଓଡ଼ିଆଙ୍କ ପାଇଁ ଏହା ଏକ ମନଲୋଭା ଖବର। ସେଇଥିପାଇଁ ତ ଯିଏ ଶୁଣିଛି ଏଠାରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହେଉଛି ସିଏ କହୁଛି ମୁଁ ମୋ ତରଫରୁ ଆର୍ଥିକ ସାହାଯ୍ୟ ଓ ଶାରୀରିକ ସାହାଯ୍ୟ କ'ଣ ଦେଇପାରେ? ସେଇଥିପାଇଁ ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୧୬ ଲକ୍ଷ ଟଙ୍କା, ଯଜ୍ଞ, ପାର୍ଶ୍ୱମୂର୍ତ୍ତି, ଭୋଗ ପ୍ରସାଦ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ପ୍ରାୟ ଛଅ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଅନୁମାନ କରାଯାଇଛି।

ପ୍ରାୟ ୨୧ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିରର ଲମ୍ବ ୨୪ଫୁଟ, ଉଚ୍ଚତା ୨୨ଫୁଟ, ଗର୍ଭଗୃହର ବ୍ୟାସାର୍ଦ୍ଧ ପ୍ରାୟ ୯ ଢ ୯ ଫୁଟ। ସଂପୂର୍ଣ୍ଣ ମନ୍ଦିରର ଦୈର୍ଘ୍ୟ ଓ ପ୍ରସ୍ଥ ହେଉଛି ୪୭୦ ଫୁଟ। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ପ୍ରାୟତଃ ସାତ ମାସ ସମୟ ସୀମା ଭିତରେ ଶେଷ ହୋଇଛି। ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଗର୍ଭଗୃହର ଡାହାଣ ପାର୍ଶ୍ୱରେ ଲକ୍ଷ୍ମୀ ଓ ବାମ ପାର୍ଶ୍ୱରେ ବିମଳା ଶୋଭା ପାଇବେ। ପାଖରେ ବରାହ ବାମ, ବାମନ ଡାହାଣ, ନରସିଂହ ପଛପଟରେ, ଉପର ପଟରେ ଦଶାବତାର, ଦ୍ୱାରପାଳ ଜୟ, ବିଜୟ, ନବଗ୍ରହ ବାହାରେ ସିଂହଦ୍ୱାର ଉପରେ, ଗରୁଡ଼ ସମ୍ମୁଖରେ ଶୋଭା ପାଇବେ। ଏ ସବୁ ମୂର୍ତ୍ତି କଳା ମୁଗୁନୀ ପଥରରେ ନିର୍ମିତ ଓ ଏହା ମୟୂରଭଞ୍ଜ ଜିଲ୍ଲାର ଖିଚିଂରୁ ଆସିଛି। ହାରାହାରି ୨୧ କିଲୋ ଅଷ୍ଟଧାତୁ ନିର୍ମିତ ନୀଳଚକ୍ର କଣ୍ଟିଲୋରୁ ଆସିଛି। ଗର୍ଭଗୃହର ଚାନ୍ଦୁଆ ଓ ଉପରର ବାନା ପିପିଲିରୁ ଆସିଛି। ବାନାର ଲମ୍ବ ପ୍ରାୟ ୭ ହାତ, ଯାହା ସୂର୍ଯ୍ୟ, ଚନ୍ଦ୍ର ପତିତପାବନ ବାନା ନାଁରେ ଖ୍ୟାତ।

ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଗତଜୁନ ଅଣତିରିଶ ତାରିଖ ବୁଧବାର ଅପରାହ୍ନ ୪ ଘଟିକା ସମୟରୁ ଅଙ୍କୁରରୋପଣ, ଜଳାଧିବାସ, କୁଣ୍ଡନଳାଦି ନିର୍ମାଣ, ଜଳଯାତ୍ରା ଅଧିବାସ, ତିରିଶ ଗୁରୁବାର ପ୍ରାତଃ ୯ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ମଣ୍ଡଳାଦି ପୂଜନ, ବୈଷ୍ଣବାଗ୍ନି ସ୍ଥାପନ, ବିଗ୍ରହ ନଗର ଭ୍ରମଣ, ବିଗ୍ରହ ମହାସ୍ନାନ, ମନ୍ଦିର ଶିଖର ସ୍ନାନ, ମନ୍ଦିର ଅଧିବାସ, ବିଗ୍ରହ ଶୟନାଧିବାସ, ଜୁଲାଇ ଏକ ଶୁକ୍ରବାର ଦିନ ୯ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ବିଭିନ୍ନ ପୂଜନ ଓ ଜୁଲାଇ ଦୁଇ ଶନିବାର ପ୍ରାତଃ ୯ଘଟିକା ଠାରୁ ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ କାର୍ଯ୍ୟକ୍ରମ ସଂପାଦନ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉତ୍କଳ ଆସୋସିଏସନର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ, ପୃଷ୍ଠପୋଷକ, ଟ୍ରଷ୍ଟି ତଥା ଜାମସେଦପୁର ଓ ଆଖପାଖ ଅଞ୍ଚଳର ଓଡ଼ିଆ ଭାଇଭଉଣୀଙ୍କର ସହଯୋଗ ଓ ଅବଦାନରେ ଏହା ସଫଳ ହୋଇପାରିଛି। ଏହି ମନ୍ଦିର ନିର୍ମାଣ ପାଇଁ ନୟାଗଡ଼ ଅଞ୍ଚଳର କାରିଗର ସହଦେବ ପ୍ରଧାନ ନିୟୋଜିତ ଥିଲେ। ଆଚାର୍ଯ୍ୟ ଗୋପୀନାଥ ମିଶ୍ରଙ୍କ ଦ୍ୱାରା ଏ ପୂଜାକାର୍ଯ୍ୟ ସଂପାଦିତ ହେବ। ତାଙ୍କ ସହିତ ପଣ୍ଡିତ ନନ୍ଦକିଶୋର ପାଣିଗ୍ରାହୀ, ପଣ୍ଡିତ ସୁଧାଂଶୁ ପଣ୍ଡା, ପଣ୍ଡିତ କାର୍ତ୍ତିକ ଚନ୍ଦ୍ର ପାଢ଼ି, ପଣ୍ଡିତ ଶ୍ରୀକାନ୍ତ ମିଶ୍ର, ପଣ୍ଡିତ ଓଁକାର ନାଥ ପଣ୍ଡା ଓ ପଣ୍ଡିତ ସୁଶାନ୍ତ ପାଢ଼ି ପ୍ରମୁଖ ପଣ୍ଡିତମାନେ ସହଯୋଗ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ପବିତ୍ର ଗୁଣ୍ଡିଚା ଯାତ୍ରାରେ ବଡ଼ଭାଇ ଓ ଭଉଣୀଙ୍କୁ ଧରି ରଥଯାତ୍ରାରେ ବିଜେ ହୋଇଥିବାବେଳେ କୋଟି କୋଟି ଅଗଣିତ ଶ୍ରଦ୍ଧାଳୁ ତାଙ୍କୁ ରଥାରୁଢ଼ ଭାବେ ଦର୍ଶନ କରି ଆନନ୍ଦିତ ହେବାସହ ଆଶୀର୍ବାଦ କୃପା ପ୍ରାପ୍ତ ହେଉଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ ଓ ସମଗ୍ର ଜଗତବାସୀଙ୍କୁ ସୁଖ, ଶାନ୍ତି ଓ ସଦଭାବନାର ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା। ଜୟ ଜଗନ୍ନାଥ।

ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ: ୯୨୦୪୬୫୨୦୬୫




## ଶାବର ଶ୍ରୀକ୍ଷେତ୍ରେ ଚମ୍ପାବନ

ଦିବାକର ନାୟକ

ଶାବର ଶ୍ରୀକ୍ଷେତ୍ରେ ଚମ୍ପାବନର
ଚମ୍ପା ଗଛଟିଏ ମୁହିଁ
ଭକତକୁ ଟିକେ ମହକ ବିତରି
ଯାଇଛି ମୁଁ ଧନ୍ୟ ହୋଇ ।।

ପତିତପାବନ ଦେଖୁଛି ମୁଁ ନିତି
କେଡ଼େ ଭାଗ୍ୟ ମୋର ସତେ
ଡାଳରୁ ପତର ଫୁଲ ଝରିଯାଏ
ପ୍ରଭୁଙ୍କୁ ସୁମରି ଚିତ୍ତେ ।।

ଯେଉଁଠି ପଡ଼ଇ ମୋ ଫୁଲ ପତର
ଭାବେ ସେଠି ପ୍ରଭୁ ପାଦ
ଭାବକୁ ନିକଟ ଭାବନାରେ ହଜି
ଭୁଲିଯାଏ ସବୁ ଖେଦ ।।

ଠାକୁରଙ୍କୁ ଟିକେ ଦେଖିବା ପାଇଁ କି
ଯେତେ ସବୁ ଇଚ୍ଛା କରେ
ବର୍ଷକୁ ଦି ଥର ଦେଖିବାକୁ ପାଏ
ରଥଯାତ୍ରା, ବାହୁଡ଼ାରେ ।।

ଲକ୍ଷ୍ମୀଙ୍କ ଓଗାଳ ଲୀଳା କି ମଧୁର
ବାଇଶି ପାହାଚ ତଳେ
ବଚନିକା ଶୁଣି ସମବେଦନାରେ
ଆଖି ଭିଜେ ପ୍ରୀତି-ଜଳେ ।।

ଦେବ ଦୀପାବଳୀ ଏଇଠାରୁ ଦେଖି
ପ୍ରାଣ ହୁଏ ପୁଲକିତ
ସକଳ ତୀର୍ଥର ପୁଣ୍ୟ ଲଭି କିବା
ଜୀବନ ମୋ ଆଲୋକିତ ।।

ମୁଷଳ ଧାରାରେ ବରଷେ ଯେ ଦିନ
ଜଗା କଳାମେଘ ହୋଇ
ଚନ୍ଦନ ଯାତରା ଏଇଠାରେ ହୁଏ
ସତେ ମୁଁ ଦେଖିବା ପାଇଁ ।।

କଳି କେଉଁ ଦୋଷ ଜଳ୍ ପୋଡ଼ି ଆଉ
ହେଉନାହିଁ ପାଶେ ମୋର
ନିଶାଣୀମୁଣ୍ଡାରେ ହେଲାବେଳେ ସତେ
ମନେପଡ଼େ ବାରବାର ।।

ଦେବସ୍ନାନ ପାଇଁ ମୋ ସୁନାକୂପରୁ
ଗରାଗରା ପାଣି ଯାଏ
ସେଥିରେ ମୋ ଚମ୍ପା ମହକ ମିଶାଇ
ଠାକୁରଙ୍କ ଛୁଆଁ ପାଏ ।।

ମଣ୍ଡାରବନମ୍ ଶବର ଦେବଙ୍କୁ
ଦେଇଥାଏ ଟିକେ ଛାଇ
ଓମ୍ ସମ ସେଇ କଳା ଶିଳାଲିପି
ଓଁକାର ସତେ ମୋ' ପାଇଁ ।।

ମୋ ମୂଳେ ଭକତ ବସିଲେ ମୁଁ ଭାବେ
ଭକତ ହିଁ ଭଗବାନ
ଏମିତି ଏ ଲୀଳା ଚାଲୁଥାଉ ନିତି
ହସୁଥାଉ ଚମ୍ପାବନ ।।

ଯେତେ ଚମ୍ପା ତରୁ ଗୋଟେ ପରିବାର
ନିଆରା ସେବକ ଆମେ
ଥାଉ ଆମ ପ୍ରତି ଠାକୁରଙ୍କ ପ୍ରୀତି
ଶାବର ଶ୍ରୀକ୍ଷେତ୍ର ଧାମେ ।।

କେଉଁ ଜନମର ତପ ବଳେ ସିନା
ଏଇଠି ମିଳିଛି ଥାନ
ଏଇ ଇଲାକାକୁ ସବୁଜିମା କରି
ତରୁ ଜନ୍ମ ହେଲା ଧନ୍ୟ ।।

କୋରାପୁଟର ଏ ଜଗନ୍ନାଥ ଧାମ
ଶାବର ଶ୍ରୀକ୍ଷେତ୍ର ନାମେ
ଶ୍ରୀକ୍ଷେତ୍ର ପୁରୀର ପୁଣ୍ୟ ପରଶୁଛି
ଗିରି ବନ ପୂର୍ଣ୍ଣ ଭୂମେ ।।

ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

## ଗୁଣ୍ଡିଚା ଯାତ ରହସ୍ୟ

ବିନୟ କୁମାର ସାମଲ

ଇନ୍ଦ୍ରଦ୍ୟୁମ୍ନଙ୍କର ନିମନ୍ତ୍ରଣ କ୍ରମେ
ବ୍ରହ୍ମା ମର୍ତ୍ତ୍ୟେ ହେଲେ ବିଜେ,
ନୀଳାଚଳେ ଶ୍ରୀମନ୍ଦିର ଦାରୁବ୍ରହ୍ମ
ପ୍ରତିଷ୍ଠା କରିଲେ ନିଜେ ।

ଧର୍ମପ୍ରାଣ ରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରତି
ମହାପ୍ରଭୁ ହୋଇ ପ୍ରୀତ,
ଇଚ୍ଛାମତେ ବର ମାଗିନିଅ ବତ୍ସ
ଯାଚିଦେଲେ ଜଗନ୍ନାଥ ।

'ଏ ମନ୍ଦିର ମୋର ବୋଲି କହିବାକୁ
ମୋ ବଂଶେ କେହି ନରହୁ',
ଏଇ ବର ମୋତେ ପ୍ରାପ୍ତ ହେଉ ନାଥ
ଅନ୍ତରେ ଗର୍ବ ନ ଥାଉ ।

ଇନ୍ଦ୍ରଦ୍ୟୁମ୍ନଙ୍କର ଅହଂକାର ଶୂନ୍ୟ
ବିନମ୍ର ମାଗୁଣି ପରେ,
ଅନ୍ତର୍ଯ୍ୟାମୀ ନାଥ 'ତଥାସ୍ତୁ' ଆଶିଷ
ଦେଲେ ବରମୁଦ୍ରା କରେ ।

ଏପରି ନିଷ୍ଠୁର ବର ମାଗୁଣିରେ
ବିଦୀର୍ଣ୍ଣ ହୃଦୟ ରାଣୀ,
ଅମାନିଆ ଅଶ୍ରୁ ନୟନୁ ଝରିଲା
ମୁଖୁ ନସ୍ମରିଲା ବାଣୀ ।

ରାଣୀ ଗୁଣ୍ଡିଚାଙ୍କୁ ମର୍ମାହତ ଦେଖି
ସାନ୍ତ୍ୱନା ଦେଲେ ଠାକୁର,
ପତିପତ୍ନୀ ଯେଣୁ ବ୍ରହ୍ମ ସଂସ୍ଥାପିଲ
(ତୁମେ)ପିତାମାତା ତ ମୋହର ।

ମାତାଙ୍କର ଦୁଃଖ ମୋଚନ କରିବା
ସୁପୁତ୍ର ପରମ ଧର୍ମ,
ହେ ମାତା ! ଆଦେଶ କରନ୍ତୁ ପାଳିବି
ମୋ ନିଜ କର୍ତ୍ତବ୍ୟ କର୍ମ ।

ପ୍ରଭୁଙ୍କ ଉତ୍ତର ଶୁଣି ରାଣୀ ଧନ୍ୟା
କହିଲେ ଶୁଣ ଗୁହାରି,
ବରଷକୁ ମାତ୍ର ଥରେ ମୋ ଘରକୁ
ବୁଲି ଆସିବ ଶ୍ରୀହରି ।

ପ୍ରତିବର୍ଷ ଥରେ ଆଷାଢ଼ ମାସର
ଶୁକ୍ଳ ଦ୍ୱିତୀୟା ଦିନକୁ,
ଶ୍ରୀମନ୍ଦିର ଛାଡ଼ି ନନ୍ଦିଘୋଷ ଚଢ଼ି
ଆସିବି ତୁମ କୋଳକୁ ।

ବଡ଼ଦାଣ୍ଡେ ଭକ୍ତ ଟାଣୁଥିବେ ରଥ
ମୋ ରଥ ଦଉଡ଼ି ଧରି,
ପତିତ ଆରତ ଜନ ଉଦ୍ଧରିବି
କୋଟି ଜନ୍ମ ପାପ ହରି ।

ରତ୍ନବେଦୀ ଠାରୁ ଜନ୍ମବେଦୀ ଯାଏ
ନଅଦିନ ମୋର ଯାତ,
ତୁମରି ନାମରେ ନାମିତ ହୋଇବ
'ଶ୍ରୀଗୁଣ୍ଡିଚା ଯାତ' ମାତ ।

ଗ୍ରାମ/ପୋ- ବେତାପଡ଼ା
ଜିଲ୍ଲା- ଢେଙ୍କାନାଳ -୭୫୯୦୧୯
ମୋ: ୯୩୩୭୨୪୯୦୬୮

## ରେ ବରଷା

ପବିତ୍ର ବେହେରା

ରେ ବରଷା ଧୋଇ ନେଇଯା ଆଖିର ଏ ଲୁହକୁ,
ତତଲା ଲୁହକୁ ଆଉ ନଦେଖା ତୁ କାହାକୁ ।

ଝରାଇଦେ ତୁ ଯେତେ ଅଛି ମନର ଯନ୍ତ୍ରଣାକୁ,
ଘଡ଼ଘଡ଼ି ଗର୍ଜନରେ ଲୁଚାଇଦେ କାନ୍ଦକୁ ।।

ବିଜୁଳି ତେଜରେ ଲୁଚେଇଦେ କ୍ରୋଧର ଅଗ୍ନିକୁ,
ପବନର ବେଗରେ ଉଡେଇନେ ମୋ କୋହକୁ ।।

ବେଗେ ବେଗେ ଭସେଇନେ ଆଜି ସବୁ ପସନ୍ଦକୁ
ଫିଙ୍ଗିଦେ ସବୁ କାହିଁ କେତେ ଗଭୀର ଜଳକୁ ।।

କାଦୁଅରେ ଚଟକି ଦେ ତୁ ଯେତେ ଅଛି ନିଦକୁ,
ଅଣନିଃଶ୍ୱାସୀ କରିଦେ ଅଲୋଡା ଭାବନାକୁ ।।

ବକ୍ସି ବଜାର, ବାଟଗାଁ, ନାକଟିଦେଉଳ,
ରେଢ଼ାଖୋଲ, ସମ୍ବଲପୁର, ଓଡ଼ିଶା
ମୋ : ୭୭୫୧୦୭୫୩୫୦





# ଶଶୁର ଘରେ ଜ୍ୱାଇଁ

**ଅନସୂୟା ପଣ୍ଡା**

ଫୋନଟା ଦିଥର କଟି ପୁଣି ଥରେ ରିଙ୍ଗ ହେଉଥାଏ। ନିଜ ସୁବିଧାରେ ଧିରେ ସୁସ୍ତେ ଅନିତା ଦେବୀ ଫୋନ ଉଠାଇଲେ । ସେପଟେ ନୂଆ ବନ୍ଧୁ ମନୋଜ ବାବୁ । ଅତି କାକୁସ୍ତ ତଥା ନରମ ଭଦ୍ର ଗଳାରେ ଅନୁନୟ କଲା ପରି ମନୋଜ ବାବୁ କହୁଥାନ୍ତି, 'ସମୁଦୁଣୀ! ମୁଁ କଣ କହୁଥିଲି କି ଗହ୍ମା ପୁନିଅ ଗଲା, ପୁଷ, ଦୋଳ ପୁନିଅ ବି ଗଲା, ଜୋଇଁ ଡାକରା ହୋଇ ପାରିଲାନି । ଜୁଆଇଁ ବାବୁ ତ ବାହାରେ ରହିଲେ।

ଆଉ, ମାନେ, ସମୁଦୁଣୀ! କଥା କଣ କି ଜୋଇଁ ତ ଏବେ ଘରକୁ ଆସିଛନ୍ତି, ଏଇ ସ୍ନାନ ପୂର୍ଣ୍ଣିମାକୁ ଆମ ଘର ଆଡେ ଝିଅ ଜୋଇଁ ଟିକେ ବୁଲି ଆସି, ସପ୍ତାହେ ରହି... ।

'ଶେଷକଥାକୁ ଅଧା ଢ଼ୋକି ମନୋଜ ବାବୁ ଅପେକ୍ଷା କରି ରହିଲେ ସୁନା ନାକି ଝିଅ ଦେଇ ମୁଣ୍ଡ ବିକିଥିବା ଦେବୀଙ୍କ ଉତ୍ତର ପାଇବା ଆଶାରେ । ଉତ୍ତର ନୁଁହେତ ମୁଖ ଅମୃତ ଯେମିତି!

' ଦେଖିବା ମୁଁ ତପନ ବାପାଙ୍କୁ ପଚାରେ । ସମ୍ଭବ ହେଲେ ଯିବ ନହେଲେ ନାହିଁ ।' ରାଗକୁ ପେଟରେ ରଖି ଯଥା ସମ୍ଭବ ଚଡ଼ା ଗଳାରେ ଅନିତା ଦେବୀ ସ୍ୱଳ୍ପରେ କଥା ସାରି ଫୋନ ରଖିଲେ ।

ଏଣେ ବାପାଙ୍କ ଫୋନ ଆସିବା ଶୁଣି ସୋନି ବାହାରୁ କାନେଇ ଥାଏ! ଚେୟାରରୁ ଉଠି ଶାଶୁ ଦୁମ ଦୁମ ହୋଇ ସେ ଘରୁ ବାହାରି ଆସିଲେ । ଚାଲି ନୁହେଁ ତ ଏକ ପ୍ରକାର ଉନ୍ମତ ନାଚ ସେ ଥିଲା । ସୋନି ଶାଶୁଙ୍କର ଉଗ୍ର ରୂପ ଦେଖି ମୁଣ୍ଡରେ ଓଢଣା ଟାଣି ପାଖ ଘରେ ପଶିଗଲା ।

ଖରା ବେଳେ ଘର ରୋଷେଇ ପେଟେ ଖାଇ ରୁମରେ ଟିକେ ଶୋଇ ପଡ଼ିଥିବା ଦେବବ୍ରତଙ୍କ ନିଦ ଚାରିଟା ପରେ ହେଲେବି ତଥାପି ଭାଙ୍ଗି ନଥିଲା । ଆଉ ସମ୍ଭାଳି ନପାରି ସେ ରୁମକୁ ପଶିଯାଇ ଦେବୁର ବାହୁକୁ ହଲେଇ ପଚାରିଲେ ଅନିତା ଦେବୀ, ଆରେ ଦେବୁ ତୁ ସୋନି ଘରକୁ ଜୋଇଁ ଡାକରାରେ ଯିବୁ? ତୋ ଶଶୁର ଏବେ ଫୋନ କରିଥିଲେ! ଅଧା ନିଦରେ କିଛି ନବୁଝି ପାରି ଦେବୁ ମୁଣ୍ଡ ହଲେଇ ହଁ କହିଲେ। ସେ ଆଉ ଏତେ ଗହୀର ପାଣିରେ ପଶି ନଥିଲେ। ହେଲେ ତା ପରର ପରିଣତି ଆଉ ଦେଖେ କିଏ! ଶୋଇବା ଘରୁ ବାହାରି ଆସି ଗର ଗର ହୋଇ ଡାକପକେଇଲେ ଶ୍ୱଶୁରଙ୍କୁ, 'ହଇଏ ସୁବୁଜି ଶୁଣୁଛ, ସୋନିର ବାପା କଣ କହୁଛନ୍ତି? ଦେବୁକୁ ଜୋଇଁ ଡାକରାରେ ନେବାପାଇଁ । ଦି ଦିନ ପାଇଁ ମୋ ପିଲାଟା ଆସିଛି! ହୁଁ! କହିଲେ କଣ ନା ସ୍ନାନ ପୂର୍ଣ୍ଣିମାକୁ ଆମ ଘର ଆଡେ ଝିଅ ଜୋଇଁ ଆସି ଟିକେ ବୁଲି ଆସିଥାନ୍ତେ । ପୁଣି ଦିନେ ଦିନ ନୁହେଁ ସପ୍ତାହେ ରହିବେ! ସପ୍ତାହେ ନା ପନ୍ଦରଦିନ! କେଡେ ମୁହଁ ଦେଖ ହୋ!' ଯେମିତି ଜଣା ପଡୁଥିଲା ଜୋଇଁ ଡାକରାରେ କିଛି ପାଇବା ଲୋଭଠୁ ଆଉ କିଛି ହରାଇବା ଭୟରେ ଅନିତା ଦେବୀ ଅସ୍ଥିର ଥିଲେ ।

'ଦେବୁ କଣ କହୁଛି' ଗମ୍ଭୀର ଗଳାରେ ପେପର ପଢୁ ପଢୁ ପଚାରିଲେ ଶ୍ୱଶୁର । ତମ ତମ ହୋଇ ଶାଶୁ କହିଲେ, 'ହଁ ସେ ବି ଗୋଡ଼ ଟେକି ବସିଛି । ସେଇ ଟୁପୁଷି ମୁହଁର ସବୁ ନାଟ । ମୋ ପୁଅ ଆଇଲା ମାତ୍ରେ ତାକୁ କି କିମିଆ କରୁଛି ସେ ତ ତା କଥାରେ ଉଠ ବସ ହେବା ଆରମ୍ଭ କରୁଛି! ସୋନିକୁ କଟାକ୍ଷ କରି କାନ୍ଦ ନ ମାଡିଲେବି ଶୁଉଁ ଶୁଉଁ ହୋଇ ଲୁଗା କାନିଟାକୁ ନାକରେ ମାଡି,'ଓଦା ଓଦା ସ୍ୱରରେ କହିଲେ ରକ୍ତ ନିଗାଡ଼ି ଜନମ କଲି, ବଢେ କୁଢେଇ ଏଡିକିଟିଏରୁ ଏଡୁଟିଏ କଲି, ଏବେ ମୁଣ୍ଡକୁ ହାତ ପାଇଗଲାରୁ ଦାଉ ସାଧୁଛି।'

ସୋନି ଏସବୁ ଶୁଣି ଭାବୁଥିଲା ବାହାଘର ପରଠୁ ବର୍ଷେ ହେଲାଣି ସେ ଏଇଠି ଘାଣ୍ଟି ହେଉଛି।



ତାକୁ ଲାଗୁଛି ତା ଜୀବନଟା ଯେଉଁଠି ଥିଲା ସେଇଠି, ନା ଆଗକୁ ଯାଉଛି ନା ପଛକୁ । ବେଳେ ବେଳେ ଭୃଷଙ୍ଗ ପତ୍ର ଆଣିବାକୁ ବାଡ଼ିକୁ ଗଲା ବେଳେ ସେ ସଜନା, ମନ୍ଦାର, ଟଗର ଗଛକୁ ଲକ୍ଷ୍ୟ କରେ । ହଁ ବଢୁଛନ୍ତି ତ, ସମୟ ତା ବାଟରେ ଆଗାଉଛି ତାହାଲେ, ସେ ହିଁ କାଠ ପୁତ୍ତଳି ହୋଇ ନାଚୁଛି ଯାହା! ସମସ୍ତଙ୍କ ମନ ନେଇ ଚଳୁ ଚଳୁ ସେ ଧିରେ ନିଜର ସତ୍ତା ଭୁଲି ଯାଉଥିଲା। ଦେବୁ ମାସେ ପନ୍ଦର ଦିନରେ ଆସନ୍ତି ହାଇଦ୍ରାବାଦରୁ ଆଉ ଯାଆନ୍ତି । ସେ ଲୋଟାଣି ପାରା ପରି ଲାଗିଥାଏ କାମରେ । ଠିକରେ ତାଙ୍କ କଥା ବୁଝିବାକୁ ସମୟ ନଥାଏ, ସଂକୋଚ ବି ଲାଗେ। ବାହାଘର ବେଳେ ବୋଉ କହିଥିଲା କେବେ ନିଜ ଲୋକଙ୍କୁ, ନିଜ ଘର ଯୌତୁକ ଜିନିଷ ଯତ୍ନ କରିବୁନି । ମାନୁଛି, ବୋଉ କୁହା। ଏବେ ଲାଗୁଛି କିଛି ତାର ନୁହେଁ ଖାଲି ସେବା କରିବା ଛଡା!

'ଏକା ରହିଲେ ରୋଷେଇ କରିବାକୁ ମନ ହେଉନି, ସବୁ ଦିନ ବାହାରେ ଖାଇଲେ ଦେହ ଖରାପ ହେଉଛି । ବୋଉ ମୁଁ ସୋନିକୁ ମୋ ସହ ନେବି! 'ଯେତେବେଳେ ଖାଇବା ପିଇବା ଅସୁବିଧା ହେଉଛି କହି ସାଙ୍ଗରେ ତାଙ୍କ ସହ ବାହାରକୁ ନେବା କଥା ଦେବୁ ଉଠେଇବେ, ଅନିତା ଦେବୀ ସୁଁ ସୁଁ ହୋଇ କାନ୍ଦି ଆରମ୍ଭ କରିବେ, ମୁଁ ଏଠି ଏକା ହୋଇଯିବି, ମୋ ସହ କଥା ପଦେ କହିବାକୁ କେହିନାହିଁ! ଯିଏ ଯାହାର କାମରେ ବ୍ୟସ୍ତ! ଏମିତିରେ ଖାଇସାରି ଅଇଁଠା ବାସନ ମୋର ମୁଁ ଉଠାଏନି। ଏଇ କେତେଦିନ ସୋନି ଥିଲାଯେ ଟିକେ ଭଲ ଲାଗୁଥିଲା! ସୋନି ଏଠି କୋଉ ବୋହୁ ଭଳିଆ ଚାଲୁଛି ଯେ ସେ ତ ଘରର ଝିଅ ପରି ଚଳୁଛି! 'ଆଉ କିଛି କହିବା ଆଗରୁ ଝିଅ ଜୋଇଁ ଘେରି ଯିବେ, ବଡ଼ ନଣନ୍ଦ ବାହାରି ପଡି କହିବେ, 'ସେ ଯାଉ ବୋଉ ଖୁସିରେ ଘର ସଂସାର କରୁ, ଆମେ ମଲୁ କେତେ ଗଲୁ କେତେ କାହାର କଣ ଯାଏ!'

ସୁଯୋଗ ପାଇଲେ ଶାଶୁ ଛିଗୁଲେଇ କି କୁହନ୍ତି ଆଉ କଣ ଆମ ବେଳ ଅଛି ଯେ ବର୍ଷ ବର୍ଷ ସ୍ୱାମୀଙ୍କୁ ନଦେଖିଲେ ବି ଶାଶୁ ଘରେ କାମ ଦାମ କରି ରହିଯିବେ, ଏବେ ତ ଖାଲି ଘରେ ପଶୁ ପଶୁ ମନ ଉଛନ, କେମିତି ମିଣିପ କୁ ହାତ କରି ଥେଇ ଥେଇ ହେବୁ । କଟୁ କଥା ନିରବରେ ପିଇ ଲହୁଲୁହାଣ ହୁଏ ସେ । କେବେ କେବେ ସିନେମା କି ସିରିଏଲରେ ରୋମାଣ୍ଟିକ ସିନ ଦେଖି, ଦେବଙ୍କ ସାନିଧ ପାଇବାକୁ ଖୁବ ଛଟ ପଟ ହୁଏ ହେଲେ ଶାଶୁଙ୍କ କଡା ନିଘା ତା ମନ ଯାଏ ବି ପହଞ୍ଚି ଯାଏ କି କଣ, ସେ ନିଜକୁ ଶୀତଳ କରିନିଏ ।

ଦେବୁ ସବୁ ଶୁଣି ଆଉ ସାଙ୍ଗରେ ନେବା କଥା କହି ପାରନ୍ତିନି ।

ବେଳ ଅବେଳରେ ନିଜ ଝିଅ ମାନେ ଶାଶୁ ଘର ଯିବା କଥା ଉଠିଲେ, ଛୋଟ ପିଲାଟା, ଆଲୁରୀ ବାଲୁରୀ, ହାତରେ ଏଯାଏଁ ବାଡ଼ି ଖାଇ ଜାଣିଲାନି । ଜୋଇଁକୁ ବାପା ଲୋ ଧନଲୋ କହି ଏମିତି ପାଲେଇ ବେ ଯେ ଝିଅ ତ ଯିବା ଦୂରର କଥା ଜୋଇଁ ପାଖ ଛାଡୁ ନାହାଁନ୍ତି । ଆଉ କାହା ଝିଅ ବେଳକୁ କଣ ନା 'ମୁଁ ଖାଇବା ଥାଳି ଉଠାଏନି। 'ରାଜାଙ୍କ ସ୍ତ୍ରୀ ତ'।

ଯାହା ହେଉ କେମିତି ତାକୁ ଆଜି ଲାଗିଲା ଦେବ ତା ଆଡ଼ିଆ ଅଛନ୍ତି, ସେତିକି ତାପାଇଁ ବଳ, ଜାଣି ମନେ ମନେ ଖୁସି ହୋଇ ରୋଷେଇ ଘରକୁ ଚାହା କରିବାକୁ ପଶିଲା ସୋନି ।

ଚାହା ନେଇ ଆସିଲା ବେଳକୁ ଶାଶୁଙ୍କ ରାଗ ତଥାପି ଥଣ୍ଡା ହୋଇ ନଥିଲା, ବଡ଼, ସାନ ନଣନ୍ଦ, ଓ ଦୁଇ ନଣନ୍ଦେଇ, ଶ୍ୱଶୁରଙ୍କ ସହ ଦାଣ୍ଡ ଘରେ ଏବିଷୟ ନେଇ ଗରମା ଗରମ ଚର୍ଚ୍ଚା ଚାଲିଥାଏ। 'ବଡଟା ସେମିତି ଯାଇ ଶ୍ୱଶୁର ଘରେ ପଶିଲା, ଏବି ସେଇ ବାଟ ଧରିଲାଣି! ଆପଣା ସୁନା ତ ଭେଣ୍ଡି! ଆଉ କାହାକୁ କହିବି! ' କହି ଶକ ଶକ ହୋଇ ପୁଣି ଦି ଟୋପା ଲୁହ ଝରେଇ ଆଖ ନାକ କାନିରେ ପୋଛିଲେ। ଦୁଇ ମେଷ ଶାବକ ସିଂହିନୀର ବ୍ୟଥାରେ ଯିମିତି ହଲଚଲ ହୋଇଗଲେ । ହଠାତ ବଡ ନଣନ୍ଦେଇ କଥା ଯୋଡ଼ିଲେ, 'କାହିଁ ବ୍ୟସ୍ତହେଉଛନ୍ତି ବୋଉ! ଦେବୁଟା ଆମର ପୁରା ବକସାଟେ, ତାକୁ ଯେମିତି ମୋଡ଼ିବେ ମୋଡିହୋଇଯିବ! ପୁସୁଲା ଫୁସିଲି କରି ଘର ଜୋଇଁଆ କରି ଦେବେ ବୋଲି ପ୍ଲାନ ପକେଇଛି ବୁଢା! ନହେଲେ ସପ୍ତାହେ କଥା ଉଠନ୍ତା କାହିଁକି? ସୋନି କାନିରେ ବାନ୍ଧି ହୋଇଯିବା ପୂର୍ବରୁ ଆପଣଙ୍କ ପରି ମା ର ମମତା ତାକୁ ବାନ୍ଧି ରଖିବନି! କଣ ନା ଜୋଇଁ ଡାକରାରେ ଯିବ!' 'ହଅ ଅ ଅ...'ପାନ ପିକ ପୁଳାଏ ପାଟିରେ ରଖି, ତାଙ୍କ କଥାକୁ ଅକ୍ଷରେ ସମର୍ଥନ କଲେ ସାନ ଭିଣେଇ। ତାଙ୍କ ସହ ଦୁଇ ନଣନ୍ଦ ବି !

ଦେବୁଙ୍କୁ ଉଠି ଆସିବା ଦେଖି ଶାଶୁ ହଠାତ ଅଣ୍ଟା ଧରା, ଓ ମୁଣ୍ଡ ବୁଲାର ବାହାନା କରି ବାହୁନି ଦିଟୋପା କୁମ୍ଭୀର କାନ୍ଦଣା ଆରମ୍ଭ କଲେ। ବୋଉର କଷ୍ଟ ଦେଖି କାମ ଅଛି ଯାଇହେବନି ବୋଲି ଦେବୁ କହିବାରୁ, ଥୋଡା ଦେଉଥିବା ପୁଅ ନିଜ ହାତରେ ସୁରକ୍ଷିତ ଜାଣି ଆଶ୍ୱସ୍ତିର ହସ ଖେଳିଗଲା ଗୋଟି ଗୋଟି ମୁହଁରେ ।

ଚାହା ଧରି ଠିଆ ହୋଇଥିବା ସୋନି ଗୋଟେ ସତ ଘଟଣା ଉପରେ ସଚିତ୍ର ନାଟକ ଦେଖି ଭାବୁଥିଲା, 'ଜୋଇଁ ଡାକରା କରି ଜୋଇଁକୁ, ଝିଅକୁ ତାର ସାଥିରେ ଚାକିରୀ ଜାଗାକୁ ନେବାକୁ ବୋଉ ଯାହା ହାତେ ଓଢଣା ପକେଇ କହିଥାନ୍ତା ସେ କଥା ତ ହେବା ସମ୍ଭବ ନୁହେ' କୁକୁରର ହାଡ ଖଣ୍ଡେ ପାଇଁ ଲୋଭ ପରି, ଶଶୁର ଘରେ ସବୁ ଦିନ ଭଲ ମନ୍ଦ ଖାଇ, ଡେରା ପକାଉ ଥିବା ଜୋଇଁ ମାନେ କାଳେ ସ୍ୱନସର ଆଉ ରୋଷେଇଆ ହାତ ଛଡା ହୋଇଯିବେ ସେ ଭୟ ଦୂର ହେବାପରେ ଖୁସି ଖୁସି ଚାହା ପର୍ବ କଲା ବେଳେ ଥଣ୍ଡା ଚାହା ବୋଲି କହି ସାନ ଭିଣେଇ ନାକ ଟେକୁ ଥିଲେ। ସୋନି ଭାବୁଥିଲା ଶଶୁର ଘରେ ଜୋଇଁ ସିନା ଦିନେ ଆସିଲେ ଚର୍ଚ୍ଚା ପାଆନ୍ତି ଏମିତି ସବୁଦିନିଆ ଜୋଇଁ ଙ୍କୁ କଣ ଦରକାର!, 'ହଁ ଭାଇନା ଘର କଥା ତ ଚଳେଇ ଦିଅନ୍ତୁ ଏବେ ପାଇଁ । 'କହି ହସି ପଳେଇ ଆସିଲା ସୋନି ।

+କାର୍ଡଗୁଡ଼ି, ବାଙ୍ଗାଲୋର
ମୋ: ୯୮୪୦୭୦୬୧୪୦

# ରିଲ୍ସ ନିଶାରେ ଯୁବପିଢି

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**

ରିଲ୍ସ ବା ବ୍ଲଗ୍ କରିବା ଆଜିକାଲିର ନୂଆ ଟ୍ରେଣ୍ଡ୍ ଚାଲିଛି। ପିଲାଠୁ ବଡ ସମସ୍ତେ ଏଥିରେ ମାତିଛନ୍ତି। ଲୋକଙ୍କୁ ତ ନିଜର ବ୍ୟକ୍ତିଗତ ସବୁକିଛି ଦେଖାଉଛନ୍ତି, ହେଲେ ସେମାନେ ନିଜର ମୌଳିକ ଆନନ୍ଦକୁ ଉପଭୋଗ କରି ପାରୁନାହାନ୍ତି। ଆଜିକାଲି ସକାଳୁ ପରିସ୍ରା ଯିବାଠୁ ପିଲା ଜନ୍ମ କରିବା ଯାଏ ଅତ୍ୟନ୍ତ ସମ୍ବେଦନଶୀଳ ସମୟକୁ ବି ପବ୍ଲିକ୍ କରିବାକୁ ପଛାଉ ନାହାନ୍ତି। କଣ ଖାଇଲେ, କୁଆଡେ ଗଲେ, କଣ କଲେ, ଏଇଟା ମୋ ଘର,ମୋ ବେଡ୍ ରୁମ୍, ବାର୍ଥ ରୁମ୍, ରୋଷେଇ ଘର, ମୁଁ ଅମୁକ ରାନ୍ଧୁଛି, ଅମୁକ ଖାଉଛି, ଦୈନନ୍ଦିନ ଜୀବନର ସମସ୍ତ ଘଟଣା ପବ୍ଲିକ୍‌କୁ ଦେଖାଇବା କଣ ନିହାତି ଜରୁରୀ। ଅନେକ ଅଛନ୍ତି ଖୁବ୍ ସଜେଇ ହୋଇ, ଓଢଣା ଟାଣି ଶାଶୁଙ୍କ ପାଦ ଛୁଇଁ ରିଲ୍ସ କରୁଥିବେ, କିନ୍ତୁ ବାସ୍ତବରେ ଶାଶୁକୁ ମୁଠେ ଖାଇବାକୁ ଦେଉ ନଥିବେ, ଘୋଷାଡି ଘୋଷାଡି ଶାଶୁକୁ ଘରୁ ବାହାର କରି ଦେଉଥିବେ। ହଜାର ଥର ଚୁମ୍ବନ ଦେଇ ଜାନୁ ଧନ କହି ରିଲ୍ସରେ ସ୍ତ୍ରୀ ସହିତ ନାଚୁଥିବା ସ୍ୱାମୀ ବାସ୍ତବରେ ସ୍ତ୍ରୀକୁ ପଚାରୁ ନଥିବ, ବାହାରେ କେତେ ଯେ ସ୍ତ୍ରୀ ରଖିଥିବ ପ୍ରଭୁଙ୍କୁ ଜଣା। କଲେଜ ପଢିବାକୁ ଯାଉଥିବା ପିଲାମାନେ ପାଠ କମ୍ ରିଲ୍ସ ବନେଇବାରେ ଅଧିକ ଆଗ୍ରହ ରଖୁଛନ୍ତି। ରିଲ୍ସକୁ ପୋଷ୍ଟ କଲାପରେ କେତେ ଲୋକ ଦେଖିଲେ, କେତେ କମେଣ୍ଟ ଦେଲେ, ହଜାର, ଲକ୍ଷ କି ମିଲିୟନ୍ ତା ଉପରେ ହିଁ ସବୁବେଳେ ଲକ୍ଷ ରହିଲା। ଆଜିକାଲି ଯେମିତି ଅସଭ୍ୟ ଗୀତ ବାଜୁଛି, ଆଉ ଏ ରିଲ୍ସର ନିଶା ଆମ ପିଲାମାନଙ୍କ ଭବିଷ୍ୟତକୁ ଏକ ଅନ୍ଧାର ଆଡକୁ ଟାଣି ନେଇ ଜୀବନ ବରବାଦ କରୁନି କି?

ଏ ମାଙ୍କଡ଼ ନାଚ ଭଳି ନାଚି ପଇସା ରୋଜଗାର କରିବାରେ କଣ ସମ୍ମାନ ଅଛି! କାହିଁକି କେହି ଜାଣି ପାରୁନାହାନ୍ତି ପ୍ରକୃତରେ ଜୀବନର ଗୁଢ ତତ୍ତ୍ୱ କଣ, ମହତ୍ତ୍ୱ କଣ, ଆନନ୍ଦ କଣ? ପଇସା ରୋଜଗାର କରିବା ନିଶାରେ ଗୁପ୍ତ ରଖିବା ବିଧେୟ ଥିବା ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାକୁ ସର୍ବ ସମ୍ମୁଖରେ ଦେଖେଇବା କଣ ମର୍ଯ୍ୟାଦା?

ବଡମାନେ ଯେତେବେଳେ ମର୍ଯ୍ୟାଦା ଭୁଲି ଅପସଂସ୍କୃତିର ବସା ବାନ୍ଧୁଛନ୍ତି, ସେ ବସାରେ ସବୁ ଚଢେଇ ହିଁ ସେମିତି ଉଡିବାକୁ ଚାହିଁବେ। କେଉଁଠି କେଉଁ ଶୀକାରୀ ହାତରେ ଲାଖବିନ୍ଧ ହେବେ ତ କେଉଁଠି କାହାର ଆହାର ବନିଯିବେ। ଲୋକମାନେ ମଧ୍ୟ ଭକୁଆ,ଏଭଳି ଅସଂସ୍କାରୀମାନଙ୍କୁ ଦେଖି ଦେଖି ସେମାନଙ୍କ ଦୌରାତ୍ମ୍ୟ ବଢାଉଛନ୍ତି।

ପିଲାମାନଙ୍କ ଏ ନାଟକବାଜୀ କରିବା ପଛରେ ସବୁଠୁ ବଡ ହାତ ହେଉଛି ବାପା ମାଆଙ୍କର। ନିଜେ ଠିକ୍ ରହି ପିଲାଙ୍କୁ ଅନୁଶାସନରେ ନରଖିଲେ ସେମାନେ ଯୋଗ୍ୟ ହେବା ଛାଡିଦେଇ ମୋବାଇଲରେ ଏମିତି ରିଲ୍ସ ବନେଇ ମାଙ୍କଡନାଚ କରିବେ। ଆମର ଦାୟିତ୍ୱ ସୁଖ, ସମ୍ମାନ, ଆନନ୍ଦ, ଆମୋଦର ଅର୍ଥ ଆମ ପିଲାଙ୍କୁ ବୁଝାଇବା, ଆମେ ସେମାନଙ୍କୁ ବାଟ ଦେଖାଇବା। ପିଲାମାନେ ଯେତେ ମାତ୍ରାରେ ମୋବାଇଲ, ଫେସବୁକ୍, ରିଲ୍ସକୁ ନିଜ ମସ୍ତିଷ୍କରେ ରଖିବେ, ସେମାନଙ୍କ ମସ୍ତିଷ୍କର ବିକୃତି ଘଟିବ, ବିଚାର ପ୍ରଭାବିତ ହେବ, ବ୍ୟବହାର ବଦଳି ଯିବ। ତେଣୁ ପିଲାଙ୍କୁ ପରିଶ୍ରମ, ସାଧନା ଓ ଶିକ୍ଷା ଦ୍ୱାରା ଧନ ଅର୍ଜନ କରିବା



ଶିଖାଇବା ଉଚିତ୍, ରିଲ୍ସ କିମ୍ବା ବ୍ଲଗ୍ କରି ନୁହେଁ।

ପିଲା ତ ପିଲା ଆଜିକାଲି ପ୍ରାପ୍ତ ବୟସ୍କ ପୁରୁଷ ଓ ମହିଳାମାନେ ମଧ୍ୟ ନିଜର ମର୍ଯ୍ୟାଦା ଭୁଲି ମୋବାଇଲରେ ଏଇ ରିଲ୍ସ ବନେଇବା ପାଇଁ ପାଗଳ ହେଉଛନ୍ତି। ପିଲାଛୁଆ, ଶାଶୁ ଶ୍ୱଶୁର, ଘରଦ୍ୱାର ଦାୟିତ୍ୱ ଚୁଲିକି ଯାଉ, ଆମେ ସଶକ୍ତ ହେଉଛୁ,ଏମିତି ରାସ୍ତାଘାଟରେ ନାଚିବୁ, ଦର୍ଶକ ସଂଖ୍ୟା ବଢାଇବା ପାଇଁ ଲୁଗାପଟା ଖୋଲି ନାଚିବାରେ ବି ଅସୁବିଧା ନାହିଁ। ଏହା ହେଉଛି ଅପ୍ରିୟ ସତ୍ୟ, ଯାହା ଅତ୍ୟାଧୁନିକା ଉଶୃଙ୍ଖଳିତା ନାରୀମାନଙ୍କୁ ବାଧିପାରେ। କିନ୍ତୁ ସମସ୍ତେ ଏକଥା ଜାଣି ରଖିବା ଉଚିତ୍, ରିଲ୍ସ ବନଉଥିବା ବ୍ୟକ୍ତି କିମ୍ବା ମହିଳାଙ୍କ ପ୍ରତି ସମାଜର ସମ୍ମାନ ନଥାଏ,ସମାଜ ତାଙ୍କୁ ଭଲ ଦୃଷ୍ଟିରେ ଦେଖେନାହିଁ କିମ୍ବା ସମ୍ମାନ କରେନାହିଁ। କେବଳ ଏକ ମନୋରଞ୍ଜକ ଆଇଟମ୍ ଭାବି ମଜାନିଏ। ଜଣେ ଭଦ୍ର, ଶିକ୍ଷିତ, ଶୃଙ୍ଖଳିତ ମଣିଷ ଏମିତି ମାଙ୍କଡନାଚ କାହିଁକି ନାଚିବ? ସେ ତା ସମ୍ମାନର ସହିତ ଅଭିନୟ କରିବ କିମ୍ବା ଅର୍ଥ ଉପାର୍ଜନ କରିବ।

ଜଣେ ବ୍ୟକ୍ତି ଚାହିଁଲେ ଦେଶର ଦୃଶ୍ୟପଟ୍ଟ ବଦଳାଇ ପାରିବ। ଜଣେ ଯେତେବେଳେ ରାମରାଜ୍ୟ ଗଢିବାର ସ୍ୱପ୍ନ ଦେଖେ, ବାନର ସେନା ହୋଇ ତାକୁ ସହଯୋଗ କରିବାକୁ ସମସ୍ତେ ଆଗେଇ ଆସିବା ଉଚିତ୍। ଆଜିକାଲି ପାଶ୍ଚାତ୍ୟକୁ ଅନୁକରଣ କରି ଅପସଂସ୍କୃତିର ପ୍ରସାର କରିବାକୁ ଯଦି ସମସ୍ତଙ୍କ ପାଖରେ ଏତେ ସମୟ ଅଛି, ନିଜ ପରିବାର, ପରିବେଶ, ସଂସ୍କାର, ସଂସ୍କୃତିର ଯଥୋଚିତ ସମ୍ମାନ କରି ଆମ ସଂସ୍କୃତିର ମହାନତାକୁ ବଜାୟ ରଖିବାକୁ କାହିଁକି ସମୟ କି ସଦିଚ୍ଛା ରହୁନାହିଁ?କେହି ଆଜିକାଲି ମୁରବୀ ମାନୁନାହାନ୍ତି। ବଡଙ୍କୁ ସମ୍ମାନ ନାହିଁ କି ସାନଙ୍କୁ ସ୍ନେହ ନାହିଁ। ମୁଁ ସର୍ବସ୍ୱ ଦୁନିଆରେ କେବଳ ନିଜର ସୁଖ ଓ ଖୁସି ପଛରେ ଧାଇଁବାକୁ ହିଁ ମଣିଷ ପରମ ଆନନ୍ଦ ଭାବୁଛି। ପବ୍ଲିକ୍‌କୁ ନିଜର ବ୍ୟକ୍ତିଗତ ଜୀବନଚର୍ଯ୍ୟା ଦେଖେଇ,ରିଲ୍ସ କରି ସମୟ ବରବାଦ କରିବା ଅପେକ୍ଷା ନିଜକୁ ସଜାଡିବାରେ ଯୋଗଦାନ ଦେଲେ ଅନ୍ତତଃ ସମାଜ ପ୍ରତି କିଛି ଅବଦାନ ରୁହନ୍ତା। ରିଲ୍ସ ନିଶାରେ ନିଜ ବ୍ୟକ୍ତିଗତ ଜୀବନର ପରମ ଆନନ୍ଦକୁ ପାଦରେ ଦଳି ଦିଅନ୍ତୁ ନାହିଁ। ଜୀବନ କ୍ଷଣିକର ଲୀଳା। ତାକୁ ଆତ୍ମାର ସହିତ ଉପଭୋଗ କରନ୍ତୁ।

+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଲୋଡ଼ା ନାହିଁ

**ପୁଷ୍ପାଞ୍ଜଳି ପଣ୍ଡା**



ଅପେକ୍ଷାର ଅନ୍ତ
କରିଲ ସାଆନ୍ତ
ଦେଖିଲି ଚର୍ମ ଚକ୍ଷୁରେ
ପ୍ରେମେ ଗଲି ମଜି
ଆନନ୍ଦରେ ଭିଜି
ଆଖି ମୋ ଗଲା ଲାଖିରେ।

ରଥରେ ବସିଛ
ମୁରୁକି ହସୁଛ
ଟାଣେ ମୁଁ ରଥ ଦଉଡ଼ି
କଳା ବାମନହେ
ବଡ଼ଦାଣ୍ଡେ ତବ
ରଥ ଯାଏ ଗଡି ଗଡି।

ଲୁହ ଝରିଗଲା
ମନ ନ ବୁଝିଲା
ଶରଧା ବାଲିରେ ଗଡି
ଦି ବରଷ ପରେ
ଆସିଲ ମଣିମା
ଉଲ୍ଲାସରେ ଗଲି ବୁଡ଼ି।

ରଥରେ ପଥରେ
ଗୁଣ୍ଡିଚା ଯାତରେ
ଦେଖି ଧନ୍ୟ ହେଲି ମୁହିଁ
ପୁନର୍ଜନ୍ମ ହେଉ
କି ଅବା ନହେଉ
ଆଉ କିଛି ଲୋଡ଼ା ନାହିଁ।

+କେନ୍ଦ୍ରାପଡା

## ଧରିତ୍ରୀ ଓ ବର୍ଷା

**ଶ୍ରୀରୂପା ମଞ୍ଜରୀ ସେନ୍**



ଧରିତ୍ରୀ 'ମୁଁ',ତୁମେ ବର୍ଷା,
ତୁମ ମୋର ସମ୍ପର୍କ କେତେ ନିବିଡ,
ବର୍ଷ ଯାକ ତୁମେ ଯେଉଁଠି ଥାଅ
ଯେଉଁ ଆଡେ ଯାଅ ,
ଆଷାଢ, ଶ୍ରାବଣ ଆସିଲେ
ତୁମ ବାଟକୁ ମୁଁ ଚାହିଁ ବସି ଥାଏ ....।
ସମୟ ଚକ୍ର ର ତାଳେ,ତାଳେ
ରୌଦ୍ରର ପ୍ରଚଣ୍ଡ ଉତ୍ତାପ ପରେ
ହୃତପିଣ୍ଡ ମୋର ହୋଇ ଥାଏ
ଉତ୍ତପ୍ତ ଓ ଜ୍ୱଳନ ପୀଡନ,
ଶରୀରଟା ମୋର ଶୁଷ୍କ ଟାଙ୍ଗରା ଭୂଇଁ ସମ
ପତ୍ର, ଫଳ, ପୁଷ୍ପ ସବୁ ଦିଶନ୍ତି ଶ୍ରୀହୀନ ।
ମୋ ଛାତି ଉପରେ
ଗୋରୁ ଗାଈ, ପଶୁ ପକ୍ଷୀ ମାନେ
ହୁଅନ୍ତି ଡହଳ ବିକଳ, ପାଣି ପାଇଁ ଟୋପାଏ,
ବୃକ୍ଷ ଲତା, ତୃଣ ମାନଙ୍କ
କଥା ବା ବୁଝୁଛି କିଏ ?
'ବର୍ଷା', ତୁମେ ଆସିଲ ଏଥର
ମୌସୁମୀ ସାଥେ ସାଥେ
ବିଦ୍ୟୁତ, ଘଡ଼ ଘଡି ଚମକାଇ
ଭଷାଣିଆ ମେଘରେ ନାଚି ନାଚି
କେତେ ବେଳେ କେମିତି
ଝମ୍ ଝମ୍, ଥମ୍ ଥମ୍ ବରଷି ଥାଅ ।
ଆସିଛ ତ ଭଲ କରିଛ , ଅତି ସୁନ୍ଦର
ମୁଁ ମାଟି, 'ଧରିତ୍ରୀ', ତୁମେ ବର୍ଷା
ମୋ ସହିତ ବାନ୍ଧବୀ ଭାବେ ମିଶି
ଏକା କାର ହୋଇ ଯାଅ ।
ମୋର ଉତ୍ତପ୍ତ ଆତ୍ମାରେ
ଶୀତଳତା ଭରି ଦିଅ,
ଆତ୍ମା ରେ ଆତ୍ମା ମାଶାଇ ଦିଅ ...
ବର୍ଷ ଯାକ ତୁମେ ଯେଉଁଠି ଥାଅ
ତୁମ ବାଟକୁ ପରା ମୁଁ ଚାହିଁ ବସିଥାଏ...।

+ଅଙ୍ଗାରଗଡିଆ , ବାଲେଶ୍ୱର
୮୮୯୫୫୭୭୮୬୦

## ସ୍ମୃତି

**ସୁଷମାମଞ୍ଜରୀ ମିଶ୍ର**



ଆଦ୍ୟ ଆଦିତ୍ୟ ଉଇଁ ଆସୁଥିବେ
ପ୍ରାନ୍ତ ବେଳରେ ବନ୍ଦୀ,
ଶୁଭ ସାଥେ ଯହିଁ ଅଶୁଭ ରହଇ
ପରସ୍ପର ଥାନ୍ତି ଛନ୍ଦି ।
ପ୍ରଶଂସକ ଥିବେ ନିନ୍ଦୁକ ବି ଥିବେ
କର୍ମକାଉଁରୀ ପଥେ,
କାଉଁରୀ ପଥରେ ଯେତେ ମନ୍ତ୍ରଧୂଳି
ବୋଲି ହେଉଥିବ ମାଥେ ।
ଗଡ଼େ ନନ୍ଦୀଘୋଷ ଉପରୁ ତଳକୁ
ବାଣ୍ଟିଥାଏ ମହା ଶିକ୍ଷା,
ସୁଖ ଦୁଃଖ ଦୁଇ ସମାନ ନିକିତି
ସ୍ଥିତପ୍ରଜ୍ଞର ଏ ଦୀକ୍ଷା ।
ଆକୀର୍ଣ୍ଣ ଆକାଶେ କେବେ ମେଘମନ୍ଦ୍ର
କେବେ ନକ୍ଷତ୍ରଙ୍କ ମେଳି,
ଚନ୍ଦ୍ରମା ଦେହେ ଚିହ୍ନ ଶୋଭାକୁ
ପରିବା କି କେବେ ଟାଳି ।
ଇତିହାସ ଦେହେ ଚିତ୍ରିତ ଯେତେ
କୀର୍ତ୍ତି ଗୌରବ କଥା ,
କଥା ଆଢୁଆଳେ ଜଳୁଥାଏ ଯେତେ
ରକ୍ତ କାହାଣୀ ଚିତା ।

+ଭୁବନେଶ୍ୱର

## ପ୍ରେମ

**ଲକ୍ଷ୍ମୀପ୍ରିୟା ମାଇତି**



ପ୍ରେମ ଆଉ ଜୀବିତ ନାହିଁ
ସେବେଠୁ ସମାଧି ନେଲାଣି।

ଯେବେ କାମାନ୍ଧ ହୋଇ
ବାପ ବୟସର ମଣିଷ
ନିଜ ଝିଅ ବୟସର ଝିଅ ସାଥେ
ଟଙ୍କା ବିନିମୟରେ
ରଖେ ଅନୈତିକ ସମ୍ପର୍କ ।

ଯେବେ ମାଆଟିଏ
ନିଜ ପିଲା ଛାଡି
ଆନମନା ହୋଇ
ପର ପୁଅ ସାଥେ
କରେ ପଳାୟନ।

ଯେବେ ଲୋକଙ୍କ ଆଖିରେ
ଭଉଣୀକୁ ସାଙ୍ଗରେ ନେବାକୁ
ଭାଇଟିଏ ଡରେ।

ଯେବେ ସମ୍ପର୍କର ମାନେ
ଦୈହିକକୁ ବୁଝୁଛି ଏ ସମାଜ
କାହା ପାଖେ ଠିଆ ହେଲେ ବି
ଚୁପୁଚାପ ଚାଲେ
'ତା' ସହିତ ଯାର କିଛି ଭିତିରିଆ ଅଛି'।

ସେବେଠୁ ସରିଛି
ଏ ସମ୍ପର୍କ
ହାରିଛି ଏ ମନ
କେବଳ ହୁରି ପଡୁଛି
ମିଛ ଏଇ ନାମ
'ପ୍ରେମ'।

+ସଂପାଦିକା - ଅନ୍ତରୀକ୍ଷ
ଏରସମା, ଜଗତସିଂହପୁର



# ମୋଦି ଶାସନରେ ତୁଷ୍ଟିକରଣ ରାଜନୀତି, ତୃପ୍ତିକରଣ ରାଜନୀତିରେ ପରିଣତ : ସମୀର ମହାନ୍ତି

ଭୁବନେଶ୍ୱର,୬/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତାପାର୍ଟି ଏନଡିଏ ସରକାରର ବିଗତ ୮ବର୍ଷରେ ଭାରତ ସବକା ସାଥ୍, ସବକା ବିକାଶର ପ୍ରମୁଖ ସିଦ୍ଧାନ୍ତ ସହ ଅଗ୍ରସର ହେଉଛି। ଆଜି ଭାରତ ବିଶ୍ୱର ଷଷ୍ଠ ବୃହତ ଅର୍ଥବ୍ୟବସ୍ଥା ଭାବରେ ପ୍ରତିଷ୍ଠିତ ହୋଇଛି ଏବଂ ଭାରତର ବିକାଶ ଅଧ୍ୟାୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମ-ନିର୍ଭରତା ଏବଂ ଗରିବ କଲ୍ୟାଣ ସଂକଳ୍ପ ଓ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ବିଚାରରେ ଆଗକୁ ବଢୁଛି। ୨୦୧୪ରେ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ଦେଶ ପ୍ରଗତି ପଥରେ ଆଗେଇ ଚାଲିଛି ଏବଂ ଦେଇଥିବା ପ୍ରତିଶ୍ରୁତିକୁ ବାସ୍ତବରେ ପୂରଣ କରୁଛନ୍ତି। କଂଗ୍ରେସ ସରକାର ସମୟରେ ଭୋଟ୍ ବ୍ୟାଙ୍କ୍ ରାଜନୀତି ଥିଲାବେଳେ ମୋଦି ସରକାରରେ ବିକାଶର ରାଜନୀତି ହୋଇଛି। ଦେଶର ଅନ୍ତିମ ଶ୍ରେଣୀର ଲୋକଙ୍କ ପାଖରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ପ୍ରତ୍ୟକ୍ଷ ଲାଭ ପହଂଚିପାରିଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଗତ ୨ ଓ ୩ ତାରିଖ ଦିନ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଂପର୍କରେ ସୂଚନା ଦେଇ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଭାରତକୁ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଜେପି ରୋଡମ୍ୟାପ୍ ପ୍ରସ୍ତୁତ କରିଛି। 'ରାଷ୍ଟ୍ରବାଦ' ଓ 'ଗରିବକଲ୍ୟାଣ'କୁ ଆଧାର କରି ରାଜନୈତିକ ପ୍ରସ୍ତାବ ପାରିତ ହୋଇଛି। ଭାରତର ଟିକସ ଦାତାଙ୍କ ପଇସା ମୋଦି ସରକାର ସଠିକ୍ ବ୍ୟୟ କରୁଛନ୍ତି। ଏ ପଇସା ନେଇ ଦୁର୍ନୀତି ଅଭିଯୋଗ ଆଣିପାରୁନାହାଁନ୍ତି ବିରୋଧୀ। । ଦେଶ ସ୍ୱାଧୀନତାର ୭୫ ବର୍ଷ ପୁର୍ତ୍ତି ଅବସରରେ ଦେଶବ୍ୟାପୀ ପାଳନ କରାଯାଉଥିବା ଅମୃତ ମହୋତ୍ସବ ଦଳମତ ନିର୍ବିଶେଷରେ ସମସ୍ତେ ପାଳନ କରିବା ଆବଶ୍ୟକ। ମାତ୍ର ଅସହିଷ୍ଣୁ ବିରୋଧୀମାନେ ମୋଦିଙ୍କୁ ବିରୋଧ କରିବାକୁ ଯାଇ ଦେଶକୁ ବିରୋଧ କରିବାକୁ ପଛାଉ ନାହାଁନ୍ତି । ସମାଜର ସବୁ ବର୍ଗଙ୍କୁ ପ୍ରାଧାନ୍ୟ ଦେଇଛନ୍ତି ମୋଦୀ ସରକାର। ଓଡିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ରାଜ୍ୟ ସମେତ ଦେଶବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଓଡିଶା ସମେତ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ କାର୍ଯ୍ୟକାରିଣୀରେ ଆଲୋଚନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଜୀଙ୍କ ଆତ୍ମନିର୍ଭର ଭାରତର କଳ୍ପନା 'ବସୁଧୈବ କୁଟୁମ୍ବକମ୍' ଉପରେ ଆଧାରିତ। 'ଆତ୍ମନିର୍ଭର ଭାରତ' ଦିଗରେ ଅଗ୍ରସର ହେବା ପାଇଁ ଏଭଳି ଅର୍ଥବ୍ୟବସ୍ଥା ଯାହା ପର୍ଯ୍ୟାୟକ୍ରମେ ପରିବର୍ତ୍ତନ ନୁହେଁ ବରଂ ଏକ ସଙ୍ଗେ ବହୁତ ବଡ ପରିବର୍ତ୍ତନ ଆଣିପାରିବ। ଏଭଳି ମୂଳଭୂତ ଭିତିଭୂମି ଯାହା ଆଧୁନିକ ଭାରତର ପରିଚୟ ହେବ ଏବଂ ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିବ । ଏଭଳି ବ୍ୟବସ୍ଥା ଯାହା ଆଧୁନିକ ଉଦ୍ୟୋଗିକଙ୍କୁ ସ୍ୱୀକୃତି ଦେବ ଏବଂ ସମାଜରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାରକୁ ବଢାଇବ। ଆମର ବହୁମୁଖୀ ପ୍ରତିଭାବାନ୍ ତଥା ଯୁବ ମାନବସମ୍ବଳର ସର୍ବୋତମ ଉପଯୋଗ ହେବା ଦରକାର। ଆମ ପାଖରେ ବଡ ଆକାରରେ ଘରୋଇ ବଜାର ଏବଂ ଚାହିଦା କ୍ଷେତ୍ର ରହିଛି, ଯାହା ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରାଯିବା ଦରକାର। ଏହି ୫ଟି କ୍ଷେତ୍ର ଅର୍ଥନୀତି, ଭିତିଭୂମି, ବ୍ୟବସ୍ଥା ବା 'ସିଷ୍ଟମ', ଜନସଂଖ୍ୟା ଓ ମାନବସମ୍ବଳ ଏବଂ ବଜାର ଚାହିଦାକୁ ନେଇ ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ। କୋଭିଡ୍ ସମସ୍ୟାରୁ ମୁକ୍ତି ଏବଂ ଦେଶର ପୁନରୁଦ୍ଧାର; ଦେଶର ଅର୍ଥ ବ୍ୟବସ୍ଥାର ପୁନରୁଦ୍ଧାର; ଗରିବ କଲ୍ୟାଣ ସାମାଜିକ ସୁରକ୍ଷା ପାଇଁ ଯୋଜନା ଏବଂ ଆର୍ଥିକ ଲାଭ; ଅର୍ଥନୀତି ଏବଂ ଡିଜିଟାଲକୁ ପ୍ରୋତ୍ସାହନ; ଉଦ୍ୟୋଗୀ ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ପ୍ରମୁଖ ଦିଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆଗାମୀ ଦଶନ୍ଧି ଭାରତର ଦଶନ୍ଧି ଏବଂ ଏହି ଲକ୍ଷ୍ୟ ଆତ୍ମନିର୍ଭର ଭାରତ ବିନା ସମ୍ଭବ ନୁହେଁ। ଭାରତକୁ ବିଶ୍ୱର ଆର୍ଥିକ ମହାଶକ୍ତି ରୂପେ ଗଢି ତୋଳିବା ପାଇଁ ଦେଶର ଗରିବଙ୍କ ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତିବଦ୍ଧତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କୋଭିଡ୍ – ୧୯ ମହାମାରୀ ବିଶ୍ୱକୁ ପ୍ରଭାବିତ କରିଥିବା ବେଳେ ଆମ ଦେଶ ଭାରତ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସୁରକ୍ଷିତ ରହିଛି। ମହାମାରୀ ସମୟରେ ବ୍ୟବସ୍ଥିତ ପ୍ରବନ୍ଧନ, ନୀତିଗତ ପ୍ରକ୍ରିୟା କାରଣରୁ ସଠିକ୍ ପଥରେ ଅଗ୍ରସର ହେଉଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ଲଲିଟେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର୍ ରଞ୍ଜିତ ଦାସ ଓ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲିପ୍ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ତରବରିଆ ଘରୋଇ ବିଶ୍ୱବିଦ୍ୟାଳୟ ବିଲ ପାରିତ ନେଇ ପ୍ରଶ୍ନ ଉଠାଇଲେ ନରସିଂହ

ଭୁବନେଶ୍ୱର,୬/୦୭ (ନି.ପ୍ର): ସୋମବାର ବିଧାନସଭାରେ ଯେଉଁଭଳି ଭାବେ ବିଧାୟକ ମାନଙ୍କୁ ସମସ୍ତ ଡକ୍ୟୁମେଂଟ ନ ଦେଇ ତରବରିଆର ଭାବେ ଘରୋଇ ବିଶ୍ୱବିଦ୍ୟାଳୟ ବିଲ ପାରିତ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ।

ଶ୍ରୀ ମିଶ୍ର ସୋମବାର ଦିନ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଗତ କାଲି ବିଲ ଆଲୋଚନା ପୂର୍ବରୁ ସମସ୍ତ ଡକ୍ୟୁମେଂଟ ଯୋଗାଇ ଦିଆ ଯାଇ ନ ଥିଲା । ସମସ୍ତ ଡକ୍ୟୁମେଂଟ ଯୋଗାଇ ଦେବାକୁ ପୂର୍ବରୁ ନିର୍ଦ୍ଦେଶ ରହିଥିଲା । ଏହା ଦ୍ୱାରା ବିଧାୟକ ମାନଙ୍କ ବିଶେଷାଧିକାରର ଉଲ୍ଲଂଘନ ହୋଇଛି । ବିଧାୟକ ମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ଦାୟିତ୍ୱ ବିଧାନସଭା ବାଚସ୍ପତିଙ୍କର । ମାତ୍ର ସେ ଏ ଦିଗରେ କିଛି କରି ନାହାନ୍ତି । ସେ ପ୍ରଶ୍ନ କରିଥିଲେ ଯେ ଏତେ ତରବରିଆ ଭାବେ ଘରୋଇ ବିଶ୍ୱବିଦ୍ୟାଳୟ ବିଲକୁ କାହିଁକି ପାରିତ କରାଗଲା। ୨ ତାରିଖ ଦିନ ବିଲ ଉପସ୍ଥାପନ ହେଲା । ୩ ତାରିଖ ଦିନ ଛୁଟି ଥିଲା ଓ ୪ ତାରିଖ ଦିନ ବିଲକୁ ପାରିତ କରି ନିଆଗଲା । ଏତେ ତରବରିଆ ଭାବେ ଘରୋଇ ବିଶ୍ୱବିଦ୍ୟାଳୟ ବିଲକୁ ପାରିତ କରାଯିବାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭବିକ। ଏହି ବିଲ ଉପରେ ଅଧିକ ଆଲୋଚନା ପାଇଁ ସିଲେକ୍ଟ କମିଟି କୁ ପଠା ଯାଇ ପାରିଥାନ୍ତା ।

ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଲ ସହିତ ସମ୍ପର୍କିତ ସମସ୍ତ ଡକ୍ୟୁମେଂଟ ସଂପୃକ୍ତ ବିଭାଗ ମାନଙ୍କ ଠାରୁ ମଗାଇ ନରସିଂହ ମିଶ୍ରଙ୍କୁ ପ୍ରଦାନ କରିବାକୁ ବିଧାନସଭା ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପାହାଡ଼ ଉପରେ ୧୭ ଗ୍ରାମ: ଭତ୍ତା, ଚାଉଳ ପାଇଁ ଯାଉଛନ୍ତି ୫୦କିମି

ଭୁବନେଶ୍ୱର,୬/୦୭ (ନି.ପ୍ର): ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର କୋରକୁଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମପଞ୍ଚାୟତର ୬୦କିମିର ବ୍ୟାସାର୍ଦ୍ଧ ରହିଛି। ଆଦିମ ଜନଜାତି ଡିଡେଇ ଓ ବଣ୍ଡା ସମ୍ପ୍ରଦାୟର ଲୋକ ୧୦ହଜାର ଫୁଟ ଉଚ୍ଚରେ ପାହାଡ଼ ଉପରେ ୧୭ଟି ଗ୍ରାମରେ ପ୍ରାୟ ୫ହଜାର ଲୋକ ବସବାସ କରୁଛନ୍ତି। ଏଥିରେ ପ୍ରାୟ ୩୫୦୦ ଭୋଟର ଅଛନ୍ତି। ହେଲେ ଲୋକମାନେ ୫୦୦ଟଙ୍କା ଭତ୍ତା, ପିଡିଏସ୍ ଚାଉଳ ପାଇଁ ୫୦କିମି ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ପାହାଡ଼ ଡେଇଁ ଯାଉଛନ୍ତି। ତେଣୁ ଏମାନଙ୍କ ପାଇଁ ବଡ଼ପଡ଼ା ଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କରାଯାଉ। ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକାଙ୍କ ଏହି ଦାବିରୁ ଆଜିର ପ୍ରଶ୍ନକାଳ ଆରମ୍ଭ ହୋଇଥିଲା। ଏହାର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଥିଲେ ଯେ ନିକଟରେ ପଞ୍ଚାୟତ ନିର୍ବାଚନ ସରିଥିବାରୁ ଆଉ ଏକ ପଞ୍ଚାୟତ କାର୍ଯ୍ୟାଳୟ ହୋଇପାରିବନି। ତେଣୁ ବିଧାୟକ ଏନେଇ ଲିଖିତ ଆକାରରେ ଦେଲେ ବଡ଼ପଡ଼ା ଠାରେ ଏକ ସୁବିଧା କେନ୍ଦ୍ର ଖୋଲିବା ନେଇ ବିଚାର କରାଯିବ। ଅତିରିକ୍ତ ପ୍ରଶ୍ନରେ ବିଧାୟକ ବିଷ୍ଣୁଚରଣ ସେଠୀ କହିଥିଲେ ଯେ ଯେତେସବୁ ଲିଖିତ ଆକାରରେ ଦିଆଯାଉଛି ତାହା କେତେ ଦୂର କାର୍ଯ୍ୟକ୍ଷମ ହେଉଛି ତାହା ଦେଖିବା କଥା। ଗତ ୫ବର୍ଷ ବିତିଗଲା ପରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଏକ ସ୍ୱତନ୍ତ୍ର ପଞ୍ଚାୟତ ହୋଇପାରିଲା ନାହିଁ। ଏଇଥିପାଇଁ ଯେ ସେଠାରେ ଶାସକ ଦଳର ବ୍ୟକ୍ତିମାନେ ନିୟମ ବର୍ହିଭୂତ କାର୍ଯ୍ୟ କରିବା ପାଇଁ ପ୍ରଶାସନକୁ ଚାପ ପ୍ରୟୋଗ କରୁଛନ୍ତି। ସେହିପରି ଧାମନଗର ବ୍ଲକର ସାହସପୁର ପଞ୍ଚାୟତ ସ୍ୱତନ୍ତ୍ର ପଞ୍ଚାୟତ ହେବା ପରେ ମଧ୍ୟ ଅଦ୍ୟାବଧି ଲୋକଙ୍କୁ ସୁବିଧା ମିଳୁନି। ବଣ୍ଡା ପାହାଡ଼ ଓ ଗିରିଜନମାନଙ୍କ କଥା କହିବା ପୂର୍ବରୁ ମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି କି ଉପକୂଳ ଅଞ୍ଚଳରେ କ'ଣ ଅବସ୍ଥା। ଜଳ ଜୀବନ ବୋଲି ବୋର୍ଡ ମାରିଦେଲେ ହେବନି। ଲୋକଙ୍କ ଘରେ ପାଣି ପହଞ୍ଚାଇବା ପୂର୍ବରୁ ଏହାକୁ ପଞ୍ଚାୟତ ସ୍ତରରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେବେ କି ? ଆଳିରେ ଏକ ପ୍ରକଳ୍ପ ହେଲା। ଚାରିଆଡ଼କୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କୁହାଗଲା। ଚାନ୍ଦବାଲି, ବାସୁଦେବପୁର, ତିହିଡ଼ି ଏବଂ ଧାମନଗର ବ୍ଲକ ଅଞ୍ଚଳରେ ପାଣି ଯୋଗାଣ ହୋଇଥାନ୍ତା। ହେଲେ ରାଜନୈତିକ ଆନ୍ଦୋଳନ ଯୋଗୁଁ ନା ପାଣି ଯୋଗାଣ ହୋଇପାରୁଛି ନା ଉକ୍ତ ଅଞ୍ଚଳରେ ଟ୍ୟୁବୱେଲ୍ ଖୋଳାଯାଉଛି। ଲୋକ କହିଲେ ଆମେ କହୁଛୁ ବିରୋଧୀ ଦଳରେ ଅଛୁ। ଲୋକ କହୁଛନ୍ତି ବିରୋଧୀ ଦଳରେ ଥିଲେ କ'ଣ ହେବ ? ଆମେ ପାଣି କେମିତି ପିଇବୁ। ଏହାପରେ ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ରାଜନେ?ତିକ ଆନ୍ଦୋଳନ ଯୋଗୁଁ ପାଣି ନପାଇବା ଠିକ୍ କଥା ନୁହେଁ। ବିଡିଓ, ସିଡିପିଓ ପ୍ରମୁଖ ତାଙ୍କ ସୁପାରିସ ଜିଲ୍ଲାପାଳଙ୍କ ନିକଟକୁ ପଠାନ୍ତି। ଜିଲ୍ଲାସ୍ତରରେ ଗଠନ ହୋଇଥିବା କମିଟିରେ ନିଷ୍ପତ୍ତି ନିଆଯାଏ। ଏହି ନିଷ୍ପତ୍ତି ଉପରେ ଶୁଣାଣି ହୋଇ ଆପତ୍ତି, ଅଭିଯୋଗ ଶୁଣାଯାଏ। ଯାହା ବି ହୋଇଛି ଠିକ୍ ଢଙ୍ଗରେ ହୋଇଛି। କିଛି ତ୍ରୁଟିବିଚ୍ୟୁତି ଥିଲେ ତାକୁ ସଦସ୍ୟ ବ୍ୟକ୍ତିଗତ ଭାବେ ଜଣାଇବେ।

# ସଂକ୍ରମଣ ବଢୁଛି : ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର,୬/୦୭ (ନି.ପ୍ର): ଚଳିତ ମାସ ଶେଷ ଯାଏଁ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସେ ଯାଏଁ ସତର୍କ ରହିବାକୁ ପଡ଼ିବ। ଯେହେତୁ ନିକଟରେ ବଡ଼ ଧରଣର କଂଗ୍ରିଗେସନ ହୋଇଥିଲା, କୋଭିଡ କିଛି ମାତ୍ରାରେ ବଢ଼ିପାରେ। ତେଣୁ ମାସ ଶେଷ ଯାଏଁ ସମସ୍ତେ ସତର୍କ ରହିବା ଉଚିତ ବୋଲି କୋଭିଡ ନେଇ ସତର୍କ କରାଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ସେ କହିଛନ୍ତି ଆମ ରାଜ୍ୟରେ ସଂକ୍ରମଣ ବଢ଼ିଛି । କିନ୍ତୁ ଅଧିକ ବଢୁନି ।୩/୪ ଦିନ ହେଲା ଦୈନିକ ସଂକ୍ରମଣ ୩୦୦ ପାଖାପାଖି ରହୁଛି। କିନ୍ତୁ ଚିନ୍ତା କଲା ଭଳି କିଛି ନାହିଁ। ସଂଖ୍ୟା ବଢୁଥିଲେ ମଧ୍ୟ ହସ୍ପିଟାଲାଇଜେସନ ରେଟ ବହୁତ କମ୍ ଅଛି। ଲକ୍ଷଣଯୁକ୍ତ ରୋଗୀଙ୍କ ସଂଖ୍ୟା ବହୁତ କମ୍। କୋଭିଡ ମୁକାବିଲା ନେଇ ପୂର୍ବରୁ ଯେଉଁ ସବୁ ବ୍ୟବସ୍ଥା ହୋଇଥିଲା, ସବୁ ଷ୍ଟାଣ୍ଡବାଏ ମୋଡରେ ରହିଛି। ଭେଂଟିଲେଟର ଅଛି, ବେଡ ବି ଅଛି। ଯଦି ୫୦ ପ୍ରତିଶତ ଭିତିଭୂମି ପୂରଣ ହୋଇଯିବ, ପୁଣି ଭିତିଭୂମି ବଢ଼ାଯିବ। ତେବେ ସାରା ଦେଶରେ କୋଭିଡ ସଂକ୍ରମଣ କମୁଛି। ମହାରାଷ୍ଟ୍ରରେ ସଂକ୍ରମଣ ବହୁତ କମିଲାଣି, ଦିଲ୍ଲୀରେ ଖସିଗଲାଣି। ଯେଉଁ ରାଜ୍ୟରେ ବଢୁଥିଲା, ଏବେ ସେଠି ଖସୁଛି, ବା ପ୍ଲାଟୋ ଅଛି। ତେଣୁ କୋଭିଡକୁ ନେଇ ଭୟଭୀତ ହେବାର କିଛି ନାହିଁ।

# *ରୁଚିକା ମହାନ୍ତି ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କଲା ଯୁବ ମୋର୍ଚ୍ଚା*

ସମ୍ବଲପୁର/ଭୁବନେଶ୍ୱର,୬/୦୭ (ନି.ପ୍ର): ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତି ରାଗିଂ ସହ୍ୟ କରିନପାରି ଗତ ଶନିବାର ଦିନ ଆତ୍ମହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ। ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ କହିଛନ୍ତି ଯେ, ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଏହାକୁ ରୋକିବା ପାଇଁ କୌଣସି ଦୃଢ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ରାଜ୍ୟ ସରକାର । କିଛି ଦିନ ତଳେ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ର୍‍ୟାଗିଂ କାରଣରୁ ହୋଇଥିଲା ଏବଂ ପର୍ଯ୍ୟାପ୍ତ ପ୍ରମାଣ ଥାଇ ମଧ୍ୟ ଦୁଇ ମୃତ ଛାତ୍ର ପରିବାରକୁ ଏପର୍ଯ୍ୟନ୍ତ ନ୍ୟାୟ ମିଳି ପାରିଲାନାହିଁ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲିଥିବା ର୍‍ୟାଗିଂ ମୃତ୍ୟୁ ଘଟଣାରେ "ଆଇନ ତା ବାଟରେ ଯିବ" କହି ବୁଲୁଥିବା ଓଡିଶାର ମୁଖ୍ୟମନ୍ତ୍ରୀ କାହିଁକି ଏବିଷୟକୁ ନିଜେ ହସ୍ତକ୍ଷେପ କରୁନାହାଁନ୍ତି ତାହା ଛାତ୍ର ମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡ. ଆର୍.କେ.ରାଘବାନ୍‌ଙ୍କ ନେତୃତ୍ୱରେ ଗଠନ ହୋଇଥିବା "କମିଟି ଅନ୍ ରାଗିଙ୍ଗ୍ ସଜେସନ୍ସ୍", ଯାହା ୨୦୦୭ ମସିହାରୁ ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇସାରିଛି, ତାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଗତକାଲି ବିଧାନସଭାରେ ଭାରତୀୟ ଜନତା ପାର୍ଟିର ବିଧାୟକ ସଦସ୍ୟକରଣ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ସିବିଆଇ ତଦନ୍ତ ଦାବୀ କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରନ୍ତୁ ନହେଲେ ଭାରତୀୟ ଜନତା ଯୁବମୋର୍ଚ୍ଚା ଏହାକୁ ତୀବ୍ର ପ୍ରତିବାଦ କରିବ। ଓଡିଶାରେ ତୁରନ୍ତ ରାଜ୍ୟ ସ୍ତରୀୟ ଆଂଟି ରାଗିଂ ଟାସ୍କ ଫୋର୍ସ ଗଠନ କରିବା ସହିତ ଶିକ୍ଷାନୁଷ୍ଠାନମାନଙ୍କରେ ର୍‍ୟାଗିଂ ନିରାକରଣ ପାଇଁ ସରକାର ତୁରନ୍ତ ଅଧିନିୟମ ଆଣିବାକୁ ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି ।

# ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ଏସ୍.ଏଫ୍.ଆଇ. ଓ ଡିଓ୍ୱାଇଏଫ୍ଆଇ ପକ୍ଷରୁ ପ୍ରତିବାଦ

ଭୁବନେଶ୍ୱର,୬/୦୭ (ନି.ପ୍ର): ରାଗିଂରେ ମୃତ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତିଙ୍କ ମୃତ୍ୟୁ ପାଇଁ ଦାୟୀ ଅଭିଯୁକ୍ତ ୩ ଛାତ୍ରୀଙ୍କୁ ଅବିଳମ୍ବେ ଗିରଫ, ଶିକ୍ଷାନୁଷ୍ଠାନ ଗୁଡିକୁ ରାଗିଂ ମୁକ୍ତ କରିବା ପାଇଁ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରିବା, ବିଜେବି ମହାବିଦ୍ୟାଳୟ ଅଧକ୍ଷ ଓ ହଷ୍ଟେଲ ସୁପରିଟେଣ୍ଡେଂଟଙ୍କ ଉପରେ କାର୍ଯ୍ୟାନୁଷ୍ଠା, ଜଷ୍ଟିସ ପଶାୟତଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ଆଦି ଦାବୀ କରି ଭାରତର ଛାତ୍ର ଫେଡେରେସନ (ଏସ୍.ଏଫ୍.ଆଇ.) ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡି.ୱାଇ.ଏଫ୍.ଆଇ) ପକ୍ଷରୁ ମାଷ୍ଟର କ୍ୟାଂଟିନ ଠାରେ ଡିଓ୍ୱାଇଏଫ୍ଆଇର ସଭାପତି ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଡିଓ୍ୱାଇଏଫଆଇ ର ରାହଥ ସମ୍ପାଦକ ଯତୀନ୍ ମହାନ୍ତି, ଏସ୍ଏଫ୍ଆଇ ର ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ବିକାଶ ନାଥ, ଛାତ୍ର ନେତା ଷ୍ଟାଲିନ୍ ଲେଙ୍କା, ସ୍ମୃତି ସୁରଞ୍ଜିକ ଜେନା, ରାଜ କୁମାର ରଇତ, ଦାମ ଡିବା, ବିରାଧ ସିଂହ, ଅନନ୍ତ ମଙ୍ଗରାଜ, ଶଇଦ ଅନୱାର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଥିଲେ ।

# ରାଜ୍ୟରେ ବଢ଼ିଲା କରୋନା, ୨୪ ଘଣ୍ଟା ମଧ୍ୟରେ ୪୦୧ ନୂଆ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୬/୦୭ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଆଜି ପୁଣି ବଢ଼ିଛି। ଗତ ୮ଦିନ ହେଲା ଦେକ୍ଷନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁନଥିବା ବେଳେ ବୁଧବାର ଦିନ ୪୦୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୬୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୪୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୧ଟି ଜିଲ୍ଲାରୁ ୪୦୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୯ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯୪ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲାରୁ ୧୭ ଜଣ, ଭଦ୍ରକରୁ ୨, କଟକରୁ ୬୪, ଗଜପତିରୁ ୬, ଗଞ୍ଜାମରୁ ୨, ଗଜପତିସିଂହପୁରରୁ ୫, ଯାଜପୁରରୁ ୪, ଝାରସୁଗୁଡ଼ାରୁ ୩, କଳାହାଣ୍ଡିରୁ ୨, କେନ୍ଦ୍ରାପଡ଼ାରୁ ୩, କୋଟାପୁଟରୁ ଜଣେ, ମାଲଗାନଗିରିରୁ ଜଣେ, ମୟୂରଭଞ୍ଜରୁ ୬, ନୟାଗଡ଼ରୁ ୪, ନୂଆପଡ଼ାରୁ ଜଣେ, ପୁରୀରୁ ୧୪, ରାୟଗଡ଼ାରୁ ଜଣେ, ସମ୍ବଲପୁରରୁ ୫ ଜଣ, ସୋନପୁରରୁ ଜଣେ, ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟ୍‌ପୁଲରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ଆକ୍ରାନ୍ତ



ସଂଖ୍ୟା ୧୨୯୧୫୧୮ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୩୯ ଜଣ ସୁସ୍ଥ ହୋଇଥିବା ବେଳେ ଏବେ ସୁଦ୍ଧା ରାଜ୍ୟରେ ସୁସ୍ଥ ହୋଇ ସାରିଲେଣି ସମୁଦାୟ ୧୨୮୦୩୮୨ ଜଣ। ଏବେ ବି ସକ୍ରିୟ ଅଛନ୍ତି ୧୯୫୭ ଜଣ।

# ପୁରୀ ଷ୍ଟେସନ କାର୍ଯ୍ୟ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୬/୦୭ (ନି.ପ୍ର): ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟେସନରେ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଶ୍ଚିତ କରିଛନ୍ତି। ବର୍ତ୍ତମାନ ଉଭୟ ପ୍ରକଳ୍ପ ପାଇଁ ଟେଣ୍ଡର କାର୍ଯ୍ୟ ସମ୍ପାଦନ ହୋଇସାରିଛି। ଜୁନ୍ ଶେଷ ସପ୍ତାହରେ ପୁରୀ ପ୍ରକଳ୍ପ ପାଇଁ ଟେଣ୍ଡର ଖୋଲାଯାଇଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଅନ୍ୟାନ୍ୟ ନୂତନ ପ୍ରକଳ୍ପ, ଦୋହରୀକରଣ ଓ ତୃତୀୟ ଲାଇନ କାର୍ଯ୍ୟ ଶୀଘ୍ର କରିବାକୁ ପ୍ରାଥମିକତା ଦିଆଯାଉଛି। ଓଡ଼ିଶାବାସୀଙ୍କ ଆକାଂକ୍ଷା ପୂରଣ କରିବାକୁ ରେଳବାଇ ପ୍ରତିଶ୍ରୁତିବଦ୍ଧ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

ରଥ ଯାତ୍ରା ପାଇଁ ୨୦୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଅନେକ ସୁବିଧା ଯୋଗାଇ ଦିଆଯାଇଛି। ଏଥି ମଧ୍ୟରେ ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ଫାଷ୍ଟଏଡ ସୁବିଧା, ଅତିରିକ୍ତ ଟିକେଟ୍ କାଉଂଟର ଆଦି ରହିଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଷ୍ଟେସନ ଅଞ୍ଚଳରେ ଶହେରୁ ଅଧିକ ସିସିଟିଭି କ୍ୟାମେରା, ଡ୍ରୋନ୍ କ୍ୟାମେରା, ୬୦୦ରୁ ଅଧିକ ଆରପିଏଫ୍ କର୍ମଚାରୀ ଓ ୨୦୦ ରେଳ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ରେଳ ଯାତ୍ରୀଙ୍କ ସୁବିଧା ପାଇଁ ୪୦ରୁ ଅଧିକ ଟିକେଟ୍ ବୁକିଂ କାଉଣ୍ଟର, ୧୦ଟି ଅଣ ସଂରକ୍ଷିତ ଟିକେଟ୍ ପ୍ରଣାଳୀ, ହ୍ୟାଣ୍ଡ-ହେଲ୍ଡ କାଉଣ୍ଟର ଏବଂ ଅନେକ ମୋବାଇଲ୍ କାଉଣ୍ଟର ବ୍ୟବସ୍ଥା କରାଯାଇଛି।

ପ୍ରଥମଥର ପାଇଁ ସଡ଼କ ଯାନରେ ରେଳ ଟିକେଟ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ୧୫ ହଜାର ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ରାମଗାର, ୫୦ ହଜାର ଗରିବ ତୀର୍ଥଯାତ୍ରୀଙ୍କ ଲାଗି ରେଳପଥ ପକ୍ଷରୁ ମାଗଣା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଉନ୍ନତ ଆରାମଦାୟକ ଯାତ୍ରା ଯୋଗାଇବା ପାଇଁ ଟ୍ରେନ ଗୁଡିକରେ ରାଜଧାନୀ ଏକ୍ସପ୍ରେସ କୋଚ ଭଳି ସୁବିଧା ଯୋଗାଇ ଦେବାକୁ ରେଳମନ୍ତ୍ରୀ ଯେଉଁ ଘୋଷଣା କରିଥିଲେ ତାହା ପୂରଣ ହୋଇଛି। ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସ, ପୁରୀ-ହଟିଆ ତାପସ୍ୱିନୀ ଏକ୍ସପ୍ରେସ, ବିଶାଖାପାଟଣା-କିରାଣ୍ଡୁଲ୍ ଏକ୍ସପ୍ରେସ, ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ଓ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଟ୍ରେନଗୁଡ଼ିକରେ ଏହି ସୁବିଧା ଉପଲବ୍ଧ ହୋଇଛି।

# ଓଡିଶା ଜନସାଧାରଣଙ୍କ ଉଚ୍ଚାକାଂକ୍ଷ୍ୟା ପ୍ରତି ପ୍ରତିଶୃତିବଦ୍ଧ : ରେଳ ମନ୍ତ୍ରୀ

ଭୁବନେଶ୍ୱର,୬/୦୭ (ନି.ପ୍ର): ଭାରତୀୟ ରେଳ ଦେଶର ଜୀବନ ରେଖା ଏବଂ ଏହା ରାଷ୍ଟ୍ରର ସାମଗ୍ରିକ ବିକାଶ ଦିଗରେ ପ୍ରତିବଦ୍ଧ । ଭାରତୀୟ ରେଳବାଇ ମଧ୍ୟ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଧାରା ଅଟେ । ରେଳବାଇ କେବଳ ଏହାର ଅଞ୍ଚଳ ଉପରେ ଭିତ୍ତିଭୂମି ବିକାଶ କରୁନାହିଁ ବରଂ ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ମଧ୍ୟ ଉନ୍ନତ କରୁଛି । ଦେଶର ପୂର୍ବ ତଟରେ ବିଶେଷ ଭାବରେ ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯାଉଥିବାବେଳେ ଓଡିଶାବାସୀଙ୍କ ଆକାଂକ୍ଷା ପୂରଣ କରିବାକୁ ରେଳବାଇ ପ୍ରତିଶ୍ରୁତିବଦ୍ଧ ବୋଲି ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।

ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟତୀତ ଶ୍ରୀ ବୈଷ୍ଣବ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ଯାତ୍ରୀମାନଙ୍କୁ ସର୍ବଦା ସର୍ବୋତ୍ତମ ସେବା ଯୋଗାଇବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଦ୍ୱାରା ଅନେକ ସୁବିଧା ଯୋଗାଇ ଦିଆଯାଇଛି । ଯାତ୍ରୀଙ୍କ ସୁରକ୍ଷା ପାଇଁ ଷ୍ଟେସନ ଅଞ୍ଚଳରେ ୧୦୦ ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି। ଏହା ବ୍ୟତୀତ ସୁରକ୍ଷା ବ୍ୟବସ୍ଥାର ଉତ୍ତମ ପରିଚାଳନା ପାଇଁ ଡ୍ରୋନ୍ କ୍ୟାମେରା ମଧ୍ୟ ବ୍ୟବହାର କରାଯାଉଛି । ତୀର୍ଥଯାତ୍ରୀମାନଙ୍କୁ ସୁରକ୍ଷା ଏବଂ ମାର୍ଗଦର୍ଶନ ଯୋଗାଇବା ପାଇଁ ରେଳବାଇ ୬୦୦ ରୁ ଅଧିକ ଆରପିଏଫ କର୍ମଚାରୀ ଏବଂ ୨୦୦ ରେଳ ସ୍ୱେଚ୍ଛାସେବୀ ନିୟୋଜିତ କରିଛି । ରେଳ ଯାତ୍ରୀଙ୍କ ସୁବିଧା ପାଇଁ ୪୦ ରୁ ଅଧିକ ଟିକେଟ୍ ବୁକିଂ କାଉଣ୍ଟର, ୧୦ ଟି ଅଣ ସଂରକ୍ଷିତ ଟିକେଟ ପ୍ରଣାଳୀ, ହ୍ୟାଣ୍ଡ-ହେଲ୍ଡ କାଉଣ୍ଟର ଏବଂ ଅନେକ ମୋବାଇଲ୍ କାଉଣ୍ଟର ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ ସଡକ ଯାନରେ ରେଳ ଟିକେଟ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।

ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ନିର୍ଦ୍ଦେଶ ଅନୁଯାୟୀ ରେଳବାଇ ଦ୍ୱାରା ୧୫,୦୦୦ ତୀର୍ଥଯାତ୍ରୀଙ୍କ ବିଶ୍ରାମ ପାଇଁ ବିଶାଳ ଆଚ୍ଛାଦିତ ସ୍ଥାନ ବ୍ୟବସ୍ଥା କରାଯାଇଥିବାବେଳେ ଖାଦ୍ୟ କୋର୍ଟ, ପାନୀୟ ଜଳ ଟ୍ୟାପ୍ ଏବଂ ସୌଚାଳୟ ସୁବିଧା ଇତ୍ୟାଦି ବ୍ୟବସ୍ଥା କରାଯାଇଅଛି । ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ପାଇଁ ବ୍ୟାଟେରୀ ଚାଳିତ କାର ବ୍ୟବସ୍ଥା କାରାଯାଇଛି ଏବଂ ପ୍ରାୟ ୫୦,୦୦୦ ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ରେଳବାଇ ପକ୍ଷରୁ ମାଗଣା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କୁ ଉନ୍ନତ ଆରାମଦାୟକ ଯାତ୍ରା ଯୋଗାଇବା ପାଇଁ ଶ୍ରୀ ବୈଷ୍ଣବ ଏହି ଅଞ୍ଚଳର ଟ୍ରେନ ଗୁଡିକରେ ରାଜଧାନୀ ଏକ୍ସପ୍ରେସ କୋଚ ଭଳି ସୁବିଧା ଯୋଗାଇ ଦେବାକୁ ଘୋଷଣା କରିଥିଲେ । ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସ, ପୁରୀ-ହଟିଆ ତାପସ୍ୱିନୀ ଏକ୍ସପ୍ରେସ, ବିଶାଖାପାଟନମ୍-କିରାଣ୍ଡୁଲ ଏକ୍ସପ୍ରେସ, ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଟ୍ରେନ ମାନଙ୍କରେ ଗତ କିଛିଦିନ ମଧ୍ୟରେ ଏହି ସୁବିଧା ଯୋଗାଇ ଦିଆଯାଇଅଛି । ଏହା ଅଗ୍ନି ନିରାପତ୍ତା, ସ୍ୱଳ୍ପ ରକ୍ଷଣାବେକ୍ଷଣ, ଅଧିକ ଯାତ୍ରୀ ପରିବହନ କ୍ଷମତା, ନିରାପଦ ତଥା ଆରାମଦାୟକ କୋଚଗୁଡ଼ିକ ବହୁତ କମ ସମୟ ମଧ୍ୟରେ ଯୋଗାଇ ଦିଆଯାଇଅଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ତତ୍ୱାବଧାନରେ ଓଡିଶାର ପ୍ରମୁଖ ତଥା ସାର୍ବଜନୀନ ରେଳ ପ୍ରକଳ୍ପଗୁଡିକୁ ସର୍ବୋଚ୍ଚ ସ୍ତରରେ ନଜର ରଖାଯାଉଛି ଏବଂ ଏହାର ପରିଚାଳନା କରାଯାଉଅଛି । ଜମି ଅଧିଗ୍ରହଣ, ବିଭିନ୍ନ ବିଭାଗର ଜମି ମଞ୍ଜୁରୀ ପାଇଁ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହିତ ନିୟମିତ ସମ୍ପର୍କ ରଖିବାକୁ ଶ୍ରୀ ବୈଷ୍ଣବ ନିର୍ଦ୍ଦେଶ ଦେଇଛନ୍ତି; ଯାହାଦ୍ୱାରା ଚାଲୁରହିଥିବା ପ୍ରକଳ୍ପଗୁଡ଼ିକ ଶୀଘ୍ର ସମାପ୍ତ ହୋଇପାରିବ । ଫଳସ୍ୱରୂପ, ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଲାଇନର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇଚାଲିଛି । ଏହା ସହିତ ଅନ୍ୟ ନୂତନ ପ୍ରକଳ୍ପ, ଦୋହରୀକରଣ ଓ ତୃତୀୟ ଲାଇନ କାର୍ଯ୍ୟ ଶୀଘ୍ର ସମ୍ପାଦନ ପାଇଁ ପ୍ରାଥମିକତା ଦିଆଯାଇଛି।

ଭୁବନେଶ୍ୱର ଏବଂ ପୁରୀ ରେଳ ଷ୍ଟେସନରେ ବିଶ୍ୱସ୍ତରୀୟ ସୁବିଧା ଏବଂ ଢାଞ୍ଚା ଯୋଗାଇବାକୁ ଶ୍ରୀ ବୈଷ୍ଣବ ନିଶ୍ଚିତ କରିଛନ୍ତି । ବର୍ତ୍ତମାନ ଉଭୟ ପ୍ରକଳ୍ପ ପାଇଁ ଟେଣ୍ଡର କାର୍ଯ୍ୟ ସମ୍ପାଦନ ହୋଇସାରିଛି ଏବଂ ଜୁନ୍ ଶେଷ ସପ୍ତାହରେ ପୁରୀ ପ୍ରକଳ୍ପ ପାଇଁ ଟେଣ୍ଡର ଖୋଲା ଯାଇଛି ଏବଂ ଖୁବ୍ ଶୀଘ୍ର ଏହାର ନିର୍ମାଣ ପାଇଁ କାର୍ଯ୍ୟକାରୀ କରାଯିବ ।

## ଏକା ତୋ ଭକତ ଜୀବନ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ରାଜା ପ୍ରତାପ ରୁଦ୍ରଙ୍କୁ ସ୍ୱପ୍ନାଦେଶ ହେଲା; ଯେଉଁମାନେ ମୋ ଭକ୍ତକୁ ଏତାଦୃଶ ଦଣ୍ଡ ଦେଇଛନ୍ତି, ସେମାନଙ୍କୁ ଖୋଜି ବାହାର କର। ମୋ ଭକ୍ତର ଶରଣ ନିଅ। ତା' ହେଲେ ରଥ ଚାଲିବ। ତାହାହିଁ ହେଲା। ଘୋଷଯାତ୍ରା ଜଗନ୍ନାଥଙ୍କର ରଥଯାତ୍ରା ନୁହେଁ, ଏକ ଘୋଷଣାର ଯାତ୍ରା। ଏହା ଭକ୍ତର ଜୟଯାତ୍ରାକୁ ସୂଚିତ କରାଏ। ଭକ୍ତ, ଭକ୍ତି ଓ ଭଗବାନଙ୍କର ଏହାହିଁ ଏକ ଅପୂର୍ବ ମିଳନ। ଏଥିରେ ଠାକୁରଙ୍କର ଯେତିକି ପ୍ରତିଷ୍ଠା ନଥାଏ ତହିଁରୁ ଅଧିକ ପ୍ରତିଷ୍ଠିତ ଥାଆନ୍ତି ଭକ୍ତ। ଏଠାରେ ଭଗବାନ ନୁହଁନ୍ତି, ଭକ୍ତ ବଡ଼। ଅନ୍ୟପକ୍ଷରେ ଏ ଯାତ୍ରାରେ ଉଭୟ ଭକ୍ତ ଓ ଭଗବାନଭକ୍ତର ମହତ୍ତ୍ୱ ପ୍ରତିପାଦିତ ହୋଇଛି। ଘୋଷଯାତ୍ରାର ସମସ୍ତ ଘୋଷଣା କେବଳ ଭକ୍ତପାଇଁ। ସାଲବେଗଙ୍କ ପାଇଁ ନନ୍ଦିଘୋଷ ଅଟକିବା ଠାରୁ ବଳରାମ ଦାଶଙ୍କ ବାଲିରଥ ଯାଏଁ ଯାହା ଯାହା ଘଟିଯାଏ ସବୁରି ନାୟକ ପ୍ରଭୁ ଜଗନ୍ନାଥ। ତାଙ୍କୁ ତୁମେ କାଠ କୁହ ବା ଜଡ଼ କୁହ; ସେ ଜଡ଼ ଭିତରେ ପୂର୍ଣ୍ଣବ୍ରହ୍ମ ମହାପ୍ରଭୁ ଜଗତର ନାଥ। ଜଗତର ଦୁଃଖ ତାରଣ ତଥା ଭକ୍ତର ମନୋବାଞ୍ଛା ପୂରଣ ନିମନ୍ତେ ତାଙ୍କ ଦର୍ଶନକୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡ।

ଏ ରଥଯାତ୍ରା ଖାଲି ହିନ୍ଦୁପାଇଁ ନୁହେଁ ସମଗ୍ର ମାନବଜାତି ପାଇଁ ଏକମାତ୍ର ମୁକ୍ତିର ମନ୍ତ୍ର ବା ପଥ। ଏଥିପାଇଁ କୁହାଯାଉଛି : ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ॥ ପୁନଶ୍ଚ କୁହାଯାଇଛି ଯେ ବଡ଼ ଦେଉଳରେ ଚତୁର୍ଦ୍ଧା ମୂର୍ତ୍ତିକୁ ଦଶହଜାର ଦିନ ଦର୍ଶନ କଲେ ଯାହା, ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ, ତାହା ବା ସମାନ ପୁଣ୍ୟ ଫଳ ମିଳିଥାଏ।

"ନୀଳାଦ୍ରୌ ଦଶସହସ୍ରାଣି ଆଡ଼ପମଣ୍ଡପେ ଦିନେ।"

ଉପରୋକ୍ତ ଦୁଇଟି କଥାରୁ ଗୋଟିଏ କଥା ସତ୍ୟ ଯେ ଜଗନ୍ନାଥ ଦର୍ଶନରେ ପୁଣ୍ୟ ଫଳ ମିଳେ; କିନ୍ତୁ ରଥ ଉପରେ ଶ୍ରୀ ଜଗନ୍ନାଥଙ୍କର ଦର୍ଶନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏ ଦର୍ଶନରେ ପୁନଜନ୍ମ ନାହିଁ; ନିର୍ବାଣ ଅଛି। ଏଇଥିପାଇଁ ରଥଯାତ୍ରା ବିଶ୍ୱପ୍ରସିଦ୍ଧ॥

ରଥଯାତ୍ରା ପ୍ରଗତିର ପ୍ରତୀକ, ଭାତୃତ୍ୱ, ପ୍ରେମ, ବନ୍ଧନ, ସଂହତି, ଶାନ୍ତି ଓ ବିଶ୍ୱମାନବବାଦର ଦ୍ୟୋତକ। ଏଠି ଅଛି ବିଭିନ୍ନତା ମଧ୍ୟରେ ଏକ ଐକ୍ୟଭାବ। ଅଭାବ ନୁହେଁ, ବିଭେଦ ନୁହେଁ, କେବଳ ଭାବ, ଭାବ ଓ ଭାବର ପରିବେଶ।

ଭକ୍ତାଧୀନ ଭଗବାନର ଏହା ଏକ ନିଚ୍ଛକ ଆଲେଖ୍ୟ ଏବଂ ରଥଯାତ୍ରା ହେଉଛି ତାହାର ମିଳନ ସାରଣୀ। ଏଇଥିପାଇଁ ସେବକ ରଥରୁ ଡାକଛାଡ଼େ

ହୋ ଭକତେ,/ ରଥ ଯାଏ ଗଡ଼ି ଗଡ଼ି / କର ରଥେ ନମସ୍କାର,/ ଚକେ ନମସ୍କାର,/ ପାତକ ଯିବ ତୋ ଛାଡ଼ିରେ॥୦॥

ରଥ ଚକ ଭିଡ଼ା ଭିଡି ହୋ ଭକତେ/ ଦଉଡ଼ି ଧରିଥା ଭିଡ଼ି/ ରଥ ସିଂହାସନେ କାଳିଆ ହସୁଛି/ ସିଏ ଭକତେ ଡାକୁଛି ଠାରିରେ

ଜଣା ତାରେ ଗୁହାରୀ /ତୋତେ ସଂସାରୁ କରିବ ପାରିରେ॥/ ଭକ୍ତ ଓ ଭଗବାନଙ୍କର ଅନାବିଳ ଓ ନିଗୁଢ଼ ସଂପର୍କର ପ୍ରତୀକ ହିଁ ଘୋଷଯାତ୍ରା।

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ,
ଦୂରଭାଷ : ୯୯୩୮୩୪୧୩୮

# ଖୋର୍ଦ୍ଧା ବିକାଶ ମଂଚ ଦ୍ୱାରା ବନମହୋତ୍ସବ ପାଳିତ




ଖୋର୍ଦ୍ଧା, ୦୫/୦୭ (ନି.ପ୍ର): ଆଜି ଖୋର୍ଦ୍ଧା ବିକାଶ ମଂଚ ଦ୍ୱାରା ସ୍ଥାନୀୟ ଭାଲିଆବାଡି ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହେବା ଅବସରରେ ବୃକ୍ଷରୋପଣ କରାଯାଇଥିଲା। ବିକାଶ ମଂଚର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସମ୍ପାଦକ ପ୍ରକାଶ ଦାସଙ୍କ ଆହ୍ୱାନ କ୍ରମେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖୋରଧାର ପୌରାଧକ୍ଷା ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି କହିଲେ ବିଶ୍ୱ ପରିବେଶକୁ ସୁରକ୍ଷା ଦେବାପାଇଁ ହେଲେ ବନମହୋତ୍ସବକୁ ଏକ ଗଣ ପର୍ବରେ ପରିଣତ କରିବା ଆବଶ୍ୟକ। ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ ବିଜୟ ସାମନ୍ତସିଂହାର କହିଲେ ପ୍ରତ୍ୟେକ ଲୋକ ନିଜ ଜନ୍ମଦିନ, ବିବାହ, ବ୍ରତ ଇତ୍ୟାଦି ଦିନଗୁଡିକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇଲେ ଏହା ସମାଜ ଓ ପରିବେଶ ସୁରକ୍ଷା ପ୍ରତି ଏକ ମହତ ଅବଦାନ ହୋଇପାରିବ। ପ୍ରକାଶଥାଉକି, ବର୍ତ୍ତମାନ ସମଗ୍ର ବିଶ୍ୱବାସୀ ପରିବେଶର ସୁରକ୍ଷା ପାଇଁ ପ୍ରାଧାନ୍ୟତା ଦେଉଛନ୍ତି। ଆଜି ପରିବେଶ ଦୂଷିତ ହେଉଥିବାରୁ ଅଦିନିଆ ବର୍ଷା, ଝଡ, ତୋଫାନ, ସାମୁଦ୍ରିକ ଝଡ଼, ବନ୍ୟା, ବାତ୍ୟା, ବିଶ୍ୱତାପନ ଇତ୍ୟାଦି ଦୈବୀ-ଦୁର୍ବିପାକ ଫଳରେ ଅନେକ ଧନ ଜୀବନ ନଷ୍ଟ ହେଉଅଛି। ଆଜି ମିଳିତ ଜାତିସଂଘ ମଧ୍ୟ ବିଶ୍ୱବାସୀଙ୍କୁ ସତର୍କ କରିଦେଇଛି କେବଳ ବୃକ୍ଷ ରୋପଣ ଦ୍ୱାରା ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ସମାଧାନ କରାଯାଇପାରିବ। ଅନ୍ୟ ପକ୍ଷରେ ୧୯୫୦ ମସିହାରେ ଭାରତର ତତ୍‌କାଳୀନ କେନ୍ଦ୍ର କୃଷି ଓ ଖାଦ୍ୟ ବିଭାଗ ମନ୍ତ୍ରୀ ଶ୍ରୀ କେ.ଏମ୍. ମୁନ୍‌ସୀ ଭାରତରେ ବନ ମହୋତ୍ସବ ପାଳନ କରାଯିବାକୁ ଏକ ଅଭିନବ ପ୍ରସ୍ତାବ ଚିନ୍ତା କରିଥିଲେ। ଯାହାଫଳରେ ସେହିଦିନଠାରୁ ଭାରତବର୍ଷରେ ଜଙ୍ଗଲ ସୁରକ୍ଷା ଓ ଗଛ ଲଗାଇବା ପାଇଁ ସମସ୍ତଙ୍କ ମନରେ ଏକ ଆଗ୍ରହ ଜାତ ହୋଇପାରିଛି। ସେହିବର୍ଷଠାରୁ କେନ୍ଦ୍ର ସରକାରଙ୍କର ନିଷ୍ପତି ଅନୁଯାୟୀ ଜୁଲାଇ ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରରେ ବନ ମହୋତ୍ସବ ପାଳିତ ହୋଇଆସୁଅଛି। ଆଜିର ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓକିଲ ସଂଘର ଉପ ସଭାପତି ପ୍ରଭାତ ବେହେରା, ଡଃ. ଅମୀୟ ଜେନାମଣୀ, ବରିଷ୍ଠ ଆଇନ୍‌ଜୀବୀ ବିଜୟ ଛୋଟରାୟ, ନୃସିଂହ ମିଶ୍ର, ଡଃ. ବୃନ୍ଦାବନ ପଣ୍ଡା, ବିକ୍ରମ ଚମ୍ପତି, ନିରଞ୍ଜନ କର ଓ ସ୍ମିତା ମିଶ୍ର ଏବଂ ସମାଜସେବୀ ପ୍ରଭାତ ପରିଡା, ଲିଲି ଛୋଟରାୟ, ସଂଯୁକ୍ତା ରାମ୍, ମାମିନା ପ୍ରଧାନ, ସର୍ମିଷ୍ଠା ପଟ୍ଟନାୟକ, ସନ୍ଦୀପ ବୋଷ,ରୀତାଞ୍ଜଳୀ ବେହେରା, ଶୁଭଶ୍ରୀ ବେହେରା, ଗାୟତ୍ରୀ ବୋଷ, ଜୟନ୍ତୀ ସାହୁ, ସୁନୀଲ ପ୍ରଧାନ, ପ୍ରତିଶ ମାର୍ଥା, ମାମିନା ସାହାଣୀ, ଇତିଶ୍ରୀ ସାହୁ, ଗିରୀଜା ପଟ୍ଟନାୟକ, ବୀରବର ସିଂ ସାମନ୍ତ, ପ୍ରମୋଦ ସାହୁ, ରବି ସ୍ୱାଇଁ, ପ୍ରଶାନ୍ତ ଶ୍ରୀଚନ୍ଦନ, ଦେବାଶୀଷ ସେଠୀ, ସବିତା ଛୁଆଳ ସିଂ, ବିଜୟଲକ୍ଷ୍ମୀ ମଣ୍ଡଳ, ସୁକାନ୍ତ ପରମଗୁରୁ, ମନୋଜ ଦାଶ ଓ ଗଡଖୋରଧାର ମହାବୀର ଯୁବକ ସଂଘର ସଭ୍ୟମାନଙ୍କ ସହିତ ଅନେକ ସଚେତନ ନାଗରିକମାନେ ଅଂଶ ଗ୍ରହଣ କରିଥିଲେ।

## ଭୟଙ୍କର ବିଷଧର ତମ୍ପସାପ ଉଦ୍ଧାର

ନୀଳଗିରି,୦୬/୦୭ (ନି.ପ୍ର): ଏକ ଭୟଙ୍କର ବିଷଧର ଜଙ୍ଗଲୀ ତମ୍ପ ସାପକୁ ଜାଲ ଭିତରୁ ଉଦ୍ଧାର କରାଯାଇ ସ୍ଥାନୀୟ ଦେବଗିରି ପାହାଡ଼ର ଖୁମ୍‌କୁଟ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ କୁଳିଗଡ଼ି ଗ୍ରାମର ଜଗନ୍ନାଥ ସାମଲଙ୍କ ଘରବାଡ଼ିରେ ଖଞ୍ଜା ଯାଇଥିବା ଏକ ଜାଲରେ ଉକ୍ତ ସାପଟି ଲାଗି ରହିଥିଲା ବେଳେ ଭୟଙ୍ଗର ଗର୍ଜନ କରୁଥିଲା । ପରିବାର ଲୋକେ ସାପର ଭୟଙ୍କର ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ ମଧ୍ୟ ପହଂଚିବା ବିଳମ୍ବ ହେବାରୁ ସ୍ଥାନୀୟ ଅଂଚଳର ସାପଧରାଳି ତଥା ସମାଜସେବୀ ମନୋରଂଜନ ଦାସ ସାପଟିକୁ ଉଦ୍ଧାର କରି ଖୁମ୍‌କୁଟ ଜଙ୍ଗଲରେ ଛାଡ଼ି ଦେଇଥିବାର ସୂଚନା ମିଳିଛି ।

# ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ



ବାରିପଦା, ୦୬/୦୭ (ନି.ପ୍ର): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ମିଳିତ ତତ୍ତ୍ୱାବଧାନରେ ତା.୦୨.୦୭.୨୦୨୨ ରିଖ ଦିନ ଦୌଡକୁଦ ଓ ତା.୦୫.୦୭.୨୦୨୨ ରିଖ ଦିନ ଫୁଟବଲ ବିଭାଗର ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଚି । ତା.୦୨.୦୭.୨୦୨୨ ରିଖ ଦିନ ଦୌଡକୁଦ ବିଭାଗରେ ୪୮ ଜଣ ବାଳକ ଓ ୭ ଜଣ ବାଳିକା କ୍ରୀଡା ପ୍ରତିଭା ଯୋଗ ଦେଇଥିଲେ। ତା.୦୫.୦୭.୨୦୨୨ ରିଖ ଦିନ ଫୁଟବଲ ବିଭାଗ ନିମନ୍ତେ ୧୧୫ ଜଣ ବାଳକ ଓ ୫ଜଣ ବାଳିକା କ୍ରୀଡା ପ୍ରତିଭା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲାକ୍ରୀଡା ଅଧିକାରୀ, ଦୌଡକୁଦ ପ୍ରଶିକ୍ଷକ ଏବଂ ୫ ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସୂଚାରୁ ରୂପେ ଅନୁଷ୍ଠିତ ହୋଇଅଛି।

# ଗୋଟିଏ ଦିନରେ ୪୦୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୦୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୧୫୧୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୪୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୦୩୮୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୫୭ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨୩୬ ଜଣ ସଂଗରୋଧରୁ ଓ ୧୬୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୭, ଭଦ୍ରକ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୬୪. ଗଜପତି ଜିଲ୍ଲାରୁ ୬, ଗଂଜାମ ଜିଲ୍ଲାରୁ ୨, ଜଗତସିଂହପୁର ଜିଲ୍ଲାରେ ୫,ଯାଜପୁର ଜିଲ୍ଲାରେ ୪. କଳାହାଣ୍ଡି ଜିଲ୍ଲାରେ ୨, କେନ୍ଦ୍ରାପଡା ଜିଲ୍ଲାରୁ ୩, ଖୋର୍ଧା ଜିଲ୍ଲାରେ ୧୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ଜଳେଶ୍ୱର ହାଇସ୍କୁଲର ୨ ଛାତ୍ରୀ



ଜଳେଶ୍ୱର ୬/୭(ନି.ପ୍ର): ଆଜି ସଦ୍ୟପ୍ରକାଶିତ ମ୍ୟାଟ୍ରିକ୍ ପରୀକ୍ଷାରେ ରାଜ୍ୟର ଶୀର୍ଷ ୧୦ଜଣ ତାଲିକାରେ ଜଳେଶ୍ୱର ହାଇସ୍କୁଲର ୨ଜଣ ଛାତ୍ରୀ ସ୍ଥାନ ପାଇଥିବାରୁ ଜଳେଶ୍ୱରରେ ଆନନ୍ଦର ଲହରୀ ଖେଳିଛି। ଘଟଣାରୁ ପ୍ରକାଶ ସ୍ୱରୂପା ଜେନା ୫୯୪ ନମ୍ବର ରଖି ସମଗ୍ର ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ସେହି ବିଦ୍ୟାଳୟର ଏଲିନା ଗିରି ୫୯୩ ନମ୍ବର ରଖି ୪ର୍ଥ ସ୍ଥାନ ହାସଲ କରିଛନ୍ତି । ସ୍ୱରୂପା ଜେନାଙ୍କ ଘର ସୁଗୋ ଗ୍ରାମର ହୋଇଥିବା ବେଳେ ଏଲିନା ଗିରିଙ୍କ ଘର ପୌରପାଳିକାର ଚୁଡାମଣିପୁର ଗ୍ରାମର ବୋଲି ଜଣାଯାଇଛି । ସ୍ୱରାପା ଜେନାଙ୍କ ବାପାଙ୍କ ନାମ ପ୍ରଦୀପ ଜେନା ଓ ତାଙ୍କ ମା ଶିକ୍ଷକତା କରୁଥିବା ବେଳେ ସ୍ୱରୁପା ଜେନା ଦିନକୁ ୧୦ଘଣ୍ଟା ପରିଶ୍ରମ କରିଥିବା ସେ କହିଛନ୍ତି । କରୋନା ମହାମାରୀ ସମୟରେ ସେ ଅନ୍‌ଲାଇନ୍‌ରେ ଶିକ୍ଷାଲାଭ କରିଥିବା ସାମ୍ବାଦିକ ମାନଙ୍କୁ କହିଛନ୍ତି । ସେ ଗଣିତରେ ଶତପ୍ରତିଶତ ନମ୍ବର ପାଇବାକୁ ଆଶା ରଖିଥିବା ବେଳେ ୯୬ ନମ୍ବର ରଖିଥିବାରୁ ଦୁଃଖରେ ଭାଂଗି ପଡିଛନ୍ତି। ତାଙ୍କର ଏହି ସଫଳତା ଲାଗି ତାଙ୍କର ବାପା, ମା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ଆସନ୍ତା ଦିନରେ ଡକ୍ତର ହେବେ ବୋଲି ଇଚ୍ଛାପ୍ରକାଶ କରିଛନ୍ତି । ସେହିପରି ଏଲିନା ଗିରି ଜଣେ ଭିନ୍ନକ୍ଷମ ଛାତ୍ରୀ । ପିଲାଦିନେ ମିଳିମିଳା ରୋଗରେ ଆକ୍ରାନ୍ତ ହୋଇ ବାମ ଚକ୍ଷୁଟି ହରାଇଥିବା ବେଳେ ନିଜର ପାଠପଢାରେ ଅବହେଳା କରିନଥିଲେ। ତାଙ୍କ ବାପା ଅକ୍ଷୟ ଗିରି ଜଣେ ଚାଷୀ ହୋଇଥିବା ବେଳେ ମା ଜଣେ ଗୃହିଣୀ । କିନ୍ତୁ ଝିଅର ପାଠପଢା ଲାଗି ସମସ୍ତ ପ୍ରଚେଷ୍ଟା କରି ଆସୁଥିବାର ଏଲିନା କହିଛନ୍ତି। ଆସନ୍ତା ଦିନରେ ଡକ୍ତର ହେବେ ବୋଲି ଇଚ୍ଛାପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ଲାଗି ତାଙ୍କର ବାପା, ମା' ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

## ଚୋରା ମଦ ବନ୍ୟାରେ ଉବୁଟୁବୁ ଗାଁ ଯୁବଗୋଷ୍ଠୀ

ଲଙ୍ଗଳେଶ୍ୱର, ୦୬/୦୭ (ନି.ପ୍ର): ବାଲିଆପାଳ ବ୍ଲକର ବିଭିନ୍ନ ଗାଆଁ ଗହଳିରେ ଏବେ ଚୋରାରେ ଗଞ୍ଜେଇ, ଦେଶୀ, ବିଦେଶୀ ସହିତ ଅପମିଶ୍ରିତ ମଦ ପ୍ରଚୁର ପରିମାଣରେ ବିକ୍ରୀ ହେଉଛି। ଗାଆଁ ଦାଣ୍ଡରେ ଥିବା ଛୋଟ ବଡ଼ ଦୋକାନ ରେ ଏହି ସବୁ ମାଦକ ଦ୍ରବ୍ୟ ଦିବାଲୋକରେ ବିକ୍ରି ବଟା ହେଉଥିବା ନେଇ ଲୋକମାନେ ଅଭିଯୋଗ କରୁଛନ୍ତି। ଖୋଲୁମଖୋଲା ବିକ୍ରି ହେବାଫଳରେ ଗାଆଁ ରେ ଥିବା ଛୋଟ ପିଲା ଓ ଯୁବଗୋଷ୍ଠୀ ଏଥିରେ ପ୍ରଭାବିତ ହେଉଛନ୍ତି ଫଳରେ ପାରିବାରିକ ହିଂସା ବଢ଼ୁଛି। ଘଟଣା ରୁ ପ୍ରକାଶ କୁଣ୍ଡୁଳି ପଞ୍ଚାୟତର କୁଣ୍ଡୁଳି ଗ୍ରାମ ରେ ଥିବା ଛୋଟ ଛୋଟ ଦୋକାନ ରେ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ମଦ୍ୟପାନ କରୁଥିବା ଯୁବକ ମାନେ ନିଜର ହିତାହିତ ଜ୍ଞାନ ଭୁଲି ଗଲେଣି ମଦ ପିଇବା ପାଇଁ ଠାକୁରାଣୀ ମନ୍ଦିର ପିଠିରେ ସନ୍ଧ୍ୟାରେ ଭିଡ଼ ଲାଗୁଛି ଫଳରେ ସନ୍ଧ୍ୟା ସମୟରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ମାତ୍ର କୁଣ୍ଡୁଳି ଗ୍ରାମ ରେ ବେଆଇନ ଭାବରେ ଚାଲିଥିବା ମଦ କାରବାର କୁ ବନ୍ଦ ପାଇଁ ଗ୍ରାମବାସୀମାନେ ଅବକାରୀ ବିଭାଗ କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୦୬/୦୭ (ନି.ପ୍ର): ଶ୍ୟାମସୁନ୍ଦର ଗ୍ରାମ ପଂଚାୟତରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୨୯ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସମାଜସେବୀ ତଥା ବର୍ଷୀୟାନ କମ୍ୟୁନିଷ୍ଟ ନେତା କୈଳାସଚନ୍ଦ୍ର ପଣ୍ଡା ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଶିବିରକୁ ମନୋରଂଜନ ଦାସ, ଶ୍ୟାମସୁନ୍ଦରପୁର ପଂଚାୟତ ସରପଂଚ ପୁରସ୍ତମ ସେଠୀ, ପ୍ରଭାକର ପରିଡ଼ା ଲକ୍ଷ୍ମୀଧର ସ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ନୀଳଗିରି ରକ୍ତଭଣ୍ଡାରର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ ।

## ରାଜ୍ୟରେ ହାତୀ ମୃତ୍ୟୁ ବଢୁଥିବା ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର,୦୬/୦୭ (ନି.ପ୍ର): ରାଜ୍ୟରେ ହାତୀ ମାନଙ୍କର ମୃତ୍ୟୁ ସଂଖ୍ୟା ଲଗାତାର ବଢୁଥିବାରୁ ବିଧାନସଭାରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ହାତୀ ମାନଙ୍କୁ ରକ୍ଷା କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ଓଡିଶାରେ ଗଜରାଜ ମାନେ ଆଉ ସୁରକ୍ଷିତ ନାହାନ୍ତି । ଗତ ୨୨ ବର୍ଷର ବିଜେଡି ସରକାରରେ ହଜାର ହଜାର ହାତୀ ମୃତ୍ୟୁବରଣ କରିଛନ୍ତି। ୨୦୧୭ ମସିହାରେ କୁହା ଯାଇଥିଲା ରାଜ୍ୟରେ ମୋଟ ୧୯୭୬ ହାତୀ ଅଛନ୍ତି। ତେବେ ଗତ ତିନି ବର୍ଷରେ ରାଜ୍ୟରେ ମୋଟ ୨୪୫ଟି ହାତୀର ମୃତ୍ୟୁ ହୋଇଥିବା ସରକାର ନିଜେ କହିଛନ୍ତି। ହାତୀ ମାନଙ୍କୁ ମାରି ପୋତି ଦିଆ ଯାଉଛି। ପରବର୍ତୀ ସମୟରେ ସେମାନଙ୍କର କଂକାଳ ମିଳୁଛି। ସେହିପରି ଟ୍ରେନ ଦୁର୍ଘଟଣାରେ ମଧ୍ୟ ହାତୀଙ୍କର ମୃତ୍ୟୁ ଘଟିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସରିଲା ପ୍ରଥମ ପର୍ଯ୍ୟାୟ ଅଧିବେଶନ....

୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଉପସ୍ଥାପନ କରିବାବେଳେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭର୍ଚୁଆଲ ମୋଡରେ ସାମିଲ ହୋଇଥିଲେ । ଯଦିଓ ଗୃହରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରୁହନ୍ତୁ ବୋଲି ସର୍ବଦଳୀୟ ବୈଠକରେ କଂଗ୍ରେସ ପକ୍ଷରୁ ଦାବି ହୋଇଥିଲା । ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତ ସହ ପୁରୀକୁ ଗସ୍ତ କରିଥିଲେ ମଧ୍ୟ ଗୃହ କାର୍ଯ୍ୟରେ ସାମିଲ ହୋଇନାହାନ୍ତି। ଏପଟେ ବିରୋଧୀ ଦଳ ନେତା ଶ୍ରୀ ନାଏକ ଦୀର୍ଘଦିନ ଧରି ଅସୁସ୍ଥତା ଯୋଗୁ ଗୃହ କାର୍ଯ୍ୟରେ ସାମିଲ ହେଉନଥିଲେ। ବିଜେପି ତାଙ୍କ ସ୍ଥାନରେ ଆଉ କାହାରିକୁ ବିରୋଧୀ ଦଳ ନେତା ଚୟନ କରୁନଥିବାରୁ ଦୀର୍ଘ ୨ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପବ୍ଲିକ ଆକାଉଣ୍ଟସ୍ କମିଟି(ପିଏସି) ବୈଠକ ମଧ୍ୟ ବସି ପାରୁନି । ଚଳିତ ଅଧିବେଶନରେ ମଧ୍ୟ ବିଜେପି କାହାରିକୁ ବିଧାୟକ ଦଳ ନେତା ଚୟନ କରିନାହିଁ । ବିଧାନସଭା ଅଧିବେଶନ ସମୟରେ ଉଭୟ ଗୃହର ନେତା ଓ ବିରୋଧୀ ଦଳ ନେତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ଏହି ଦୁଇ ନେତା ଗୃହରେ ଅନୁପସ୍ଥିତ ରହିବା ତଥା କୌଣସି ବିଧାୟକଙ୍କୁ ସାକ୍ଷାତ ନକରିବା ପରୋକ୍ଷରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିଛି । ଯାହାର ପ୍ରତିଫଳନ ମଧ୍ୟ ଚଳିତ ବିଧାନସଭା ଅଧିବେଶନରେ ଦେଖିବାକୁ ମିଳିଛି । ଶାସକ ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭାଗିରଥୀ ସେଠୀ ଖୋଲାଖୋଲି ଭାବେ ସରକାରୀ ଅଫିସର ଓ ମନ୍ତ୍ରୀଙ୍କ କାର୍ଯ୍ୟକୁ ସମାଲୋଚନା କରି ନିଜ ସରକାରର ଅସଲ ମୁଖା ଖୋଲିଛନ୍ତି । ସାଧାରଣ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସବୁ ଦଳର ବିଧାୟକମାନଙ୍କ ପାଇଁ ସମ୍ଭବପର ହେଉନଥିବାବେଳେ ବିଧାନସଭା ଅଧିବେଶନ ସମୟରେ ବି ମୁଖ୍ୟମନ୍ତ୍ରୀ ଗୃହକୁ ନଆସିବା ପରୋକ୍ଷରେ ବିଧାୟକମାନଙ୍କ ପାଇଁ ଭେଟିବାର ଶେଷ ସୁଯୋଗକୁ ମଧ୍ୟ ବନ୍ଦ କରିଦେଇଛି । ଚଳିତ ଅଧିବେଶନରେ ବିରୋଧୀ ସଦସ୍ୟମାନେ କଲେଜ ଛାତ୍ରୀ ରୁଚିକା ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲେ ମଧ୍ୟ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିଛି । ଶନିବାର ଗୃହରେ ବଜେଟ୍ ଉପସ୍ଥାପନ ହୋଇଥିବାବେଳେ ଅନ୍ୟ ୩ଦିନ ଧରି ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଦ୍ୟୁତ ସଂସ୍କାର ଓ ଘନଘନ ପାୱାର କାଟ୍, ବେରୋଜଗାରୀ ସମସ୍ୟା ଓ ରାଜ୍ୟରେ ନିଶା କାରବାର ବୃଦ୍ଧିକୁ ଆସିଥିବା ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ମଧ୍ୟ ସମ୍ଭବପର ହୋଇଛି । ଗୃହରେ ବଜେଟର ସାଧାରଣ ଆଲୋଚନା ଆଜି ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବିଭାଗୱାରି ବଜେଟ୍ ଉପରେ ଆଲୋଚନା ହେବ । ଚଳିତ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ୨ଟି ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି । ପ୍ରଥମଟି ହେଲା ବୁକ ସର୍କୁଲାର-୪୭କୁ ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସଂସଦୀୟ ବ୍ୟାପାର ସଚିବଙ୍କୁ ଡାକି ତାହା ଅନୁଧ୍ୟାନ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦ୍ରୌପଦୀଙ୍କୁ ସମର୍ଥନ ପାଇଁ କଂଗ୍ରେସ ବିଧାୟକଙ୍କୁ ଭେଟିଲା ବିଜେଡି ଟିମ୍

ଭୁବନେଶ୍ୱର,୦୬/୦୭ (ନି.ପ୍ର): କଂଗ୍ରେସର ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜନ ଏକ୍କାଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟିଛନ୍ତି ବିଜେଡି ଟିମ୍ । ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ ବିଧାୟକ ରାଜକିଶୋର ଦାସ ପ୍ରମୁଖ କଂଗ୍ରେସ ବିଧାୟକଙ୍କୁ ଭେଟି ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ନିବେଦନ କରିଛନ୍ତି । ସେପଟେ ରାଜନ ଏକ୍କା କହିଛନ୍ତି କଂଗ୍ରେସର ନୀତି, ଆଦର୍ଶ ବିଜେପିଠାରୁ ଅଲଗା। କଂଗ୍ରେସ ଗାନ୍ଧୀ ଆଦର୍ଶରେ ଚାଲିଛି। ଯଶୱନ୍ତ ସିହ୍ନାଙ୍କୁ ଦଳ ବହୁ ଆଗରୁ ସମର୍ଥନ ଦେବ ବୋଲି କହିଛି। ତେଣୁ ଦ୍ରୌପଦୀଙ୍କୁ ସମର୍ଥନ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ରାଜନ ଏକ୍କା କହିଛନ୍ତି।

# କାଦମଉଦା ଗ୍ରାମରେ ବ୍ରହ୍ମଯଜ୍ଞ



ବାଲେଶ୍ୱର,୦୬/୦୭ (ନି.ପ୍ର): ପବିତ୍ର ଶୁଭ ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶରେ, କାଦମଉଦା ଗ୍ରାମସ୍ଥିତ ମୁନି ନାରାୟଣ ମହାପାତ୍ରଙ୍କ ବାସଭବନରେ,ତାଙ୍କ ପରମ ପୂଜ୍ୟପିତୃଦେବ, ପୂଣ୍ୟାତ୍ମା ମହାତ୍ମା ଦିବଙ୍ଗତ କହ୍ନେଇ ଚରଣ ମହାପାତ୍ରଙ୍କ ପଞ୍ଚମ ଶ୍ରଦ୍ଧାଞ୍ଜଳୀ ଦିବସ ପାଳନ ସହିତ ସାତଦିନବ୍ୟାପି ଭାଗବତର ମର୍ମର ତାତ୍ତ୍ୱିକ ବିଶ୍ଲେଷଣ ଉପରେ ଆଲୋଚନାର ଚତୁର୍ଥ ଦିବସରେ, ପରମପ୍ରିୟ ପରମସାଧକ ସୁସାହିତ୍ୟିକ ଭଗବତାଚାର୍ଯ୍ୟ ଆତ୍ମଜ୍ଞାନୀ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସନ୍ଥ ଯୋଗୀ ଦାମୋଦର ମୁନି ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରି, ଉପସ୍ଥିତ ଯୋଗ ଶିକ୍ଷକବୃନ୍ଦ, ଯୋଗଶିକ୍ଷିକା, ମୁନିରାଜ-ମୁନିରାଜ୍ଞୀ, ମୁନି-ମୁନିମତୀ, ମୁନି କୁମାର-ମୁନି କୁମାରୀ, ଜୀଜ୍ଞାସୁ ଜନାର୍ଦ୍ଦନ, ପରିବାରର ସଦସ୍ୟ-ସଦସ୍ୟା, ବନ୍ଧୁ-ବାନ୍ଧବ ଆଦି ସମସ୍ତଙ୍କୁ, ଭାଗବତରେ ଆତ୍ମଜ୍ଞାନାମୃତରସରେ ଉପସ୍ଥିତ ସମସ୍ତଙ୍କୁ ଦୀର୍ଘ ୧-୩୦ମିନିଟ ଧରି ମଜାଇ ଦେଇ ପାରିଥିଲେ । ମଞ୍ଚାସୀନ ଥିଲେ ତାଙ୍କର ସୁପୁତ୍ର ବେଦବିତ୍ ଆତ୍ମଜ୍ଞାନୀ ଯୋଗୀ ଅରୁଣ କୁମାର ଏବଂ ମାତା ସିଦ୍ଧ-ସାଧିକା ମୁନିରାଜ୍ଞୀ ରେଣୁକାମଣୀ ଦେବୀ ମଞ୍ଚାସୀନ ଥିଲେ, ହାତିଆଡିହା ଯୋଗାଶ୍ରମ କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି, ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା, କଣ୍ଡଶୀଙ୍କୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନି ମତୀ ଶକୁନ୍ତଳା ପରିଡ଼ା, ମେଘମାଳା ଜେନା ଇତ୍ୟାଦି ବହୁ ସଦସ୍ୟ ସଦସ୍ୟା ମାନେ ଏବଂ ପରିବାରର ସଦସ୍ୟ ସଦସ୍ୟାମାନେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା ଓ ଶାନ୍ତି ପାଠ କରାଯାଇଥିଲା । ଶେଷରେ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ସର୍ବଶେଷରେ ମୁନି ନାରାୟଣ ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିଥିଲେ ।

# ଦୁର୍ବୃତ୍ତ ଝାମ୍ପି ନେଲା ୧ଲକ୍ଷ ୮୦ହଜାର ଟଙ୍କା : ପୁଲିସ୍‌ର ତଦନ୍ତ ଜାରି

ଜଳେଶ୍ୱର, ୦୬/୭(ନି.ପ୍ର): ଜଳେଶ୍ୱର ଥାନା ଅଂଚଳରେ ଦିନକୁ ଦିନ ଲୁଟ, ଛିନ୍‌ତାଇ ଓ ରାହାଜାନୀ ବଢି ଚାଲିଛି । ୧ ମାସ ମଧ୍ୟରେ ୨ଟି ବଡ ଛିନ୍‌ତାଇ ହୋଇଥିବା ବେଳେ ପୁଲିସ୍ ଅଭିଯୁକ୍ତ ମାନଙ୍କର ଟେର ପାଇପାରୁ ନାହିଁ । ଆଜି ଥାନାର ଅନତୀ ଦୂରରୁ ୨ ଦୃବୃତ୍ତ ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କ ଠାରୁ ୧ଲକ୍ଷ୮୦ହଜାର ଟଙ୍କା ଲୁଟ କରିବା ଏବେ ଆଲୋଚ୍ୟର ବିଷୟ ହୋଇଛି । ପଶ୍ଚିମବଂଗର ମୋହନପୁର ଥାନା ଅନ୍ତର୍ଗତ ଘୋଳେଇ ଗାଁର ବିନୟ ନାୟକ ନାମକ ଯୁବକ ଜଳେଶ୍ୱର ସହରର ଥାନା ନିକଟରେ ଥିବା ଏକ୍ସିବ୍ୟାଙ୍କରୁ ୧ଲକ୍ଷ୮୦ହଜାର ଟଙ୍କା ଉଠାଇ ନିଜ ଘରକୁ ଯିବାଲାଗି ବଡବଜାର ଛକଠାରେ ବସ୍‌କୁ ଅପେକ୍ଷା କରିଥିଲେ । କିନ୍ତୁ ଅଳ୍ପ ସମୟ ମଧ୍ୟରେ ଏକ କଳା ପଲ୍‌ସରରେ ବିନୟ ନାୟକଙ୍କ ଠାରେ ଚକ୍‌ର ମାରିଥିଲେ । ସମୟ ଉଣ୍ଡି ଟଙ୍କା ଥିବା ବ୍ୟାଗ୍ ଜୋର୍ ଜବରଦସ୍ତ ଛଡାଇ ନେଇ ଦୁର୍ବୃତ୍ତ ଦ୍ୱୟ ଘଟଣାସ୍ଥଳକୁ ଖସି ପଳାଇଥିଲେ । ଏ ସମ୍ପର୍କରେ ବିନୟ ନାୟକ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ୍ ସହରର କେତେକ ସିସି ଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି । ପ୍ରକାଶ ଯୋଗ୍ୟ ଏହା ପୂର୍ବରୁ ଜଳେଶ୍ୱର ଟାଉନ୍ ହାଇସ୍କୁଲ ସମ୍ମୁଖରୁ ଲକ୍ଷାଧିକ ଟଙ୍କା ଦୃବୃତ୍ତମାନେ ଛିନ୍‌ତାଇ କରିଥିଲେ । କେବଳ ଏତିକି ନୁହେଁ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଇଲାକାରେ ବାରମ୍ବାର ଛିନ୍‌ତାଇ, ଚୋରୀ, ବାଇକ୍, ଟ୍ରକ୍ ଅପହରଣ ଇତ୍ୟାଦି ହୋଇ ଆସୁଛି । ପ୍ରକାଶଯୋଗ୍ୟ ଜଳେଶ୍ୱର ସହରର ୟୁନାଇଟେଡ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ଓରିଏଣ୍ଟାଲ କମାର୍ସିଆଲ ବ୍ୟାଙ୍କ ରୁ ଛିନ୍‌ତାଇ ଓ ଚୋରୀ ହୋଇଥିଲା । ଏହା ସହିତ ସୁଗୋ, ୟୁକେ ବ୍ୟାଙ୍କ, କମର୍ଦ୍ଧା ଗ୍ରାମ୍ୟବ୍ୟାଙ୍କରୁ ଛିନ୍‌ତାଇ ଘଟଣାରେ ପୁଲିସ୍‌କୁ ସଫଳତା ମିଳିପାରି ନାହିଁ । ବଡ ବଡ ଘଟଣାକୁ ବାଦ୍ ଦେଲେ ବହୁ ଛିନ୍‌ତାୟୀ, ଲୁଟ୍ ଘଟଣାରେ ପୁଲିସ୍‌କୁ ସଫଳତା ମିଳିନଥିବାରୁ ଆଇନ୍‌ଶୃଙ୍ଖଳ ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି ।

# ବେଆଇନ ଜବରଦଖଲ ଉଚ୍ଛେଦ



ଲଙ୍ଗଳେଶ୍ୱର, ୦୬/୭(ନିପ୍ର) ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଦିନକୁ ଦିନ ସରକାରୀ ଜାଗା କୁ ଲୋକ ମାନେ ଜବରଦଖଲ କରିନେଇଛନ୍ତି। ଫଳରେ ଜନସାଧାରଣଙ୍କର ସମସ୍ୟା ବଢୁଛି। ଜବରଦଖଲ ଉଚ୍ଛେଦ ପାଇଁ ପଞ୍ଚୁପାଲି ଗ୍ରାମ ର ବିଜୟ ପରିଡା ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୋଗ କୁ ବିଚାର କରି ବାଲିଆପାଳ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଘଟଣା ରୁ ପ୍ରକାଶ ଶଙ୍କରପୁର ଗ୍ରାମର ଘନଶ୍ୟାମ ବାରିକ ସରକାରୀ ଜାଗା କୁ ଜବରଦଖଲ କରି ଘରକରି ରହୁଥିଲେ।ଆଜି ବାଲିଆପାଳ ତହସିଲଦାର ଙ୍କ ସମେତ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ତହସିଲଦାର ଦୀପକ୍ କୁମାର ଦାଶ, ଅତିରିକ୍ତ ତହସିଲଦାର ସ୍ୱାଧୀନ ମିଶ୍ର, ବରିଷ୍ଠ କିରାଣି ସୁଧୀର କୁମାର ଭଞ୍ଜ,ରାଜସ୍ୱ ନିରିକ୍ଷକ ମନୋଜ କୁମାର ଗିରି,ସୁପରଭାଇଜର ଜତିନ୍ କୁମାର ପାତ୍ର, ପଞ୍ଚୁପାଲି ଆରଆଇ ସୁରେଶ ଚନ୍ଦ୍ର ସିଂହ, ବଳରାମପୁର ଆର ଆଇ ଜଗନ୍ନାଥ ପାତ୍ର,ବୋଲଂ ଆର ଆଇ ଅଜିତ ହେମ୍ବ୍ରମ ପ୍ରମୁଖ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ଶାରଦା ପ୍ରସନ୍ନ ମୁଦୁଲି ସୁରକ୍ଷା ଦାୟିତ୍ୱ ରେ ଥିଲେ।

# ଜଳେଶ୍ୱରରେ ୮ ଏମ୍‌ଭିଏ ଟ୍ରାନ୍ସଫରମର ଉଦ୍‌ଘାଟିତ

ଜଳେଶ୍ୱର, ୦୬/୭(ନି.ପ୍ର) : ଆଜି ଜଳେଶ୍ୱର ସହରକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ଲାଗି ଏକ ୮ ଏମ୍‌ଭିଏ (ମେଗା ଭୋଲ୍ଟ ଏମ୍ପାୟାର) ଟ୍ରାନ୍ସଫରମର ଲୋକାର୍ପିତ ହୋଇଛି । ଫଳରେ ଜଳେଶ୍ୱର ସହର ଓ ସହରତଳି ଅଂଚଳରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ହୋଇ ପାରିବ । ଅନ୍ୟପକ୍ଷରେ ଜଳେଶ୍ୱର ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ କାର୍ଯ୍ୟାଳୟ ଅଧିନରେ ଥିବା ଜଳେଶ୍ୱର ଓ ଭୋଗରାଇ ବ୍ଲକ ମଧ୍ୟରୁ ହୁଗୁଳି ପଂଚାୟତକୁ ମଡେଲ ବିଜୁଳି ପଂଚାୟତଭାବେ ଘୋଷଣା କରାଯାଇଥିବା ଜଣାଯାଇଛି । ଜଳେଶ୍ୱର ସହରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ବହୁ ବର୍ଷପୂର୍ବରୁ ପ୍ରଚେଷ୍ଟା ଜାରି ରହିଥିବାରୁ ଅନ୍ୟ ପଂଚାୟତ ଅଂଚଳର ବିଦ୍ୟୁତ୍‌କାଟ କରି ସହରାଞ୍ଚଳକୁ ଯୋଗାଇ ଦିଆଯାଇ ଆସୁଥିଲା । କିନ୍ତୁ ଏଣିକି ଗ୍ରାମାଂଚଳକୁ ଅନ୍ଧକାରମୁକ୍ତ କରିବାଲାଗି ଏବଂ ସହରାଞ୍ଚଳକୁ ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ପୂର୍ବରୁ ଥିବା ୫ ଏମ୍‌ଭିଏ ଟ୍ରାନ୍ସଫରମର ବଦଳରେ ୮ ଏମ୍‌ଭିଏ ଟ୍ରାନ୍ସଫରମରକୁ ଜଳେଶ୍ୱର ପୌର ଅଧ୍ୟକ୍ଷ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜଳେଶ୍ୱରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ପୂର୍ବରୁ ଆଇପିଡିଏସ୍ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ସହରାଞ୍ଚଳର ବିଭିନ୍ନ ସମସ୍ୟା ଦୂର କରାଯାଇଥିଲେ ମଧ୍ୟ ଏବେ ୮ ଏମ୍‌ଭିଏ ଟ୍ରାନ୍ସଫରମର ଦ୍ୱାରା ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରିବ ବୋଲି କହୁଯାଇଛି । ଏଥିରେ ପୌରହିତ୍ୟ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ସୌମ୍ୟରଂଜନ ନାୟକ ୯୨ ଲକ୍ଷ ଟଙ୍କାରେ ଏପରି ଟ୍ରାନ୍ସଫରମର ସ୍ଥାପନ ହେବା ଦ୍ୱାରା ଜଳେଶ୍ୱର ବାସୀ ଉପକୃତ ହୋଇଛନ୍ତି ଓ ଭୋଗରାଇ ବ୍ଲକର ହୁଗୁଳି ପଂଚାୟତ ଓଡିଶା ସୀମାକୁ ଲାଗି ରହିଥିବା ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ସହରାଞ୍ଚଳଭାବେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ଗାଁରେ ଥିବା ରିଟଲରମାନେ ବିଦ୍ୟୁତ୍ ରାଜସ୍ୱ ଗ୍ରାହକଙ୍କ ଠାରୁ ଗ୍ରହଣ କରିପାରିବେ ବୋଲି କହିଥିଲେ । ଏହାକୁ ଅନୁଭବ କେନ୍ଦ୍ର କୁହାଯାଉଥିବା ସଂପର୍କରେ ଶ୍ରୀ ନାୟକ ସୂଚନା ଦେଇଥିଲେ ।

# ହିମାନୀ ଧଳ ଉପଖଣ୍ଡ ଓ ଦିପ୍ତିମୟୀଶ୍ରୀ ସାହୁ ନୀଳଗିରି ବ୍ଲକ ଟପ୍ପର



ନୀଳଗିରି, ୬/୭: ଆଜି ମାଟ୍ରିକ ଫଳାଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଉପଖଣ୍ଡ ଟପ୍ପର ଭାବେ ଔପଦା ବ୍ଲକ ଦରଖୋଲି ନୋଡାଲ ହାଇସ୍କୁଲର ଅନଙ୍ଗ କୁମାର ଧଳ ଙ୍କ କନ୍ୟା ହିମାନୀ ଧଳ ୫୮୩ ନମ୍ବର (୯୭% ରୁ ଉର୍ଦ୍ଧ୍ୱ )ରଖି ନୀଳଗିରି ଉପଖଣ୍ଡ ଟପ୍ପର ହୋଇଛନ୍ତି । ସେହିପରି ନୀଳଗିରି ବ୍ଲକସ୍ତରୀୟ ଟପ୍‌ପର ଭାବେ ବରହମପୁର ଅଂଚଳର ଦୀନବନ୍ଧୁ ନୋଡାଲ ହାଇସ୍କୁଲର ବିଶ୍ୱନାଥ ସାହୁଙ୍କ କନ୍ୟା ଦୀପ୍ତିମୟୀ ଶ୍ରୀ ସାହୁ ୫୭୯ନମ୍ବର (୯୬.୫%) ନମ୍ବର ରଖି ଅଂଚଳର ଗୌରବ ଅର୍ଜନ କରିଛନ୍ତି । ସୂଚନାଯୋଗ୍ୟ ନୀଳଗିରି ବ୍ଲକରେ ମୋଟ ୧୯୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୮୫୨ ଜଣ ଉତୀର୍ଣ୍ଣ ହୋଇଛନ୍ତି । ଏ୧ ରେ ୩୦ଜଣ, ଏ୨ ରେ ୧୪୭ଜଣ, ବି୧ ରେ ୩୫୩ଜଣ, ବି୨ ରେ ୪୮୬ଜଣ ଉତୀର୍ଣ୍ଣ ହୋଇଥିବା ବେଳେ ୬୮ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି । ବରହମପୁର ଦୀନବନ୍ଧୁ ନୋଡାଲର ଦୀପ୍ତିମୟୀ ଶ୍ରୀ ସାହୁ ୫୭୯ନମ୍ବର ରଖି ନୀଳଗିରି ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ୩୦ଜଣ ଏ୧ ମଧ୍ୟରୁଅଯୋଧା ନୋଡାଲ ହାଇସ୍କୁଲର ପୂର୍ଣ୍ଣସା ନାୟକ ୫୫୭ନମ୍ବର ରଖିଥିବା ବେଳେ ଜସ୍ମିନ ସ ୫୪୪, ରିତସ୍ମି ନାୟକ ୫୪୨, ରଖି ଏ୧ ରେ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବରହମପୁର ଦୀନବନ୍ଧୁ ନୋଡାଲ ହାଇସ୍କୁଲର ଦୀପ୍ତିମୟୀ ଶ୍ରୀ ସାହୁ ୫୭୯, ମନ୍ଦାକିନୀ ବେହେରା ୫୬୫, ବିଶ୍ୱଜିତ୍ ପାତ୍ର ୫୬୩, ଚିରଞ୍ଜିବୀ ସ ୫୪୮ ଏ ଗ୍ରେଡ୍ ପାଇଛନ୍ତି । ସଜନାଗଡ଼ ଭୂଧାରଚଣ୍ଡି ହାଇସ୍କୁଲ ର ସିମ୍ରନ ବିଶ୍ୱାଳ ୫୬୪ନମ୍ବର, ରାଜଲକ୍ଷ୍ମୀ ବାଗ ୫୫୧, ସମୀକ୍ଷା ସାହୁ ୫୪୮ ରଖି ଏ୧ ରେ ଉତୀର୍ଣ୍ଣ ହୋଇଛନ୍ତି । ମିତ୍ରପୁର ନୋଡାଲ ହାଇସ୍କୁଲରେ ପ୍ରିୟଦର୍ଶିନୀ ସ୍ୱାଇଁ ୫୭୫ ନମ୍ବର , ଚାଚାଜୀ ହାଇସ୍କୁଲର ଅମିତା କର ୫୬୯ ନମ୍ବର, ନିବ୍ୟଯା ଲକ୍ଷ୍ମୀ ସାହୁ ୫୫୩, ଅନୁଶ୍ରୀ ବେହେରା ୫୫୧, କାଂଶ ନୋଡାଲ ହାଇସ୍କୁଲର ଆହ୍ୱାନ କୁମାର ଜେନା ୫୫୪, ସତ୍ୟପ୍ରକାଶ ଦାସ ୫୪୪, ସ୍ୱନ୍ଦନ ନାୟକ ୫୫୧, ଅମର କୁମାର ନାୟକ ୫୪୫, ରତ୍ନାକର ଟାଉନ ହାଇସ୍କୁଲର ରାଜୀବ ମହାପାତ୍ର ୫୫୭, ପରମାର୍ଥ ବେହେରା ୫୫୪, ଦେବେନ୍ଦ୍ରଦିବ୍ୟ କୁମାର ବେହେରା ୫୫୧, ଚିନ୍ମୟ ବାରିକ ୫୪୮, ମନୀଷ କୁମାର ପ୍ରଧାନ ୫୪୫, ଶୁଭମ୍ ଜ୍ୟୋତି ବିନ୍ଧାଣୀ ୫୪୨ ରଖିଛନ୍ତି । ସେହିପରି କେ.ସି.ହାଇସ୍କୁଲରେ ମୋଟ ୬ଜଣ ଛାତ୍ର ଏ୧ ପାଇଥିବା ବେଳେ କୌଶିକ ପ୍ରଧାନ ୫୭୩, ସ୍ୱେତାସିଗ୍ଧା ମହାରଣା ୫୬୬, ଅଭିଜିତ୍ ମହାପାତ୍ର ୫୬୦ ନମ୍ବର, କିରଣ୍‌ଜ୍ୟୋତି ପଣ୍ଡା ୫୫୨, ଇପସିତା ମହାନ୍ତି ୫୪୮, ଲକ୍ଷାଜିତ୍ ମହାନ୍ତି ୫୪୦ ରଖିଛନ୍ତି । ସେହିପରି ନୀଳଗିରି ଶିଶୁ ମନ୍ଦିରର ମୋଟ ୭ଜଣ ଏ୧ ପାଇଥିବା ବେଳେ ସେଥିମଧ୍ୟରୁ ମୋନାଲୀ ମନସ୍ମିତା ରାଉତ ୫୬୧, ଅନନ୍ୟା ପୃଷ୍ଟି ୫୫୭, ଜୟଜଗଦିଶ୍ ପାତ୍ର ୫୫୫, କ୍ଷିତୀଶ ରଂଜନ ବାରିକ, ୫୫୧, ଦିବ୍ୟଜ୍ୟୋତି ସେଠୀ ୫୪୮, ରାଜଶ୍ରୀ କର ୫୪୪, ସତ୍ୟଜିତ୍ ନାୟକ ୫୪୩ ରଖିଛନ୍ତି । ଏ୨ରେ ୧୭ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ବି୧ରେ ୫ଜଣ ଏବଂ ବି୨ରେ ଜଣେ ଛାତ୍ର ଉତୀର୍ଣ୍ଣ ହୋଇ ଶତପ୍ରତିଶତ ପାସ୍ କରିଥିବା ଜଣାପଡ଼ିଛି ।

# ବାଲେଶ୍ୱର ଜିଲ୍ଲାର ମାଟ୍ରିକ ପାସହାର ୯୦.୬୯ ପ୍ରତିଶତ

ବାଲେଶ୍ୱର,୦୬/୦୭ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ମ୍ୟାଟ୍ରିକ୍ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ସମଗ୍ର ରାଜ୍ୟରେ ପାସ ହାସ ୯୦.୫୫ ପ୍ରତିଶତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ପାସହାର ୯୦.୬୯ ପ୍ରତିଶତ ଛୁଇଁବା ସହ ସମଗ୍ର ରାଜ୍ୟରେ ଦଶମ ସ୍ଥାନରେ ରହିଛି । କଟକ ସ୍ଥିତ ବୋର୍ଡ଼ ମୁଖ୍ୟାଳୟଠାରେ ଦିବା ୧ଟାରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ହେବା ପରେ ଏହା ଇଣ୍ଟରନେଟ ମାଧ୍ୟମରେ ଉପଲବ୍ଧ ହୋଇଥିଲା । ଫଳାଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ କମ୍ପ୍ୟୁଟର ଏବଂ ମୋବାଇଲ ମାଧ୍ୟମରେ ଏହି ପରୀକ୍ଷା ଫଳ ପାଇଥିଲେ । ଏ ନେଇ ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ ଉତ୍ସୁକତା ପରିଲକ୍ଷିତ ହୋଇଥିଲା । ଚଳିତ ବର୍ଷ ବାଲେଶ୍ୱର ଜିଲାରେ ମୋଟ ୫୨୧ ଟି ବିଦ୍ୟାଳୟରୁ ୧୬୮ ଟି କେନ୍ଦ୍ରରେ ମୋଟ ୩୨ ହଜାର ୭୧୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସର୍ବୋମୋଟ ୨୯ହଜାର ୬୬୪ ଜଣ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି । ଏଥିରୁ ଏ-୧ବର୍ଗରେ ୧୫୦୩, ଏ-୨ରେ ୭୨୦୧, ବି-୧ରେ ୮୩୮୭, ବି-୨ରେ ୬୩୮୨, ସି-ରେ ୩୮୪୧ , ଡି-ବର୍ଗରେ ୧୯୧୦ ଏବଂ ଇ - ବର୍ଗରେ ୪୪୦ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ୨୫୮ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁପ୍ରସାଦ ସୂତାର ସୂଚନା ଦେଇଛନ୍ତି । ଜଳେଶ୍ୱର ଟାଉନ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱରୂପା ଜେନା ମୋଟ ୫୯୪ନମ୍ବର ଅର୍ଥାତ ୯୯ ପ୍ରତିଶତ ନମ୍ବର ରଖି ସମଗ୍ର ଜିଲାରେ ଟପର ହୋଇଛନ୍ତି । ତେବେ ଚଳିତ ବର୍ଷ ପରୀକ୍ଷାରେ ମୋଟ ୧୪,୫୬୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫,୦୯୯ ଜଣ ଛାତ୍ରୀ ସଫଳତା ହାସଲ କରିଛନ୍ତି । ସମଗ୍ର ଓଡ଼ିଶାରେ ୯୦.୬୯ ପ୍ରତିଶତ ପାଇ ବାଲେଶ୍ୱର ଶିକ୍ଷା ଜିଲ୍ଲା ଦଶମ ସ୍ଥାନରେ ରହିଥିଲେ ହେଁ ଏ-୧, ଏ ଓ ବି-୧ ବର୍ଗରେ ପାସ ସଂଖ୍ୟା ହିସାବରେ ସମଗ୍ର ରାଜ୍ୟରେ ବାଲେଶ୍ୱର ପ୍ରଥମ ସ୍ଥାନରେ ରହିଛି । ଏହା ସହିତ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ୭୮.୩୮ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି ଯାହାକୁ ସମଗ୍ର ରାଜ୍ୟରେ ସର୍ବାଧିକ ।

# ମୁରଲୀମୋହନ ସାହୁ ମଧୁପୁରା ସେବା ସମବାୟ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ



ବାଲିଆପାଳ, ୦୬/୦୭ (ନି.ପ୍ର): ବାଲିଆପାଳ ବ୍ଲକରେ ଥିବା ୧୬ଟି ସେବା ସମବାୟ ସମିତି ମଧ୍ୟରୁ ୯ଟି ସେବା ସମବାୟ ସମିତିର ସଭାପତି ନିର୍ବାଚନ ପାଇଁ ଆଜି ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ମଧୁପୁରା ସେବା ସମବାୟ ସମିତିର ସଭାପତି ନାମାଙ୍କନ ପ୍ରକ୍ରିୟାରେ କୌଣସି ବିରୋଧୀ ନାମାଙ୍କନ ନ କରିବା ଯୋଗୁଁ ମଧୁପୁରା ଗ୍ରାମପଂଚାୟତର ପୂର୍ବତନ ସରପଂଚ ମୁରଲୀମୋହନ ସାହୁ ନିର୍ଦ୍ୱନ୍ଦରେ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଆଜିର ଏହି ସଭାପତି ନିର୍ବାଚନ ପ୍ରକ୍ରିୟାରେ କଂଗ୍ରେସ ନେତା ବିଜନ ନାୟକ,ପୂର୍ବତନ ସମିତି ସଦସ୍ୟ ଶ୍ରୀଧର ବିଶ୍ୱାଳ, ଦେଉଳା ସରପଂଚ ସରୋଜ କୁମାର ପିଳା, କଂଗ୍ରେସ ନେତା ରବିନାରାୟଣ ମହାନ୍ତି, ସେବା ସମବାୟ ପୂର୍ବତନ ସଂପାଦକ ଗୌରାଙ୍ଗ ବିଶ୍ୱାଳ, ନାଏବ ପ୍ରଦୀପ ବେହେରା, ମଧୁପୁରା ସମିତି ସଦସ୍ୟ ସୁଶାନ୍ତ ସେଠୀ ସମେତ ସେବା ସମବାୟ ସମିତିର ସମସ୍ତ ନିର୍ବାଚିତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । କଂଗ୍ରେସ ନେତା ମାନେ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ ।

# ନାରଣସାହିର ଦୁଃଖ : ଜବକାର୍ଡ଼ ନଥିବା ଯୋଗୁଁ ମିଳୁନାହିଁ କାମ



ଉଦଳା, ୦୬/୦୭ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାରଣସାହିରେ ୩୨ ଗୋଟି ପରିବାର ବସବାସ କରୁଛନ୍ତି । ଉକ୍ତ ସାହିର ଲୋକ ସଂଖ୍ୟା ୧୫୦ରୁ ଅଧିକ ତେବେ ଗ୍ରାମବାସୀ ମାନେ ସରକାର ଯୋଗାଇ ଦେଉଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ପାଇବା ପାଇଁ ଆଗ୍ରହୀ ଅଛନ୍ତି । କିନ୍ତୁ ପଞ୍ଚାୟତ ତରଫରୁ ଏହି ଗ୍ରାମର କୌଣସି ଗୋଟିଏ ହେଲେ ପରିବାରକୁ ଜବ କାର୍ଡ଼ ପ୍ରଦାନ କରାଯାଇ ନାହିଁ । ଏ ବାବଦରେ ଗ୍ରାମବାସୀ ମାନେ ବାରମ୍ବାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ମଧ କୌଣସି ସୁଫଳ ମିଳିନଥିବାରୁ ଅଭିଯୋଗ କରିଛନ୍ତି ।

# ମୁକ୍ତ ଆକାଶ ତଳେ ବିତୁଛି ମୈତ୍ରିଙ୍କ ଜୀବନ



ଉଦଳା, ୦୬/୦୭ (ନି.ପ୍ର): ଏହା କେଉଁ ଗାଳ୍ପିକଙ୍କ ଗଳ୍ପ ନୁହେଁ କିମ୍ବା ମନଗଢ଼ା କଥା ଆଦୌ ନୁହେଁ, ଏହାର ବାସ୍ତବ ଚିତ୍ର ଦେଖିବେ ତ ଆପଣ ମୟୂରଭଞ୍ଜର କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମକୁ ଆସନ୍ତୁ । ଏଠାରେ ମୈତ୍ରି ପାତ୍ର ନାମକ ଜଣେ ମହିଳା ଆଜକୁ ୨୦ ବର୍ଷ ଧରି ମୁକ୍ତ ଆକାଶ ତଳେ ଏକାକି ଜୀବନ ବିତାଉଛନ୍ତି । ଭିକ୍ଷା ବୃତ୍ତି କରି ମିଳୁଥିବା ଅର୍ଥ ଓ ଚାଉଳରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ଶୁଣିବାକୁ ମିଳେ ମୈତ୍ରିଙ୍କ ପିତା ୰ କନ୍ଦ ପାତ୍ରଙ୍କର ୨ ଜଣ ସହଧର୍ମିଣୀ ଥିଲେ । ମୈତ୍ରି ଦ୍ୱିତୀୟ ସ୍ତ୍ରୀଙ୍କର କନ୍ୟା ହୋଇଥିବାରୁ ତାଙ୍କୁ ପ୍ରଥମ ସ୍ତ୍ରୀଙ୍କର ପୁଅ ଝିଅ ମାନେ ଆଡ଼ ଆଖିରେ ଦେଖୁଥିଲେ । ତେବେ କନ୍ଦ ପାତ୍ରଙ୍କର ଦେହାନ୍ତ ପରେ ମୈତ୍ରି କୁଆଡ଼େ ସମ୍ପତ୍ତିରୁ ଭାଗ ନେବ ତେଣୁ ପ୍ରଥମ ସ୍ତ୍ରୀ ଓ ପୁଅ ଝିଅ ମାନେ ଚକ୍ରାନ୍ତ କରି ସବୁ ସମ୍ପତ୍ତିକୁ ବିକ୍ରୟ କରି ଗାଁ ଛାଡ଼ି ଚାଲିଗଲେ । କିଛି ଦିନ ପରେ ଦ୍ୱିତୀୟ ସ୍ତ୍ରୀ ଅର୍ଥାତ ମୈତ୍ରିଙ୍କ ମା' ପାର୍ବତୀଙ୍କର ମଧ ଦେହାନ୍ତ ହୋଇଗଲା । ସେବେଠାରୁ ମୈତ୍ରି ଏକାକି ମୁକ୍ତ ଆକାଶ ତଳେ ଭିକ୍ଷା ବୃତ୍ତି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ମୈତ୍ରିଙ୍କୁ ବର୍ତ୍ତମାନ ବୟସ ୪୦ ଛୁଇଁଲାଣି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ମୈତ୍ରିଙ୍କୁ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ସାହାଯ୍ୟ ମିଳୁନାହିଁ । କେବଳ ଭଗବାନଙ୍କୁ ଭରସା କରି ସେ ଦିନ ବିତାଉଛନ୍ତି ।

# ଦେଓ ନଦୀର ପୋଲ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଗୃହରେ ଉଦବେଗ

ଭୁବନେଶ୍ୱର,୦୬/୦୭ (ନି.ପ୍ର): ମୟୁରଭଂଜ ଜିଲ୍ଲାରେ ଉଦଳା ନିକଟରେ ଦେଓ ନଦୀର ପୋଲ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଏହା ଉପରେ ଦୃଷ୍ଟି ଦେଇ ଏହାର ମରାମତି ଶୀଘ୍ର କରାଇବାକୁ ଦାବି କରିଛନ୍ତି ବିଜେପି ବିଧାୟକ ଭାସ୍କର ମଢେଇ । ଆଜି ଶୂନ୍ୟକାଳରେ ଶ୍ରୀ ମଢେଇ ଏହି ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି ଯେ ଗତ ୧୦ -୧୫ ଦିନ ତଳେ ଏହି ପୋଲ ଧସି ଯାଇଛି ଓ ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ରହିଛି । ଏହି ପୋଲକୁ ମୟୁରଭଂଜ, କେନ୍ଦୁଝର ଓ ବାଲେଶ୍ୱରର ଲୋକ ମାନେ ବ୍ୟବହାର କରିଥାନ୍ତି । ତେଣୁ ଏହା ଉପରେ ଦୃଷ୍ଟି ନ ଦିଆ ଗଲେ ଅଘଟଣ ଘଟିବାର ଆଶଙ୍କା ରହିଛି । ଏହି ପୋଲକୁ କୌଣସି କ୍ଷତି ଘଟିଲେ ଆଖପାଖର ଲୋକ ମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି ହେବ । ତେଣୁ ଏହା ଉପରେ ଦୃଷ୍ଟି ଦେଇ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

# କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ,୦୬/୦୭ (ନି.ପ୍ର): ଭଦ୍ରକ ବ୍ଲକ, ଦୈସିଂ ଗ୍ରାମ ପଞ୍ଚାୟତର କୁସୁନଗର କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା, ଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ, ଘନଶ୍ୟାମ ସାହୁ, ଅଶ୍ୱିନୀ କୁମାର ପୁହାଣ ଓ କର୍ମଚାରୀ ପ୍ରତିଜ୍ଞା ପଣ୍ଡା, ଟି. ବିଜୟା, ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ଜେନା, ସବିତା ଘଡେଇ ଏବଂ ଅଙ୍ଗନୱାଡି କର୍ମୀ ପ୍ରଜ୍ଞାପରମିତା ନାୟକ ପ୍ରମୁଖଙ୍କ ସହ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଶ୍ୟାମା ପ୍ରସାଦ ମୁଖାର୍ଜୀ ଜୟନ୍ତୀ ପାଳିତ

ବାଲେଶ୍ୱର,୦୬/୦୭ (ନି.ପ୍ର): ସଦର ବିଜେପି ପକ୍ଷରୁ ଭାରତୀୟ ଜନସଂଘର ପ୍ରତିଷ୍ଠାତା ତଥା ରାଷ୍ଟ୍ରବାଦୀ ନେତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ ଦତ୍ତଙ୍କ ସମେତ ବରିଷ୍ଠ ନେତା ଗୌରାଙ୍ଗ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ବଇଁଚା ସରପଞ୍ଚ ରବିନାରାୟଣ ପ୍ରଧାନ, ଶ୍ରୀନିବାସ ମହାଲିକ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ରାଜେନ୍ଦ୍ର ଚାଟାର୍ଜୀ, ଭୀମକାନ୍ତ ତରେଇ, ଅଶୋକ ଖଟୁଆ, ପବନ କମିଲା, ପ୍ରତାପ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ରାଷ୍ଟ୍ରବାଦୀ ନେତାଙ୍କ ଜୀବନାଦର୍ଶ ଓ ଦେଶପ୍ରୀତିକୁ ମନେ ପକାଇଥିଲେ । ଦେଶବାସୀଙ୍କ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ କରିବା ଏବଂ ରାଷ୍ଟ୍ରୀୟ ଏକତା ତଥା ଅଖଣ୍ଡତା ବଜାୟ ରଖିବାରେ ଯାହାଙ୍କ ନାମ ସର୍ବାଗ୍ରେ ଆସେ ସେ ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜୀ ବୋଲି ବକ୍ତାମାନେ କହିଥିଲେ । ତାଙ୍କ ଆଦର୍ଶ ଓ ସଂଗ୍ରାମ ଭାରତୀୟ ରାଜନୈତିକ ଆକାଶରେ ଏକ ଅଲିଭା ଚିହ୍ନ ଛାଡିଯାଇଛି । ବଙ୍ଗ ବିଭାଜନ ବେଳେ ଭାରତର ସ୍ୱାର୍ଥ ଓ ଅଧିକାର ସୁରକ୍ଷା ପାଇଁ ସେ ଥିଲେ ଜଣେ ସଂଫଳ ସଂଗ୍ରାମର ଧ୍ୱଜାଧାରୀ । ଶ୍ୟାମାପ୍ରସାଦ ଜମ୍ମୁ ଓ କାଶ୍ମୀରର ବାସ୍ତବ ସମସ୍ୟା ଭଲ ଭାବେ ହୃଦୟଙ୍ଗମ କରିବା ସହ ତାହାର ସମାଧାନ ଦିଗରେ ଦୃଢ ସ୍ୱର ଉତ୍ତୋଳନ କରିଥରଲେ ।

# ଅଲାଲପୁର ସେବା ସମବାୟ ସମିତିର ସଭାପତିଙ୍କ ଶପଥ ଗ୍ରହଣ

ଜଳେଶ୍ୱର, ୦୬/୭(ନି.ପ୍ର) : ଜଳେଶ୍ୱର ବ୍ଲକରେ ଥିବା ୧୯ଟି ସେବା ସମବାୟ ସମିତି ମଧ୍ୟରୁ ସର୍ବବୃହତ ଅଲାଲପୁର ସେବା ସମବାୟ ସମିତିର ନୂତନ ସଭାପତିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଆଜି ଅପରାହ୍ନରେ ସମସ୍ତ ଡାଇରେକ୍ଟର ମାନଙ୍କୁ ସ୍ୱାଗତ କରାଯିବା ପରେ ସଭାପତି ଶପଥ ଗ୍ରହଣ କରିଥିଲେ । ୧ ନଂ ଜୋନ୍‌ର ଡାଇରେକ୍ଟର ତଥା ସଭାପତି ପ୍ରାର୍ଥୀ ସଂଜୀବ ପାତ୍ର ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ୨ନଂ ଜୋନର ଉମାଶଂକର ମହାପାତ୍ର, ୩ନଂ ଜୋନ୍‌ର ଜୟନାରାୟଣ ଦାସ, ୪ନଂ ଜୋନ୍‌ର ସୌରୀକୁମାର ପାତ୍ର, ୫ନଂ ଜୋନ୍‌ର ସର୍ବେଶ୍ୱର ପରିଡା, ୬ନଂ ଜୋନ୍‌ର ବିଶ୍ୱତୋଷ ପ୍ରଧାନ, ୭ନଂ ଜୋନ୍‌ର ଅଜୟ ପ୍ରଧାନ, ୮ନଂ ଜୋନ୍‌ର ଧ୍ରୁବଚରଣ କୁଣ୍ଡ, ୯ନଂ ଜୋନ୍‌ର ସାବିତ୍ରୀ ଚନ୍ଦ, ୧୦ନଂ ଜୋନ୍‌ର ରବିନ୍ଦ୍ର କୁମାର ଜେନା, ୧୧ନଂ ଜୋନ୍‌ର ଅଜୟ ପ୍ରଧାନ, ୧୨ନଂ ଜୋନ୍‌ର ସମରେନ୍ଦ୍ର ପରିଡା, ୧୩ନଂ ଜୋନ୍‌ର ଗଜେନ୍ଦ୍ର ଘଡାଇ, ୧୪ନଂ ଜୋନ୍‌ର ପଂକଜ କୁମାର ଗିରି, ୧୫ନଂ ଜୋନ୍‌ର ସଂଗିତା ପ୍ରଧାନ ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ । ଯୁବ ସଭାପତି ସଂଜିବ ପାତ୍ର ଏହି ସମବାୟ ସମିତିକୁ ଆଦର୍ଶ ସେବା ସମବାୟ ସମିତିରେ ପରିଣତ କରିବେ ବୋଲି ଉତ୍ତରରେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଜେନା, ପ୍ରଦୀପ ପ୍ରଧାନ, ଜୟନ୍ତ ପଣ୍ଡା, ରବିନ୍ଦ୍ର ଜେନା, ଭବତାରଣ ପରିଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ସୁଗୋ ପଂଚାୟତ ପକ୍ଷରୁ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେବା ସମବାୟ ସମିତିର ସଂପାଦକ ଯାଦବେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

# ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ଭଦ୍ରକ, ୦୬/୦୭ (ନି.ପ୍ର): ଐତିହ ସଂପର୍ଣ୍ଣ ଓଡିଶାର ଦ୍ୱିତୀୟ ସର୍ବବୃହତମ ମହାବିଦ୍ୟାଳୟ ଭଦ୍ରକ କଲେଜର ଆଜି ଥିଲା ୭୫ ତମ ପ୍ରତିଷ୍ଠା ଦିବସ । କଲେଜର ହୀରକ ଜୟନ୍ତି ସମାରୋହ ବର୍ଷ ବ୍ୟାପି ପାଳିତ ହେବାକୁ ସିଦ୍ଧାନ୍ତ ହୋଇଥିବା ବେଳେ ଆଜି ପ୍ରତିଷ୍ଠା ଦିବସରେ ମାନ୍ୟବର ବିଧାୟକ ସଂଜିବ ମଲ୍ଲିକ, ପୌରପାଳିକା ଅଧ୍ୟକ୍ଷ ଗୁଲମକ୍କି ହବିବ, ପୁରାତନ ଛାତ୍ର ସଂସଦ ସଂପାଦକ ଅଜୟ ନାୟକ, ସଭାପତି ଡ.ଦେବେନ୍ଦ୍ର ରାଉତ ,ପୁରାତନ ଛାତ୍ର ପ୍ରଫେସର ସୈଳେନ୍ଦ୍ର ମହାପାତ୍ର,ଡାକ୍ତର ଦୁର୍ଯ୍ୟୋଧନ ଦାସ,ଶିକ୍ଷୟତ୍ରୀ ସୁରଜିତା ନାୟକ, ବିଜେପି ନେତା ପ୍ରଦୀପ ନାୟକ, ଛାତ୍ର ନେତା ତଥାଗତ ସାମଲ, ଅଧିବକ୍ତା ଦିବ୍ୟସିଂ ନାୟକ,ଅଧିବକ୍ତା ଗିରିଧାରି ନାଥ,ଅଗଣି ଜେନା,ଅଧିବକ୍ତା ଗଦାଧର ବଳ,ପବନ ଶର୍ମା, ପଙ୍କଜ ବଳ,ଅମରେନ୍ଦ୍ର ବିଶ୍ୱାଳ,ପ୍ରକାଶ ଜ୍ୟୋତି ମହାକୁଡ, ଜ୍ୟୋତି ପ୍ରକାଶ ମହାନ୍ତି,ସ୍ୱାଧିନ ସୁନ୍ଦର ଦାସ, ଶରତ ପଡିହାରି ପ୍ରମୁଖ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ବର୍ଷ ବ୍ୟାପି ମହୋତ୍ସବର ଶୁଭ ଉଦଘାଟନ କରିଥିଲେ । ଭଦ୍ରକ କଲେଜ ଓଡିଶାର ୨ୟ ବୃହତମ କଲେଜ ହୋଇଥିଲେ ମଧ ବିଶ୍ୱ ବିଦ୍ୟାଳୟ ମାନ୍ୟତା ନ ମିଳିବା କ୍ଷଭର ବିଷୟ ବୋଲି ପ୍ରାରମ୍ଭିକ ସୂଚନା ଦେଇ ସଂପାଦକ ଅଜୟ ନାୟକ ତୁରନ୍ତ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବାକୁ ସରକାରଙ୍କ ନିକଟରେ ଦାବି ରଖିଥିଲେ । କଲେଜ ଅଧ୍ୟକ୍ଷ ସୁବୋଧ ମିଶ୍ର ସଭା ପରିଚାଳନା କରିଥିଲେ । ପୁରାତନ ଛାତ୍ର ରାକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ୰ ହରେକୃଷ୍ଣ ମହତାବ,୰ ନରେନ୍ଦ୍ର ଦାସ,୰ ଛକଡି ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସାରିବା ପରେ,ପତାକା ଉତ୍ତୋଳନ କରା ଯାଇଥିଲା, ପରେ କଲେଜ ପରିସରରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଥିଲା । ଭଦ୍ରକ କଲେଜର ପୁରାତନ ଛାତ୍ର ତଥା ବିଜେପି ନେତା ମନମୋହନ ସାମଲ ଯୋଗ ଦେଇ ରକ୍ତଦାନ ଶିବିରର ସଫଳତା କାମନା କରିଥିଲେ । ଭଦ୍ରକ ମହା ବିଦ୍ୟାଳୟର ହୀରକ ଜୟନ୍ତୀ ଆସନ୍ତା ନଭେମ୍ବର ମାସରେ ୩ ଦିନ ବ୍ୟାପି ପାଳିତ ହେବ,ଏଥିରେ ରାଜ୍ୟର ସମସ୍ତ ପୁରାତନ ଛାତ୍ର ଉପସ୍ଥିତ ରହିବାକୁ ବିଧାୟକ ଅନୁରୋଧ କରିବା ସହ ସାଫଲ୍ୟ ମଣ୍ଡିତ କରିବାକୁ ନିବେଦନ କରିଛନ୍ତି ।ପ୍ରାରମ୍ଭରେ ସୁରେନ୍ଦ୍ର ଗାହାଣଙ୍କ ନେତୃତ୍ୱରେ ବୃନ୍ଦାବନ କଳାକୁଞ୍ଜର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଶେଷରେ ଅଭିଜିତ ମଜୁମଦାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ମାଟ୍ରିକ୍ ପାସ୍ କଲେ ଫୁଲବାଣୀ ବିଧାୟକ

କନ୍ଧମାଳ/ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି । ବିଧାୟକ କହଁର ୭୨ ପ୍ରତିଶତ ମାର୍କ ରଖି ବି-୧ ଗ୍ରେଡ଼ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି । ବିଧାୟକ ଅଙ୍ଗଦ କହଁର ମୋଟ୍ ୩୬୪ ମାର୍କ ରଖି ସଫଳତା ହାସଲ କରିଛନ୍ତି । ଚଳିତ ୨୦୨୨ ଏସଆଇଓଏସରେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ମାଟ୍ରିକ୍ ପରୀକ୍ଷାରେ ପାସ୍ ହେବା ପରେ ବିଧାୟକ କହଁର ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେ ଆଗକୁ ମଧ୍ୟ ପାଠପଢା ଜାରି ରଖିବେ ବୋଲି କହିଛନ୍ତି ।

# ସମ୍ମାନୀତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଉନ୍ନତ ମାନର ଚିନା ବାଦାମ, ମକା, ହରଡ ଆଦି ବିହନ ବଣ୍ଟନ



ବାରିପଦା, ୦୬/୦୭ (ନି.ପ୍ର): ସମ୍ମନୀତ ଆଦିବାସୀ ଉନ୍ନୟନ ସଂସ୍ଥା, ବାରିପଦାଙ୍କ ଦ୍ୱାରା ମିଶନ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୨-୨୩ ଖରିଫ ଚାଷ ନିମନ୍ତେ ବିଭିନ୍ନ ବ୍ଲକରେ ଆଦିବାସି ଚାଷି ମାନଙ୍କୁ ନିମ୍ନଲିଖିତ ତାରିଖ ଅନୁସାରେ ଉନ୍ନତ ମାନର ମୁଞ୍ଜି ଯଥା-ଚିନା ବାଦାମ, ମକା, ହରଡ ଓ ମିଠାମକା ମଞ୍ଜି ଯୋଗାଇ ଦିଆଯାଉଅଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମନୀତ ଆଦିବାସୀ ଉନ୍ନୟବ ସଂସ୍ଥା, ବାରିପଦାଙ୍କ ତରଫରୁ ପ୍ରକଳ୍ପ ପ୍ରଶାସକ, ପ୍ରକଳ୍ପ ପରିଚାଳକ, ବିଷୟବସ୍ତୁ ବିଶେଷଜ୍ଞ ଓ ଜୀବିକା ଅଧିକାରୀ ମାନେ ଉପସ୍ଥିତ ରହି ଚାଷି ଭାଇ ଓ ଭଉଣୀମାନଙ୍କୁ ମଞ୍ଜି ବଣ୍ଟନ କରୁଛନ୍ତି । ଏହି କାର୍ଯ୍ୟକ୍ରମ ୩୦.୦୬.୨୦୨୨ରିଖରୁ ଆରମ୍ଭ ହୋଇ ଯଥାକ୍ରମେ ଶୁଳିଆପଦା, କୁଳିଅଣା, ବାରିପଦା, ରାସଗୋବିନ୍ଦପୁର, ଏବଂ ତା.୦୧.୦୭.୨୦୨୨ ରିଖରୁ ତା.୦୪.୦୭.୨୦୨୨ ବାରିପଦା, ରାସଗୋବିନ୍ଦପୁର, ଶୁଳିଆପଦା ଓ ଶାମାଖୁଣ୍ଟା ଆଦି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୪୨୭୦ଜଣ ଆଦିବାସୀ ଚାଷିଙ୍କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo